ସାତ ଦିନ ସାତ ରାତି ବୃଦ୍ଧ ନରପତି
ନିଶ୍ଚଳ, ନୀରବ, ସ୍ଥାଣୁ ପରି ବସିଛନ୍ତି ।
ବସିଛନ୍ତି ସର୍ବେ ତାହା ନେତ୍ରେ ନାହିଁ ନୀର,
ଦିବା ନିଶି ଭେଦ କରି ନ ପାରନ୍ତି ସ୍ଥିର ।
ହତଜ୍ଞାନେ ଛନ୍ତି ରାଜପୁର ସର୍ବପ୍ରାଣୀ,
ନିଦ୍ରିତ ବା ଜାଗରିତ ନ ପାରନ୍ତି ଜାଣି ।
ସାତ ଦିନ ଅନ୍ତେ ରାଜା ପାଶେ ପ୍ରଜାବତୀ
ବୋଇଲେ, 'ହା ନାଥ ! କିବା ଘଟିଲା ଦୁର୍ଗତି ?
(ସିଦ୍ଧାର୍ଥ ସନ୍ନ୍ୟାସୀ, ବନବାସୀ, ଏହା ଶୁଣି
କାନ୍ଦିଲେ ବଜଲେ ମାଥା ବାତୁଳ ବାତୁଳ ।)
ଯନା କରିଥିଲୁଁ ଦୁଇଜଣ ରୁହାକାଳେ,
କରୁଣ ଲଗାଇ ପୁଅ ଗଲୁ ସିନା ଗଲେ,
ମୋର ସିଦ୍ଧାର୍ଥ ରେ !
ଅପା ମାୟା ଦେବୀ ମୋର ବଡ଼ ଭାଗ୍ୟବତୀ !
ନିଶ୍ଚିନ୍ତରେ ସ୍ୱର୍ଗେ ବସିଛନ୍ତି ସାଧ୍ୱୀ ସତୀ,
ମୋର ଭଗିନୀ ଗୋ !
ମୁଁ ପାପିଷ୍ଠା ପୋଡ଼ିମଲି ଦାରୁଣ ଅନଳେ,
ଚାହିଁଗଲୁ ସିଦ୍ଧାର୍ଥରେ ଝୁରାଇ ସକଳେ,
ଦୁଃଖିସଙ୍ଖାଳ ରେ !
ଯେ ବାଟରେ ଗଲୁ ପୁଅ, ଯିବି ସେହି ପଥେ,
ଦେଶ ଦେଶାନ୍ତରେ ଭ୍ରମି ଭେଟିବି କି ସତେ !
ହସ୍ତ ରତନ ରେ !
ପୁଣି ହସ୍ତେ ରାଜ୍ୟଭାର ଦେଇ ବେନିଜନେ
ଯିବୁଁ ବାନପ୍ରସ୍ଥେ ଏହା ଭାବିଥିଲୁଁ ମନେ,
ଅନ୍ଧଲଉଡ଼ି ରେ !

ନୟନପିତୁଳ ମୋର ଦହ୍ନୁମୂରତନ,
ଝୁରୁଥିବୁଁ ବସି ଘରେ ପିତା ବେଦନଜନ,
ରଙ୍କରତନ ରେ !
ବୃଦ୍ଧାକାଳେ ପାଇଥିଲୁଁ କେତେ ତପସ୍ୟାରେ,
ମାୟା କାଟି ଗଲୁ ଗୃହ ନ ଚାହିଁଲୁ ବାରେ,
ଦୁଃଖିପଝାଳ ରେ !
ହୃଦୟ ଶୋଣିତଧାରା, ନୟନର ତାରା,
କୁଳର ଭୂଷଣ ମୋର ଗଳାକଣ୍ଠିହାରା,
କୁଳମାଣିକ ରେ !
ଶିରୀଷକୁସୁମ ଦେହ ନବନୀତ ବଳ,
ଗୋପା ବହୂଟିକୁ ପିତା ଦେଲୁ ପଦେ ଦଳ,
ନେତ୍ରଦିହୁଲ ରେ !
ଧନ ଧାନ୍ୟ ପରିପୂର୍ଣ୍ଣ ରତନଭଣ୍ଡାର,
ଏଡ଼ା ଛୋଡ଼ ବନା ପିତା ସକଳ ଅନ୍ଧାର,
କୁଳଚନ୍ଦ୍ରମା ରେ !
ଗଲାବେଳେ କଥା ପଦେ ନ ବୋଇଲୁ ବାପ,
ପୂର୍ବ ଜନ୍ମେ ମୁଁ ପାପିଷ୍ଠା କେତେ କଲି ପାପ,
ଶାକ୍ୟଭରସା ରେ !
ଏହା କି ମୋ ଲଲାଟରେ ଲେଖିଥିଲେ ବିଧି,
ପଣନ୍ତ କାନରୁ ଫିଟି ହଜି ଯିବ ନିଧି,
କୃପାବାରିଧି ରେ !
କାହୁଁ କାଲ ନଦ ମୋତେ ଅସିଥିଲୁ ମାଡ଼,
ବେଳ ଭଣ୍ଡି ବାପ ପିତା ପଳାଇଲୁ ଛାଡ଼,
ଜୀବଜୀବନ ରେ !

ବୋଇଲେ ଗଦ୍‌ଗଦ ସ୍ୱରେ ଖେଦେ ନରପତି,
ବିଳାପ କରୁଛ ବୃଥା ପିନା ଅଗୋ ସତି !
ମାନବ କି ଶକ୍ତି ପାରେ ବିଧାତା ନିର୍ବନ୍ଧ ?
ସମ୍ଭାଳି ପାରେ କି ସିନ୍ଧୁ ଢେଉ ବାଲିବନ୍ଧ ?
ଦେଖୁଛ ପ୍ରତ୍ୟକ୍ଷେ ରାଣି ! କଲି ମୁଁ ଯତନ,
ବାସବଭବନ ବଳି ମଣ୍ଡାଇ ଭବନ,
ଅତୁଳ ଐଶ୍ୱର୍ଯ୍ୟ ଗୃହେ ସୁଖର ଭଣ୍ଡାର,
ଶାକ୍ୟରାଜ୍ୟ ତୁଲ୍ୟ ରାଜ୍ୟ ଅଛି ବା କାହାର ?
ଲଳନାଲଲାମଭୂତା ପୁତ୍ରବଧୂ ଗୋପା,
ବେଷ୍ଟିତା ସୁନ୍ଦରୀ ନାରୀ ଅପ୍‌ସରାସ୍ୱରୂପା ।
ଅପତ୍ୟର ସ୍ନେହ ସାର ସଂସାରବନ୍ଧନ,
ଏତେ କରି ବାନ୍ଧି ନ ପାରିଲି ପୁତ୍ରମନ ।
ମାନବର ସାଧ୍ୟ ଯାହା ସାଧିଛି ସକଳ,
ମୁହୂର୍ତ୍ତ ମଧ୍ୟରେ ହେଲା ସକଳ ବିଫଳ !
ମାୟାଦେବୀ ମୁଖୁଁ ଶୁଣି ସ୍ୱପନବୃତ୍ତାନ୍ତ
ସେଦିନୁ ମଣିଛି ନୁହେ ମୋ ପୁତ୍ର ସିଦ୍ଧାର୍ଥ ।
ଜାଣିଥିଲି ଦେଖି ପୁତ୍ର ଦେହର ଲକ୍ଷଣ,
ଏ ନୁହେ ମୋ ପୁତ୍ର, ନରରୂପୀ ନାରାୟଣ ।
ଅସିତ ମହର୍ଷି ମୁଖୁଁ ଶୁଣି ସମାଚାର
ଜାଣିଥିଲି ପୁତ୍ର ମୋର ତେଜିବ ସଂସାର ।
ତରୁତଳେ ଶିଶୁସୁତ କରୁଥିଲା ଧ୍ୟାନ,
ଦେଖି ସବୁ କଥା କରିଥିଲି ଅନୁମାନ ।
ବାହୁଡ଼ିଲା ପୁତ୍ର ଦେଖି ଜରା, ବ୍ୟାଧି, ଶବ,
ସେଦିନ ଜାଣିଲି ମୋର ପୁତ୍ର,—ଅସମ୍ଭବ ।

ପତିତପାବନ ହୁଅ ଏ ପତିତ ଘରେ
ଜନ୍ମିଛନ୍ତି ପରବ୍ରହ୍ମ ମାନବ ରୂପରେ,
ମହାସତୀ ମହାମାୟା ଦେବକୀ ସମାନ,
ଯଶୋଦା ଜନନୀ ତୁମ୍ଭେ, କରେଁ ଅନୁମାନ ।
ଏ କପିଳବସ୍ତୁ ହେବ ନବ ବୃନ୍ଦାବନ,
ପ୍ରତ୍ୟକ୍ଷ ସିଦ୍ଧାର୍ଥ ମୋର ଅଧମତାରଣ ।
ଛଡ଼ଦୁଃଖଭାର ଦେବି ! ସହିବାକୁ ଶିରେ
ନିଶ୍ଚୟ ପରମବ୍ରହ୍ମ ଜନ୍ମ ଅବନୀରେ ।
ବୃଦ୍ଧ ପିତା ମାତା ଦୁଃଖେ ନ ଡାକିଲ ତ୍ରାଣ,
ଲୋକେକି ତୁଚ୍ଛ ପ୍ରାଣୀ କହିବାକୁ ପରିବାଣ ।
ଯାହା ପ୍ରାଣ କାନ୍ଦେ ଦେଖି ପକ୍ଷିରକ୍ତପାତ,
କଲ ପିତା, ମାତା, ପତ୍ନୀ ଶିରେ ବଜ୍ରାଘାତ ।
ଅତ୍ୟନ୍ତ ନିବୃତ୍ତି ମାର୍ଗେ ଯାଇଛୁ କୁମାର,
ଏ ସମସ୍ତ ଶାନ୍ତି ଦୁଃଖ କର ପରିହାର ।
ମାନବ ଉଦ୍ଧାର ବ୍ରତେ ଯାଇଛି ନନ୍ଦନ,
ବୃଥା ତୁମ୍ଭ ହାହାକାର, ନିଷ୍ଫଳ କ୍ରନ୍ଦନ !
କ୍ଷୁଦ୍ର ଜୀବ ଆମ୍ଭେମାନେ ଯିବୁଁ ଦେବପାଶେ—
ଲଂଘିବ ଦୁସ୍ତର ସିନ୍ଧୁ ପତଙ୍ଗ ଆକାଶେ ?
ଜାଣ ପ୍ରିୟେ ! ସନ୍ନ୍ୟାସିଙ୍କ ପିତା ମାତା ନାହିଁ,
ଧାଇଁଛ ପବନ ହସ୍ତେ ଧରିବାର ପାଇଁ ।
ଧର୍ମମାର୍ଗୁଁ ପତିତ କି ହେବ ସେ ନନ୍ଦନ
ଦେଖି ବୃଦ୍ଧ ପିତା ମାତା ବିଫଳ କ୍ରନ୍ଦନ ?
ବୋଇଲେ ନୃପତି ବାକ୍ୟ ଶୁଣି ପ୍ରଜାବତୀ—
ଚାଲ ଯାଉଁ ଛାଡ଼ି ତୁଚ୍ଛ ଐଶ୍ୱର୍ଯ୍ୟ ସମ୍ପତ୍ତି ।

ଏ ଗୃହ ଶ୍ମଶାନ ହେଲ ଯାଉଁ ବାନପ୍ରସ୍ଥେ,
ନନ୍ଦନ ସନ୍ନ୍ୟାସୀ ମୋର ଗଲ ଯେଉଁ ପଥେ ।
ଯାଇଛି ନୟନମଣି ଜୀବନର ସାର,
ଶୋକାନଳେ ଦଗ୍ଧୀଭୂତ ଗୃହ ପରିବାର ।
ପ୍ରାଣେ ମୋର ନାହିଁ ପ୍ରାଣ, ହୃଦୟେ ହୃଦୟ,
ଦେହରେ ସାମର୍ଥ୍ୟ ନାହିଁ, ସର୍ବ ଶୂନ୍ୟମୟ ।
ଗୃହର ଆଲୋକ ମୋର ଜୀବନ ଆଲୋକ
ନିଭିଛି, ଗୃହରେ ରହିବା ଅବ ଅନର୍ଥକ ।
ବୋଇଲେ ରାଜନ—ରାଣି ! ବୋଲ କେଉଁ ବଳେ
ଲଭିବ ଦେହରେ ବଳ, ସାନ୍ତ୍ୱନା ଜୀବନେ ?
ଏହି ଦେହ ଏହି ମନ ଏହି ଚିନ୍ତା ପ୍ରାଣ
ସେନ କାହିଁ ଯିବ ଲଭିବାକୁ ପରିତ୍ରାଣ ?
ଯାଇଛି ନନ୍ଦନ ମୋର, ପାଇବ ନିଶ୍ଚିତ,
ନିଶ୍ଚିତ ପାଇବୁଁ ଆମ୍ଭେମାନେ ଆସ ତପ !
ମାନବ ଉଦ୍ଧାର ମାର୍ଗ କରି ଆବିଷ୍କାର
ବାହୁଡି ଆସିବ ପୁତ୍ର ଗୃହେ ପୁନର୍ବାର ।
ସେହି ଆଶାମାର୍ଗ ଚାହିଁ ଯାଉଁ ଆସ ବ୍ରତ,
ଏହା ବିନା ସତ, ଦେଖୁ ନାହିଁ ଆନ ପଥ ।
ଯେଉଁ ସିଂହାସନେ ମୋର ବସିବ ନନ୍ଦନ—
ତୁଳନାରେ ଅତିତୁଚ୍ଛ ରାଜସିଂହାସନ ।
ଆହା ରାଣି ! ସରଣିତ ବସ୍ତୁ ବେନଜନେ,
ସେହି ପୁଣ୍ୟାସନ କି ଗୋ ଦେଖିବୁଁ ନୟନେ ?
ହେଲେ ମଧ୍ୟ କ୍ଷୁଦ୍ରତମ—ସେହି ପୁଣ୍ୟ ରାଜ୍ୟ
ପାଇବୁଁ ଅକ୍ଷୟ ଦେବ ! ବଳାଇ କି କାର୍ଯ୍ୟ ।

ଜନ୍ମ ଜରା ବ୍ୟାଧି ମୃତ୍ୟୁ ହସ୍ତୁଁ, ଲୋକଗଣେ
ପାଇଲେ ନିସ୍ତାର–ନ ପାଇବୁ ବେନିଜନେ ?
କାତ୍ୟାକୁଳ କଣ୍ଠ ଅଶ୍ରୁପୂର୍ଣ୍ଣ ଦ୍ୱିନୟନେ,
ନୀରବ ନୃପତି, ବାକ୍ୟ ନ ସ୍ଫୁରେ ବଦନେ ।
ନେତ୍ରୁ ପୋଛି ଅଶ୍ରୁ, କ୍ଷଣେ ଶୂନ୍ୟମାର୍ଗେ ଚାହିଁ
ବୋଇଲେ, ଗୌତମି ଅଗୋ ! ବେଳେ ଦେଖ ଯାଇ—
କାଞ୍ଚନପ୍ରତିମା ଗୋପା ବଧୂ ଯହିଁ ପଡ଼ି
ଧୂଳିରେ ଯାଉଛି ଅଚେତନେ ଗଡ଼ଗଡ଼ି ।

ଅଚେତନା, ଦୀନା, ପତିବିୟୋଗବିଧୁରା,
ନାହିଁ ଦିବା ନିଶି ଜ୍ଞାନ, କାନ୍ଦେ ଶୋକାତୁରା ।
ସ୍ପର୍ଶ କରି ନାହିଁ ଅନ୍ନ ଜଳ ସାତ ଦିନ,
ସର୍ବୈବ ଅପ୍ରତିକାର୍ଯ୍ୟ, ଫଳେ ଦୈବାଧୀନ ।
ହୃଦୟକୁସୁମ ସଦ୍ୟ ଶିଶୁଟିକୁ କୋଳେ
ଧରି ଦିବା ନିଶି ଉଚ୍ଚେ କାନ୍ଦୁଛି ବିକଳେ ।
ସିଦ୍ଧାର୍ଥ–ପାଦୁକା ବେନି, ବସନ ଭୂଷଣ
ଧରିଛି ହୃଦୟେ ଭିଡ଼ି ମଣି ତା ଜୀବନ ।
ଛନ୍ଦକ ମୁଖରୁ ଶୁଣି ସବୁ ସମାଚାର
କରୁଛି କେବଳ ଦିବା ନିଶି ହାହାକାର ।
ବସନ ଭୂଷଣ ସବୁ ପକାଇଛି କାଢ଼ି,
ପିନ୍ଧିଛି କଷାୟ, ଫିଙ୍ଗିଦେଇ ପାଟଶାଢ଼ୀ ।
ପ୍ରଲମ୍ବ କୁନ୍ତଳ କାଟି ମୁଣ୍ଡିତମସ୍ତକା,
ଯୌବନେ ଯୋଗିନୀ, ନାହିଁ ଜୀବନରେ ଶଙ୍କା ।
ନୟନୁ ଲୋତକ ପୋଛି ଧୀରେ ଧୀରେ ଯାଇ
ଅଗୋ ଦେବ ! ଗୋପ ପାଶେ, ବୋଇଲ ବୁଝାଇ ।

ନୃପତି ବଚନ ଶୁଣି ଗଲେ ଧୀରେ ଧୀରେ,
ଅବଶ ଶରୀର ମନେ ଭିଜି ଅଶ୍ରୁ ନୀରେ ।
ବୋଇଲେ ଗୌତମୀ, ମା ରେ ! ହେଲୁଣି ଯୋଗିନୀ,
ଦେଖିଲି ଏ ଦଶା ତୋର ମୁଁ ହତଭାଗିନୀ ।
ପୁତ୍ର ସନ୍ନ୍ୟାସୀ ହେଲା, ତୁ ବସିଲୁ ଧ୍ୟାନେ,
ଏ ବିଷାଦ ଛବି ଦେଖି ବଞ୍ଚିବି କି ପ୍ରାଣେ ?
ବଧୂ ତୁହି, ପୁତ୍ର ତୁହି, ଭାଳ ଏହି କଥା,
ବୁଢ଼ା ବୁଢ଼ୀ ତୁହେଁ ପାଶୋରିବୁ ହୃଦବ୍ୟଥା ।
ନ ସହିଁଲେ ବେଳେ ମା ରେ ! ତୁହି ମୁଖ ଟେକ,
ବୁଢ଼ା ବୁଢ଼ୀ ଦୁଇଗୋଟା ପ୍ରାଣେ ବଞ୍ଚିବେ କି ?
ନିର୍ଦ୍ଦୋଷ ଶିଶୁଟି ସ୍ୱର୍ଗୁ ଆସିଛି ଓହ୍ଲାଇ,
କେ କରିବ ରକ୍ଷା ତାକୁ ତୁହି ହେଲେ ବାଇ ।
ବୋଇଲେ ବିନମ୍ରେ ଗୋପା ଛିନ୍ନ ବୀଣାସ୍ୱରେ,
ଓଲଗି ହେଉଛି ମାତଃ ! ତୁମ୍ଭ ଚରଣରେ ।
ଅନିବାର୍ଯ୍ୟ ପ୍ରତିକାର୍ଯ୍ୟ ବିଧାନ ନିୟତ,
ସେଥିନେ ସାମର୍ଥ୍ୟ କାହିଁ ମାନବ ଶକତି ?
ଶ୍ୱଶୁର ଶାଶୁଙ୍କ ପଦ ମୋର ଗୟା, କାଶୀ,
ଆଶୀର୍ବାଦ କର ଗୋପା ହେଉ ସେବାଦାସୀ ।
ତୁମ୍ଭମାନଙ୍କର ପୁଣ୍ୟ ପଦଛାୟାତଳେ,
ସନ୍ତତ ଅର୍ପିତ ଥିବ ଜୀବନ ଶୀତଳେ ।
ଜପିବ ସ୍ୱାମୀଙ୍କୁ ଯେତେଦିନ ପ୍ରାଣେ ଥିବ,
ଆଶୀର୍ବାଦ କର ଶିଶୁ ହେଉ ଦୀର୍ଘଜୀବୀ ।
ଗଲେ କଳ୍ପତରୁ ଭଙ୍ଗି ସୁମନକୋରକ,
ମୁଁ ହେଲେ ଅସ୍ଥିର ତାର କେ ହେବ ରକ୍ଷକ ?

ପ୍ରାଣର ଦେବତା ଛାଡ଼ି ଯାଇଛନ୍ତି ମୋତେ,
ଯାଉନ୍ତୁ, ଲଭନ୍ତୁ ମୁକ୍ତି ମାନବ ସମସ୍ତେ ।
ଜଗତର ପ୍ରାଣୀପାଇଁ ପ୍ରଭୁଙ୍କ ଭାବନା,
ନାହିଁ—ନାହିଁ, ହେବ ନାହିଁ ସ୍ୱାର୍ଥପରାୟଣା ।
ସାଧନ୍ତୁ ଅଭୀଷ୍ଟ ପ୍ରଭୁ—ପାଳନ୍ତୁ କର୍ତ୍ତବ୍ୟ,
ଚିନ୍ତା କିବା ? ସ୍ୱଭାବରେ ଘଟେ ଭବିତବ୍ୟ ।
ମା ଗୋ ! ଜୀବଦୁଃଖେ କାନ୍ଦେ ଯାହା ପତିପ୍ରାଣ,
ଲୋଡ଼ିବ କି ସେହି ତୁଚ୍ଛ ରାଜ୍ୟ ଧନ ମାନ ?
ମୋ ସ୍ୱାମୀ ସନ୍ନ୍ୟାସୀ, ମୁହିଁ ହେବି ସନ୍ନ୍ୟାସିନୀ,
ସେବିବି ତୁମ୍ଭର ପଦ ଦିବସ ଯାମିନୀ ।
ମା ଗୋ ! ଗୋପା ସମା ନାରୀ କେବା ଭାଗ୍ୟବତୀ ?
ଯାଉ ସବୁ, ନାହିଁ ଲୋଡ଼ା ଐଶ୍ୱର୍ଯ୍ୟ ସମ୍ପତ୍ତି ।
ମୋ ସ୍ୱାମୀ ଦେବତା, ମା ଗୋ ! ବସ୍ତୁ ନାରାୟଣ,
ଦେବତାର ପିତା ମାତା ତୁମ୍ଭେ ବେନିଜନ ।
ନ ଥାନ୍ତୁ ଦେବତା—ସେବି ଦେବ ମାତା ପିତା,
ହେବି ଦେବ ଦେବୀ ଦାସୀ ଜଗତେ ପୂଜିତା ।
ଦେବତା ମୋହର ସ୍ୱାମୀ ଉଦାସୀ ସନ୍ନ୍ୟାସୀ,
ସାଧନ୍ତୁ ତପସ୍ୟା ବନେ, ମୁହିଁ ତୁମ୍ଭ ଦାସୀ ।
ଲୋଡ଼ନ୍ତୁ ନିର୍ବାଣ ମୁକ୍ତି ସ୍ୱାମୀ ବସି ବନେ,
ସାଧିବି ତପସ୍ୟା ବସି ବିଳାସଭବନେ ।
ଦୁଃସଙ୍ଗେ ନିଷ୍ଠ ହୋଇ ଥିଲେ ସନ୍ନ୍ୟାସିନୀ ପ୍ରାୟ,
ଐଶ୍ୱର୍ଯ୍ୟ ବିଳାସ ହେବ ନାହିଁ ଅନ୍ତରାୟ ।
ଜଗତତାରଣବ୍ରତେ ମୋ ସ୍ୱାମୀ ସନ୍ନ୍ୟାସୀ,
ପତି ପ୍ରାଣ ପତି ଧ୍ୟାନ, ମୁହିଁ ତାଙ୍କ ଦାସୀ ।

ମୁହିଁ ତୁଚ୍ଛ କ୍ଷୁଦ୍ର ନାରୀ, ନାରୀଗୁଣ ହୀନ,
ମା ଗୋ ! ମୋ ସମାନେ ନାରୀ କେବା ଭାଗ୍ୟବତୀ ?
ନ ଜାଣେ ଆଉ ମାତା, ନ ଜାଣେ ଆପଣ,
ପତି ଧ୍ୟାନ, ପତି ଜ୍ଞାନ, ପତି ମୋ ଜୀବନ ।
ଆଶୀର୍ବାଦ କର ମାତା ! ବ୍ରତ ଉଦ୍ୟାପନ
କରେଁ—ପତିପଦେ ଆତ୍ମା ମନ ସମର୍ପଣ ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ବିଳାପ
ନାମ ଦ୍ୱାଦଶ ସର୍ଗ ।

# ତ୍ରୟୋଦଶ ସର୍ଗ ।

## ମାର୍ଗ ଅନ୍ୱେଷଣ ।

ଅନୋମା ହିମାଳୟସୁତା,
ନୀଳାମ୍ବୁ ପୂର୍ଣ୍ଣା ଖରସ୍ରୋତା ।
ନୀରବେ ବଙ୍କିମ ଗତିରେ
ବାହୁଡ଼ା—ଲତା ତରୁ ତୀରେ
ବିରାଜେ । ଫେଣ ପୁଞ୍ଜରାଶି
ନମ୍ରିତ ସ୍ରୋତେ ଯାଏ ଭାସି ।
ଧାଏଁ ଉଦାସେ ଅବିରାମେ
ସାଗରଗର୍ଭେ ନିତ୍ୟଧାମେ ।

ପରମ ଯୋଗୀ ତତ୍ତ୍ୱ ଯଥା—
ପତି ସକାଶେ ପତିବ୍ରତା ।
କୁଳପାଳକା ବଧୂ ପର
ବାହୁଡା କୂଳକୁ ଅବୋଧ ।
ଉଲମ୍ଫି କୂଳବାସୀ ଜନେ
ପବନ୍ତ ଶୀତଳ ଜୀବନେ ।
ସ୍ରୋତରେ ସନ୍ତରେ ଶଫରୀ,
ସ୍ୱମିନ୍ନି ଅଣ୍ଟି ତା ଭଙ୍ଗୀ ।
ଗମ୍ଭୀର ନାହିଁ ସ୍ୱଳ୍ପଜଳା,
ଅବଳା କହଁବା ନିର୍ମଳା ।
ଶୈବାଳଜାଲ ସ୍ଥାନେ ସ୍ଥାନେ
ଛନ୍ଦନ୍ତି କବରୀ ସମାନେ ।
ସେ ନଦୀ କୂଳେ ବୃତବନେ,
ଗ୍ରାମାନ୍ତେ, ନବଢ଼ ନିର୍ଜନେ,
ବୃହତ ବୃତ ତରୁତଳେ
ନୂତନ ସନ୍ନ୍ୟାସୀ ନିଷ୍ଠଳେ
ବସିଣ ଅଛନ୍ତି ଉଦାସେ,
ଜନ ମାନବ ନାହିଁ ପାଶେ ।
କଦାଚ କୋକିଳ କାକଳି—
ରବେ ପୂରଇ ବନସ୍ଥଳୀ ।
ସଧୀରେ ଶୀତଳ ପବନ
ବହେ, ଆକାଶେ ତାରଗଣ
ନୟନ ମେଲ ଛନ୍ତି ଚାହିଁ
ଯୋଗିଙ୍କ ଦେଖିବାର ପାଇଁ ।

ଅସଂଖ୍ୟ ଦାସ ଦାସୀ ଗଣେ
ବେଢ଼ି ଯାହାଙ୍କୁ ଅନୁକ୍ଷଣେ
ଥିଲେ—ଚନ୍ଦ୍ରକୁ ତାରାବଳୀ,
କୁସୁମେ ବେଷ୍ଟିତ ଭୃଙ୍ଗାଳୀ ।
ସେ ଏବେ ଏକା ନିର୍ଜନରେ
ଧ୍ୟାନନିମଗ୍ନ ନିରନ୍ତରେ ।
ଶିରୀଷକୁସୁମ ଶରୀର,
ଯୌବନ ଲବଣ୍ୟ ରୁଚିର,
ରାଜନନ୍ଦନ ଯତନରେ
ପାଳିତ ସେବିତ ଆଦରେ;
ଅପୂର୍ବ୍ୟଶୋଭୀ ଯେଉଁ ଅଙ୍ଗ,
କରି ନ ଥିଲା କଷ୍ଟସଙ୍ଗ,
ସେ ଆଜ ଅଶନ୍ୟୁବିହୀନ
ଏକାକୀ ଶରୀର ମଳିନ ।
ବିପୁଳ ପୃଥିବୀ ମଧ୍ୟରେ
ନିର୍ଜନେ ଛନ୍ତି ଏକେଶ୍ୱରେ ।
ବିର୍ଣ୍ଣଶ କଷାୟ ମଳିନ
ବସନ ପରିଧାନ ଛନ୍ତି ।
ବିକେଶ ମୁଣ୍ଡିତ ମସ୍ତକ,
ସହାୟବିହୀନ ଏକକ,
କେମନ୍ତେ ଭିକାରି ବେଶରେ
ମାଗିବେ ଭିକ୍ଷା ଘରେ ଘରେ ?
କାହିଁ ସେ ଯିବେ ? କେଉଁ ପଥେ ?
ଅରଣ୍ୟେ ରହିବେ କେମନ୍ତେ ?

କୋଟି ଲୋକର ଅନ୍ନଦାତା,
ସେ ଅଛ ବଦେଶେ ଅନାଥା ।
କେ ଦେବ ତାଙ୍କୁ ଅନ୍ନଜଳ ?
ବସ୍ତ୍ରନ ସହାୟ ସମ୍ବଳ ।
ସେ ଯୁବା ବସି ବୃକ୍ଷମୂଳେ,
କଷ୍ଟନ୍ତେ ମନ ଅନାକୂଳେ
ଅନୋମାକୂଳେ ପ୍ରତ୍ୟୁଷରେ
ଭାଳିଲେ ଆପଣା ମନରେ ।
ଥିଲି ମୁଁ ରାଜାର ନନ୍ଦନ,
ସୁଖରେ କାଟିଛି ଜୀବନ ।
ଅତୀତପଟେ ଯାହା ଲେଖା,
ପ୍ରତ୍ୟକ୍ଷ ସମ ଯାଏ ଦେଖା ।
କୈଶୋରେ ନୂତନ ଯୌବନେ,
ଅଳସ୍ୟେ ପ୍ରମୋଦକାନନେ,
ଭୁଞ୍ଜିଲି ଯେଉଁ ସୁଖରାଶି,
ଯାଇଛି କାଳସ୍ରୋତେ ଭାସି ।
ଗୋପା ପ୍ରଣୟ, ପ୍ରେମ ମୁଖ,
ନନ୍ଦନ ଶାଶଙ୍କମୟୂଖ,
ଜନକ ଜନନୀ ହୃଦୟ
ପ୍ରେମ ଭଣ୍ଡାର ସୁଧାମୟ,
ଯୁବକ ସହଚରଗଣେ,
ଏ ସର୍ବ ଚନ୍ଦ୍ରା କଲେ କ୍ଷଣେ,
କ୍ଷଣିକ ମନ ଉଚ୍ଚାଟନ,
କ୍ଷଣିକ ସଜଳ ନୟନ,

ମାତ୍ର ଭାବନ୍ତେ ଭବିଷ୍ୟତ,
ତକ୍ଷଣେ ହୃଦୁଁ ହେଲା ଗତ ।
ଶୀତଳ ମଧୁର ପବନେ,
ପ୍ରଭାତ ଅରୁଣ କିରଣେ,
ଦେଖିଲେ ବିସ୍ତୃତ ଅନନ୍ତ,
ନିଶ୍ଚିହ୍ନ ଭବିଷ୍ୟତ,
ନୀଳ ଗଗନ ସମାନରେ
ଅନନ୍ତ କାଳ ସମ୍ମୁଖରେ ।
ଗମ୍ୟ ମାର୍ଗଣ ଅନିଶ୍ଚିତ,
ଏକାଙ୍କୀ ସଙ୍ଗିବିରହିତ !
ଯିବାକୁ ହେବ ଲକ୍ଷ୍ୟସ୍ଥାନେ,
କଲେକ ସ୍ଥିର ଅନୁମାନେ ।
ଏହି ଜଗତ କୋଳାହଳ
ପ୍ରାନ୍ତରେ ଅଛି ଏକସ୍ଥଳ,
ଜନ୍ମ ମରଣ ହାହାକାର
ନାହିଁ ସେ ସ୍ଥାନ—ନିର୍ବିକାର ।
ସଂସାର-ମରୁ ଅତିକ୍ରମି
ଯିବ ମୁଁ ସତ୍ୟ ମାର୍ଗ ଭ୍ରମି ।
ଏ ମରୁପ୍ରାନ୍ତେ ଶାନ୍ତିମୟ
ସ୍ଥାନକୁ ଲଭିବ ନିଶ୍ଚୟ !
ଭରସା ଜାତ ହେଲା ମନେ,
କାନନ ତେଜିଲେ ତକ୍ଷଣେ ।
କାରାବମୁକ୍ତ ବନ୍ଦୀପ୍ରାୟେ
ଶାନ୍ତି ଲଭିବା ଅଭିପ୍ରାୟେ

ଚଳିଲେ ଚତୁର ଉଲ୍ଲାସେ,
ବିହଗ ଆନନ୍ଦେ ଆକାଶେ ।
ପୂର୍ବ ଦକ୍ଷିଣ ମୁଖେ ଗତି
କରିଲେ ସୁଖେ ମହାଯତି ।
କେମନ୍ତେ, କାହିଁ, କେଉଁ ମାର୍ଗେ
ଗମନ, ସ୍ଥିର ନାହିଁ ଆଗେ ।
ଏତିକି ଜଣା ଅନୁମାନେ,
ସଂସାର ପ୍ରାନ୍ତେ ଶାନ୍ତିସ୍ଥାନେ ।
କୋମଳ ଅନାବୃତ ପଦେ
ଫୁଟୁଛି ତୃଣ ପଦେ ପଦେ ।
କଠିନ କଣ୍ଟକ କା କାହିଁ
ଫୁଟୁଛି, ତହିଁ ଦୃଷ୍ଟି ନାହିଁ ।
ରବିକିରଣେ ଦେହ ଦହି
ଯାଉଛି ସ୍ୱେଦଧାରା ବହି ।
ଶାକ୍ୟା ବ୍ରାହ୍ମଣୀ ଗୃହରେ
ରହିଲେ ମଧ୍ୟାହ୍ନ କାଳରେ ।
ନିର୍ବାଣ ଚିନ୍ତା ହୃଦେ ଘେନି
ଚଳିଲେ ପୂର୍ବ ଦିଗେ ପୁଣି ।
ତ୍ରିଯାମା କ୍ରମେ ସମାଗତ,
ତିମିରେ ଢାଙ୍କିଲା ଜଗତ ।
ପଦ୍ମା ବ୍ରାହ୍ମଣୀ ନିକେତନେ
ରହିଲେ ବିଶ୍ରାମକାରଣେ ।
ପର ଦିବସ ପ୍ରାତଃକାଳେ
ମିଳିଲେ ବିଦର୍ଭିମ ଆଳେ ।

ଭିକ୍ଷାରେ ତହିଁ ବୃତ୍ତି ଲଭି
ଚଳିଲେ ତେଜି ସ୍ୱରାଷ୍ଟ୍ର ।
ପ୍ରାନ୍ତର ତେଜି କ୍ରମଶରେ
ମିଳିଲେ ବୈଶାଳୀ ନଗରେ ।
ଅରାଡ଼କାଲାମ ମହର୍ଷି
ସମୀପେ ନବୀନ ତପସ୍ୱୀ
ମିଳନ୍ତେ, ତାଙ୍କ ଶିଷ୍ୟଗଣେ
ମହର୍ଷି ମଧୁର ବଚନେ

ବୋଇଲେ, ଦେଖ ଏ ସନ୍ନ୍ୟାସୀ,
ସୌନ୍ଦର୍ଯ୍ୟ ଦେହୁଁ ଯାଏ ଖସି ।
ଏମନ୍ତ ରୂପ ମନୋହର
ମାନବ ମଧ୍ୟେ ଅଗୋଚର ।
ତିନଶ ଶିଷ୍ୟ ବୃନ୍ଦରେ
ବେଷ୍ଟିତ ଥିଲେ ସେ କାଳରେ ।
ନିଯୁକ୍ତ ସର୍ବେ ଅଧ୍ୟୟନେ,
ଦେଖିଲେ ସନ୍ନ୍ୟାସୀ ନୟନେ ।

ମହର୍ଷି ଆଶ୍ରମ ସ୍ଥଳର
ଆତିଥ୍ୟ କଲେ ଅନୁଭବ ।
ପ୍ରଣମି ଋଷିଙ୍କ ଚରଣେ
ସିଦ୍ଧାର୍ଥ ହେଲେ ଶିଷ୍ୟ ଜଣେ ।
ଦର୍ଶନ ଶାସ୍ତ୍ର ଅଧ୍ୟୟନ
ସମସ୍ତ କରି ସମାପନ,
ସିଦ୍ଧାନ୍ତ କଲେକ ମନରେ,
ନାହିଁ ସେ ତତ୍ତ୍ୱ ଦର୍ଶନରେ ।

ଜନ୍ମ ମରଣ ଜନ୍ମ ବ୍ୟାଧି
ଭୁଞ୍ଜି ପାଇବ ମୁକ୍ତି ସାଧି ।
ସେ ମାର୍ଗ ଅନ୍ୱେଷଣପାଇଁ
ଦର୍ଶନ ଶାସ୍ତ୍ର ସାଧି ନାହିଁ ।
ତେଜ ବୈଶାଳୀ ଏଥିଅନ୍ତେ
ଚଳିଲେ ଗଙ୍ଗାତଟ ପଥେ ।
ମଗଧ ପୁରୀ ରାଜଗୃହ,
ପୂରିତ ଐଶ୍ୱର୍ଯ୍ୟସମୃଦ୍ଧ ।
ସୌନ୍ଦର୍ଯ୍ୟ ଐଶ୍ୱର୍ଯ୍ୟ ମହତ୍ତ୍ୱେ,
ମହିମା ପ୍ରକାଶେ ଜଗତେ ।
ଗଗନ ଭେଦି ଗିରି ପଞ୍ଚ,
ଅରଣ୍ୟ ଶୃଙ୍ଗ ସଜ୍ଜ ସଜ୍ଜ
ରହିଛି ଦକ୍ଷିଣ ପ୍ରାନ୍ତରେ,
ରକ୍ଷଣ ପ୍ରାଚୀର ରୂପରେ ।
ସେ ଗିରିବ୍ରଜପୁରୀ ରାଣୀ
ଜରାସନ୍ଧର ରାଜଧାନୀ ।
ଶୈଳନନ୍ଦନୀ ସରସ୍ୱତୀ
ଶୈଳପଦରେ ସ୍ରୋତସ୍ୱତୀ ।
(ଭକ୍ତି ଯେସନେ ଦେବପଦେ)
ପ୍ରାଣଦାୟିନୀ ଜନପଦେ ।
ସ୍ୱଚ୍ଛସଲିଳା ସ୍ଥିରଗତି,
ପବିତ୍ର ଯଥା ସାଧୁମତି ।
ଦେଖିଲେ ଶାକ୍ୟସିଂହ ବୃନ୍ଦ,
ଜରାସନ୍ଧର ପୁରୀ କାହିଁ ?

ଭୀଷଣ ଶ୍ମଶାନ ସମାନ
ରଣ୍ଣବକ୍ଷେତ୍ର ଦୃଶ୍ୟମାନ ।
ଦ୍ୱାପର ଯୁଗେ ଜରାସନ୍ଧ
ଯା ବଳ, ତାହିଁ ତା ସମ୍ବଳ ।
କ୍ଷତ୍ରିୟ ମଧ୍ୟେ ମହାବଳୀ,
ଦେବାକୁ ରାଜାଗଣେ ବଳି,
ଶୃଙ୍ଖଳ ଦେଇ କାରାଗାରେ
ଥିଲା ତ ରଖି ଏତୁଠାରେ ?
ସେ ଜରାସନ୍ଧ ଗଲା କାହିଁ ?
ଚିହ୍ନ ମାତ୍ର ତାର ନାହିଁ ।
ମାନବ ସ୍ୱତ୍ୱକୁ ଧିକ !
ମରଣ ମାର୍ଗର ପଥିକ !
ସ୍ୱଳ୍ପ ଯଶ କାମନାରେ
ମାନବ ଜୀବନ ସଙ୍ଗ'ରେ ।
ନ ବୁଝେ ଜୀବନର ଗତି,
ଅଲଂଘ୍ୟ ଅଦୃଷ୍ଟ ନିୟତି ।
ସ୍ୱାର୍ଥ ସାଧନେ ପୀଡ଼େ ଲୋକ;
ନ ଜାଣେ ତାର ହନ୍ତାରକ
ରହନ୍ତି ଜଗି କେଶ ଧରି,
କେ ପାରେ ଅତିକ୍ରମ କରି ?
ସିଦ୍ଧାର୍ଥ ପୁରରେ ପ୍ରବେଶି
ଦେଖିଲେ ନୟନ ନିବେଶି ।
ସ୍ୱକାର୍ଯ୍ୟେ ବ୍ୟସ୍ତ ଲୋକଗଣେ,
ଭ୍ରମିଲେ କ୍ଷଣେକ ଆପଣେ ।

ସୁନ୍ଦର ମାର୍ଗଣ ପ୍ରଶସ୍ତ,
କର୍ମ୍ମ ବଶତମ୍ଯେ ଲୋକେ ବ୍ୟସ୍ତ ।
ସନ୍ନ୍ୟାସୀ, ଯୋଗୀ ଅଛୁ କାହିଁ,
କେ ବା ଦେଖିବ ତାଙ୍କୁ ଗୃହିଁ ?

କ୍ରମେ ଦିବସ ଅବସାନେ
ଦୀପାଳୀ ଜଳେ ସ୍ଥାନେ ସ୍ଥାନେ ।
ନୀରବ ନିର୍ଜ୍ଜନ ନଗରୀ,
ପ୍ରକୃତି ଶାନ୍ତ ମୂର୍ତ୍ତି ଧରି,
ପ୍ରାଚୀରେ ଚନ୍ଦ୍ରମା ପ୍ରକାଶି
ନୀଳ ନୀରଦେ ଯାଏ ଭସି ।

ପ୍ରକୃତି ଶ୍ୟାମଳ ବସନେ
ଆବୃତା ହେଲେକ ଯେସନେ ।
ନୀରବ ଶାନ୍ତ ଚତ୍ୱରରେ
ସୁଧୀରେ ପବନ ସଞ୍ଚରେ ।
ନୈଶ ଆକାଶତଳେ ଶାକ୍ୟ
ସିଂହ ଏକାକୀ, ମୁଖେ ବାକ୍ୟ
ନାହିଁ; ପ୍ରଶାନ୍ତ ହୃଦୟରେ
ବିରଲେ ବସିଲେ ଧ୍ୟାନରେ ।
ସ୍ୱଳ୍ପେ ନିଶି ଅବସାନ,
ଉଠିଲେ ଦେବ ତେଜି ଧ୍ୟାନ
ପ୍ରତ୍ୟୁଷେ ଭିକ୍ଷାପାତ୍ର କରେ
ସିଦ୍ଧାର୍ଥ ପ୍ରବେଶ ନଗରେ ।
ଛିନ୍ନ ବସନ ନତ ଶିର,
ସୁନ୍ଦର ବଦନ ରୁଚିର,

ମଣ୍ଡିତ ଦେବ ମହିମାରେ,
ବିରଳ ଏ ରୂପ ସଂସାରେ ।
ନଗରବାସୀ ଲୋକେ ଦେଖି
ରହିଲେ ସେ ରୂପ ନିରେଖି ।
ଅପୂର୍ବ ନବୀନ ସନ୍ନ୍ୟାସୀ
ଦେଖିଣ ମୁଗ୍ଧ ପୁରବାସୀ,
ପଥିକେ ବଣିକେ କୃଷକେ
ସେ ରୂପ ଦେଖିବାକୁ ଲୋକେ
ଆଇଲେ—ଶିଶୁ ଛାଡ଼ି କ୍ରୀଡ଼ା,
କୁଳଲଳନାଗଣ ବ୍ରୀଡ଼ା,
ସେ ରୂପ ଦେଖିଣ ଚକିତ
ହେଲେ—ଯେସନେ ଚିତ୍ରାପିତ ।
ନଗରେ ପଡ଼ିଲା ଚହଲ,
ଧାବନ୍ତି ମାନବ ସକଳ,
ଯୋଗିଙ୍କ ଆଉ ସାଧ କାହିଁ,
ଜନତା ଭେଦ ଯିବାପାଇଁ ।
ନାରୀଏ କାନ୍ଦିଲେ ବିକଳେ,
କେ ବୋଲେ ସତେ ଭାଗ୍ୟବଳେ ।
କିପାଁ ଏ ତେଜିଲା ସଂସାର,
ଜନକ ଜନନୀ ଏହାର
ଥିଲେ କି ପାଷାଣ ହୃଦୟେ
ତେଜିଲେ ଏମନ୍ତ ତନୟେ ?
ସୁନାର ପିତୁଳୀ ସନ୍ନ୍ୟାସୀ
କାହୁଁ ଏଠାକୁ ଅଛି ଆସି ?

ଅସି ପ୍ରବୀଣା ଏକ ନାରୀ
ବୋଇଲା—ରେ ବାପ ଭିଖାରି !
କାହିଁ ତୁ ଯିବୁ ଅନ୍ୟ ସ୍ଥାନ ?
ସର୍ବସ୍ୱ କରୁଛୁ ପ୍ରଦାନ,
ଯେ ଦ୍ରବ୍ୟ ଲୋଡ଼ା ହେବ ତୋର,
ଦେବି—ତୁ ଭାବନା ନ କର ।
ଅବଗୁଣ୍ଠନେ ମୁଖ ଢାଙ୍କି
ଚାହିଁଛି କେବଣ ମୃଗାକ୍ଷୀ,
କେନ ନୟନୁ ବହେ ପାଣି,
ବଦନୁ ନ ଫୁଟଇ ବାଣୀ ।
କେ ନାରୀ ବୋଇଲେ, ସୁନାମଣି !
ନ ଥାଉ ତୋହର ଜନନୀ,
ମୁଁ ତୋ ମା, ତୁ ମୋର ନନ୍ଦନ,
ଭୁଞ୍ଜ ତୁ ମୋର ସର୍ବ ଧନ ।
କେ ନାରୀ ହାତେ ଧରି କରେ,
ଆସ ରେ ବାପ ମୋର ଘରେ,
ଅଭାଗୀ କେତେ ଯୁବା ପୁଅ
ଖାଇଛି, ଅସି ଘରେ ରହ ।
କେ ନାରୀ କାନ୍ଦେ ଡ଼କାପାଡ଼ି,
ବାପ ରେ ! ଦେବ ନାହିଁ ଛାଡ଼ି ।
ନବୀନା ଯୁବତୀ ସକଳେ
ପଡ଼ିଲେ ଅସି ପଦତଳେ ।
ଏକାଳେ ରାଜା ବସିଯାଇ
ଅଟ୍ଟାଳୀ ପ୍ରାଙ୍ଗଣେ ସଞ୍ଚାର

କରୁଣଥିଲେ ପ୍ରଶ୍ନତରେ,
ଦେଖିଲେ ସନ୍ନ୍ୟାସୀ ମାର୍ଗରେ ।
ରହିଲେ ଏକ ଧ୍ୟାନେ ଚାହିଁ,
ପଲକ ମାତ୍ର ନେତ୍ରେ ନାହିଁ ;
ଭାଳିଲେ ଏ ନୁହେ ମାନବ,
ପ୍ରଚ୍ଛନ୍ନ ଇନ୍ଦ୍ର ବା ବାସବ ।
ବିନ୍ଧ୍ୟାଚଳର ଅଧିଷ୍ଠାତ୍ରୀ
ଦେବତା ନରଲୋକଯାତ୍ରୀ ।
ଧରିବା ଏ ରୂପ ମାନବ
ନିଶ୍ଚୟ ଅଟେ ଅସମ୍ଭବ ।
ମାତ୍ର ସନ୍ନ୍ୟାସୀ ଛନ୍ତି ତୁନି
ତାହାର ବଚନ ନ ଶୁଣି ।
ଉଷାନ୍ତେ ପାଣ୍ଡବ ସଙ୍ଗତେ
ଗଲେ ବାହୁଡ଼ି ରାଜପଥେ ।
ନୃପତି ସାୟାହ୍ନ କାଳରେ
ମିଳିଲେ ସନ୍ନ୍ୟାସିପାଶରେ,
ନାହାନ୍ତି ପାତ୍ର ମନ୍ତ୍ରୀ ସଙ୍ଗେ,
ରାଜଭୂଷଣ ନାହିଁ ଅଙ୍ଗେ ।
ଦେଖିଲେ ଚାହିଁ ବନ୍ଧିପାରେ
ସନ୍ନ୍ୟାସୀ ଗିରିଗୁହାଦ୍ୱାରେ,
ବିସ୍ତାରି ସ୍ୱସ୍ତିକ ଆସନ
ନିଶ୍ଚଳେ ଧ୍ୟାନେ ନିମଗନ ।
ଶିଳାବେଦୀରେ ବସିଛନ୍ତି,
ସ୍ୱର୍ଣ୍ଣବେଦୀରେ ଦେବମୂର୍ତ୍ତି ।

ମେଳନ୍ତେ ସନ୍ନ୍ୟାସୀ ନୟନ,
ନୃପତି ବନ୍ଦିଲେ ଚରଣ ।
ଶୋଭିଲା ନରପତି ଶିର,
ଶ୍ୟାମଳ କମଳ ରୂଚିର ।
ପୃଚ୍ଛିଲେ ଭୂପତି ବିନୟେ—
ହେ ଯୋଗି ! କିପାଁ ଅସମୟେ
ଆରମ୍ଭ କଠିନ ତପସ୍ୟା ?
ମୀମାଂସା ବିଷମ ସମସ୍ୟା ।
ନବୀନ ସୁକୁମାର ତନୁ,
ବିଳାସ ଆଶା ତ୍ୟାଗ ମନୁ ;
ଦେଖି ତୁମ୍ଭର ଏ ବେଶର
କରନ୍ତି ଲୋକେ ହାହାକାର ।
ମୁଁ ଅଟେ ମଗଧ-ଈଶ୍ୱର,
ଅତୁଳ ଐଶ୍ୱର୍ଯ୍ୟ ମୋହର,
ନଷ୍ଟୁର ଅକାଳ ସନ୍ନ୍ୟାସ
ତେଜ ମୋ ରାଜପୁରେ ଆସ ।
ଦେଖି ତୁମ୍ଭର କଷ୍ଟମାନ
ଆକୁଳ ହେଉଛି ପରାଣ,
ମଗଧବାସୀ ଜାଣି ନରେ
କାନ୍ଦନ୍ତି ଆକୁଳେ କାତରେ ।
ତେଜ ଏ ଦୁର୍ବୁଦ୍ଧି ଦୁର୍ଯୋଗ
ରାଜ୍ୟ, ଐଶ୍ୱର୍ଯ୍ୟ କର ଭୋଗ ।
ବୋଇଲେ ଶାକ୍ୟସିଂହ-ନୃପ !
ନ କର ପ୍ରସ୍ତାବ ଏରୂପ,

ସ୍ୱର୍ଗରେ କରନ୍ତୁ ରାଜତ୍ୱ,
ଲଭ କରନ୍ତୁ ଅମରତ୍ୱ ।
ରାଜ୍ୟ ସ୍ୱର୍ଗରେ ଅଭିଳାଷୀ
ନୁହେ ମୁଁ, ସମ୍ପ୍ରତି ସନ୍ନ୍ୟାସୀ
ହୋଇଛି—ଶାନ୍ତି କାମନାରେ
ମନ ନିବେଶି ତପସ୍ୟାରେ ।
ବସ୍ତୁସ୍ଥ ମଣି ବମ୍ଭିସାର
ବୋଇଲେ, କ ବୋଲ କୁମାର !

ଶିଶିର-କୁସୁମ-ପେଲବ
ତୁମ୍ଭ ଯୌବନ ଅଭିନବ ।
ଦାରୁଣ ତପସ୍ୟା ବ୍ରତରେ
ସହିବ କିପାଁ ଏ ଦେହରେ ?
ନିର୍ଜନେ ପ୍ରସ୍ତର ଆସନେ
କ ଦଅ ଯନ୍ତ୍ରଣା ଜୀବନେ ।
ବୃଥା ନ ହୁଅ କଷ୍ଟଭୋଗୀ,
କୋମଳ ଶେଯ ଉପଯୋଗୀ

ଶରୀର କଣ୍ଟକ ବନରେ
ସହିବ କଷ୍ଟ କ ରୂପରେ ?
ଲୋଡ଼ୁଛ ଶାନ୍ତି ? ମୋର ପୁରେ
ସହଜେ ଭୁଞ୍ଜିବ ପ୍ରଚୁରେ ।
ଏ କାମଭୋଗର ସମୟ,
ବୃଥା ନ କର ଅପଚୟ ।
ବୋଇଲେ ନବୀନ ସନ୍ନ୍ୟାସୀ—
ନୁହେ ମୁଁ କାମ ଅଭିଳାଷୀ;

କୁଶଳେ ରହିଲୁ ଆପଣ,
ପାଳିଲୁ ସୁଖେ ପ୍ରଜାଗଣ;
ଥିଲା ମୋ ବଡ଼ ଯେ ସମସ୍ତ,
ନ ଥିବ କାହାର ଏମନ୍ତ ।
କାମ ଭୋଗର ଉପଯୋଗୀ
ପଦାର୍ଥ ସର୍ବ ଅଛି ଭୋଗି ।
ମୋର ବିଭବ ତୁଳନାରେ
ନ ଥିବ କାହାର ସଂସାରେ;
କପିଳବସ୍ତୁ ରାଜ୍ୟ ସମ
ରାଜତ୍ୱ, ଅଭାବ ଉପମ ।
ଧାର୍ମିକା ମାତା ପୁଣ୍ୟବତୀ—
କରୁଣା-ପ୍ରେମ-ସ୍ରୋତସ୍ୱତୀ ।
ଧାର୍ମିକ ପିତା, ନିରୁପମା
ଧାର୍ମିକା ପତ୍ନୀ ଦେବୀସମା ।
କୋମଳ କୋରକ ସମାନ
ସ୍ୱର୍ଗୀୟ ସୁଷମା ସନ୍ତାନ ।
ସୁଖ ଐଶ୍ୱର୍ଯ୍ୟ-ସ୍ତୂପ ପୂର୍ଣ୍ଣ,
ତଥାପି ମୋ ହୃଦୟ ଶୂନ୍ୟ !
କାମଭୋଗରେ ସୁଖ ଶାନ୍ତି-
ଲବ୍ଧ- କେବଳ ଚିତ୍ତଭ୍ରାନ୍ତି ।
କପାଁ ମୁଁ ନୋହୁ ଅଭିଳାଷୀ
ଭ୍ରମୁଛି ଅରଣ୍ୟେ ସନ୍ନ୍ୟାସୀ ?
ହେ ନୃପ ଶାନ୍ତି ଥିଲେ ଘରେ,
କପାଁ ଭ୍ରମନ୍ତି ଅରଣ୍ୟରେ ?

କାମରେ ସୁଖ ନାହିଁ ନୃପ !
ସୁପକ୍ୱ ଫଳର ସ୍ୱରୂପ
ଆପାତ ମଧୁର ରୁଚିର,
ମାଦକ ତାହା ନୁହେ ଚିର ।
ଦନ୍ତାନ୍ତେ ହୁଏ ପର୍ଯ୍ୟବସିତ,
ଦୁର୍ଗନ୍ଧ, ଦଳିତ, ଦୂଷିତ ।
କାମ ପ୍ରଫୁଲ୍ଲ ପୁଷ୍ପବନ,
ମରଣ ଝଟିକା ପବନ,
ଯୌବନେ ଯେଉଁ କାମଭୋଗ,
ଚରମେ ଘଟାଏ ଦୁର୍ଯୋଗ ।
ଶରୀର ହୋଇ ଜରାଜୀର୍ଣ୍ଣ
ମୃତ୍ୟୁ କବଳେ ହୁଏ ଲୀନ ।
ଯେ କାମ ଭୋଗ କ୍ଷଣସ୍ଥାୟୀ,
ତହିଁକି ଲୋକ କପାଁ ବାଇ ?
କାମ ଯେ ଅନନ୍ତ ଅସଂଖ୍ୟ,
ଲଭି ପାରିବ କେଉଁ ଲୋକ ?
ଲଭିଛି କାମଭୋଗେ ଶାନ୍ତି,
ମାନବ ଜଗତେ ନାହାନ୍ତି ।
ବରଞ୍ଚ ଦେଖନ୍ତୁ ରାଜନ,
କାମ ଆଶାରେ ଲୋକଗଣ
ଧାବନ୍ତି, ନୈରାଶ୍ୟ ଯନ୍ତ୍ରଣା
ଭୁଞ୍ଜନ୍ତି, ଆଶା ବିଡ଼ମ୍ବନା ।
ଅନଳରେ କାମ—ପ୍ରାଣ ଦଗ୍ଧ,
ଲୋଭରେ ନୁହେ ଶାନ୍ତି ଲବ୍ଧ ।

ସ୍ଥାନରେ ଲବଣାକ୍ତ ଜଳ
ପିପାସା ବର୍ଦ୍ଧନ କେବଳ ।
ଦୈବେ ଲଭିଲେ ଗ୍ରାମ ଏକ,
ଧାବିତ ଲାଭରେ ଅନେକ ।
ଜ୍ୱଳନ୍ତ ଅନଳେ ଅଦ୍ଭୁତ
ଦେଲେ ବର୍ଦ୍ଧିତ ଅଗ୍ନିଜ୍ୟୋତି ।
ଗ୍ରାମ ବିଷମ ପ୍ରତାରକ,
ନିୟତ ଲୋକହନ୍ତାରକ ।
ମରୁଭୂମିରେ ମରୀଚିକା
ସମ ଦେଖାଏ ବିସ୍ମାପିକା ।
ପ୍ରାଚୀନ ଏ ମଗଧ ପୁରୀ,
ପଡ଼ିଛି ଦେଖ ଭଙ୍ଗି ଚୂରି ।
ଝଳନ୍ତୁ ଗିରିବ୍ରଜପୁରେ
ପାମର ଜରାସନ୍ଧ ଜନ୍ତୁରେ
କାମଲାଳସା ବଶବର୍ତ୍ତୀ
ହୋଇ କି ନ କଲା ଦୁର୍ମତି !
ପୂର୍ଣ୍ଣ କି ହେଲା ତା ଲାଳସା ?
କରମେ ଚରମେ ଦୁର୍ଦଶା ।
ନୃପତି ଶତ ଅସ୍ଥୋଦ୍ଧିର
ଦେବାକୁ ବଳି ସେ ପାମର
ଇଚ୍ଛିଲା, ଲଭିଲା କେବଳ,
ପାପ ଯନ୍ତ୍ରଣା ହଳାହଳ ।
ବିମଳ କାଳସ୍ରୋତ ସାକ୍ଷୀ
ବହନ୍ତି—ଦେଖ ମେଲି ଅକ୍ଷି ।

ମଗଧପୁର ଧ୍ୱଂସ ଶେଷ,
ଏହାର ପ୍ରମାଣ ଅଶେଷ ।
ଦେଖିବା ହେଉ ଦଣ୍ଡଧାର !
ଜନ୍ମ ରୋଗରେ ନର ନାରୀ
ଲଭନ୍ତି କରି ହାହାକାର,
ଜରା ମରଣ ବ୍ୟାଧି ସାର ।
ଏ କଷ୍ଟ ସାଗରୁ ଉଦ୍ଧାର
ପାଇବେ ଲୋକେ ଯେପ୍ରକାର,
ଥିଲେ ତା ମାର୍ଗ ଅନ୍ୱେଷଣ
କାର୍ଯ୍ୟରେ ଯାପିବ ଜୀବନ ।

ଜାଣନ୍ତୁ ଅହେ ମହାରାଜ !
ତେଜୁଛୁ ପୁଣି ଶାକ୍ୟ ରାଜ୍ୟ ।
ଲଭିଲେ ତତ୍ତ୍ୱଜ୍ଞାନ ସାର
ଲୋକରେ କରିବ ପ୍ରଚାର ।
ଶୁଣନ୍ତେ ଏତେ ବିମ୍ବିସାର,
ଜନ୍ମିଲା ଚେତନା ତାହାର,
ଶିଥିଳ ନେତ୍ର ଆବରଣ,
ବୁଝିଲା ତତ୍ତ୍ୱ ଲକ୍ଷଣ ।

ବୋଇଲା ଯୋଡ଼ି ବେନି କର,
ହେ ପ୍ରଭୁ ! ଏତେ କୃପା କର,
ଲଭିଲେ ମାର୍ଗ,—ବୁଦ୍ଧଦେବ !
ସେ ତତ୍ତ୍ୱ ମୋତେ ଆଜ୍ଞା ହେବ ।
ଏ ଦାସ ଧରୁଛି ଚରଣ,
କରିବେ କରୁଣା ଅପଣ ।

ହିରଣ୍ୟ ଭିକ୍ଷା—ଏହି ସ୍ଥାନେ
ରହନ୍ତୁ ଭିକ୍ଷୁ ଦଳ ମାନେ ।
ରହିଲେ ତହିଁ ଶାକ୍ୟପତି,
ମାଗଧ ସଙ୍ଘ ଦୁର୍ଗତି ।
ପଡ଼ିଲା ବୈଶାଳୀ ନଗରେ
ଭୀଷଣ ମଡ଼କ ଲୋକରେ ।
କ୍ରମଶ ହେଲାକ ପ୍ରବଳ,
କାନନେ ଯଥା ଦାବାନଳ ।
ମଲେ ମାନବ ଅସୁମାର,
ପଡ଼ିଲା ଲୋକେ ହାହାକାର,
କରୁଣ କାଳର ଭୀଷଣ
କ୍ରୀଡ଼ା—ଉପାୟେ ନିବାରଣ,
ବ୍ରାହ୍ମଣ ମୁନି ଋଷି ଯେତେ
କଲେକ ଯାଗ ଯଜ୍ଞ କେତେ ।
ମାରକ ଭୀମ ଦାବାନଳ
କ୍ରମଶ ହେଲାକ ପ୍ରବଳ ।
ଏ ଅନ୍ତେ ବୈଶାଳୀନିବାସୀ
ଲୋଡ଼ିଲେ ନବୀନ ସନ୍ନ୍ୟାସୀ ।
ପାଣ୍ଡବ ପର୍ବତେ ସନ୍ନ୍ୟାସୀ—
ଶୁଣି ଧାଇଁଲେ ଦେଶବାସୀ ।
ତାହାଙ୍କ ପଦତଳେ ପଡ଼ି
ବୋଇଲେ ସର୍ବେ କର ଯୋଡ଼ି ।
ହେ ପ୍ରଭୁ ! କରୁଣାସାଗର !
ମୋର ବିପଦୁଁ ରକ୍ଷା କର ।

କରୁଣହୃଦୟ ସନ୍ନ୍ୟାସୀ
ବୋଇଲେ, ଅହେ ପୁରବାସି !
ନେସିବ ଦୁର୍ଦ୍ଦଶା ସକଳ,
ପଡ଼ନ୍ତୁ ଅନଳରେ ଜଳ ।
ଶାନ୍ତ ହବନ୍ତେ ଲୋକଗଣେ,
ପଡ଼ିଲେ ସନ୍ନ୍ୟାସିଚରଣେ ।
କପିଳ ସନ୍ନ୍ୟାସୀ ଏ ଅନ୍ତେ
ବାହୁଡ଼ ପାଣ୍ଡବ ପନ୍ଥରେ—
ସାତଶ ଶିଷ୍ୟ ପ୍ରତିଷ୍ଠିତ,
ରୁଦ୍ରକ ମହର୍ଷି ପୂଜିତ,
ତାହାଙ୍କଠାରୁ ଶାକ୍ୟ ମୁନି,
ଲଭିଲେ ସମାଧି ଯେ ବେନି—
ଗୋଟିଏ ଯେ ନୈବସଂଜ୍ଞାନ,
ଅନ୍ୟଟି ଅସଂଜ୍ଞାଯୁତନ ।
ସିଦ୍ଧାର୍ଥ ଭାଳିଲେ ଏମନ୍ତ,
ଏ ନୁହେ ନିର୍ବାଣର ପଥ ।
ପାଞ୍ଚଟି ଶିଷ୍ୟ ସହିତରେ
ଚଳିଲେ ଗୟା ଉଦେଶ୍ୟରେ ।

ଇତି ଶ୍ରୀ ବୌଦ୍ଧାବତାରକାବ୍ୟେ ମାର୍ଗ ଅନ୍ୱେଷଣ
ନାମ ତ୍ରୟୋଦଶ ସର୍ଗ ।

# ଚତୁର୍ଦ୍ଦଶ ସର୍ଗ ।

## ତପସ୍ୟା ।

ପ୍ରଚ୍ଛନ୍ନସଲିଳା ଫଲ୍‌ଗୁ ପତିତପାବନୀ !
ପିତୃଲୋକଉଦ୍ଧାରଣୀ ପୁଣ୍ୟା ସନାତନୀ ।
ବିଧାତା ସୃଷ୍ଟିର ଏକ ଅଦ୍ଭୁତ କୌଶଳ,
ସିକତା ଗର୍ଭରେ ପ୍ରବାହିତ ପୂତ ଜଳ ।
ଜନନୀର ସ୍ତନ୍ୟ ସମ ଲୁକ୍କାୟିତ ବାରି,
ତର୍ପଣେ ତୁଳନ୍ତି ଯତ୍ନେ ବାଲୁକା ବିଦାରି ।
ନଦୀ ବକ୍ଷେ ମହାଯଜ୍ଞ ହୁଏ ସମାହିତ,
ପ୍ରତି ନିଶ୍ୱାସରେ ବେଦମନ୍ତ୍ର ମୁଖରିତ ।
ସ୍ୱର୍ଗୀୟ ଅପୂର୍ବ ଭାବଯୁକ୍ତ ଶ୍ରେଷ୍ଠଧାମ,
ଧର୍ମପିପାସୁର ପୂର୍ଣ୍ଣ ହୁଏ ମନସ୍କାମ ।
ମହାଧାମ ଗୟା ତୀର୍ଥ ବିଖ୍ୟାତ ଜଗତେ,
ଗଦାଧର ପଦାଙ୍କିତ ଗୟାସୁରଶିରେ ।
ପୁଲିନ ପ୍ରାନ୍ତରେ ବିଖ୍ୟାତ ରାମଶିଳା,
ପିଣ୍ଡ ପ୍ରତ୍ୟାଶାରେ ସମାଗତ ପ୍ରେତଶିଳା ।
ସବଙ୍କ ଚାରିରେ ଧର୍ମପ୍ରାଣ ଆର୍ଯ୍ୟଗଣେ
ସମାଗତ ପିତୃଲୋକ ଉଦ୍ଧାର କାରଣେ ।
କହୁଛନ୍ତି ହୃଦନ୍ତରୁ ଚିରକାଳ ଆର୍ଯ୍ୟ—
ସନ୍ତାନେ ଅବଶ୍ୟ ସାଧିବାକୁ ପିତୃକାର୍ଯ୍ୟ ।
ପିତା ସ୍ୱର୍ଗ, ପିତା ଧର୍ମ, ପିତାହିଁ ତପସ୍ୟା,
ଏହୁ ସନାତନ ବାକ୍ୟ ଧର୍ମର ସମସ୍ୟା ।

ଜନକ ଜନନୀ ତୁଲ୍ୟେ ପ୍ରତ୍ୟକ୍ଷ ଦେବତା,
ଜଗତର ସର୍ବ ଧର୍ମଶାସ୍ତ୍ରେ ଏହି କଥା ।
ଜନ୍ମଦାତା ରକ୍ଷାକାରୀ ଜନନୀ, ଜନକ,
ପୁତ୍ରଙ୍କର ପ୍ରତିନିଧିସ୍ୱରୂପ ପାଳକ ।
ପିତା ମାତା ଆଜ୍ଞାବହ ନୁହେ ଯେ ତନୟ,
ରାକ୍ଷସ ପିଶାଚଠାରୁ ଅଧମ ନିଶ୍ଚୟ ।
ପିତୃଲୋକ ପ୍ରତ୍ୟାଶାରେ ଥାନ୍ତି ସ୍ୱର୍ଗୁ ଚହିଁ
ଆସିବ କେ ଯୋଗ୍ୟ ପୁତ୍ର ପିଣ୍ଡ ଦେବାପାଇଁ ।

ଶ୍ରୀରାମ ଲକ୍ଷ୍ମଣ ସୀତା ପିତା ଆଦେଶରେ
ଅତୁଳ ସାମ୍ରାଜ୍ୟ ତେଜି ଭ୍ରମିଲେ ବନରେ ।
ସ୍ୱର୍ଗଗତ ଦଶରଥ ଉଦ୍ଧାର କାରଣ
ଏହି ସ୍ଥାନେ ଥିଲେ କରି ଜାନକୀ ତର୍ପଣ ।
ଏକଦା ଶରତକାଳେ ନୈରଞ୍ଜନାକୂଳେ
ଭ୍ରମୁଛନ୍ତି ଶାକ୍ୟସିଂହ ମନର ଆକୁଳେ ।
ନୀଳାଞ୍ଜନା ନୈରଞ୍ଜନା ବହେ ଶରେ ବେଗେ,
କାମାସକ୍ତ ଲୋକ ଯଥା ମନର ଆବେଗେ ।
ସମସ୍ତ ପାଦପଶ୍ରେଣୀ ଧ୍ୟାନମଗ୍ନ ପ୍ରାୟ,
ଛନ୍ତି ଉଚ୍ଚ ଊର୍ଦ୍ଧ୍ୱବାହୁ ଯୋଗୀ ସ୍ଥିରକାୟ ।
ନବଜ୍ଞ ଲତିକା ସ୍ଥିର କାଣ୍ଡରେ ବେଷ୍ଟିତା,
ସୋହାଗୀ କାମିନୀ ପତିପ୍ରେମେ ପ୍ରଫୁଲ୍ଲିତା ।
ଶାରଦ ଶ୍ୟାମଳ ପଟେ ବନ ଆଚ୍ଛାଦିତ,
ପ୍ରବେଶ ତପନ ତେଜ ନ କରେ କଶ୍ଚିତ ।
ଦିଗନ୍ତ ପ୍ରସାର କରି ବନ୍ୟ ବିହଙ୍ଗମେ
ପ୍ରକୃତି ସଙ୍ଗୀତେ ମଗ୍ନ ସପ୍ତମ ପଞ୍ଚମେ ।

କ୍ଷୁଦ୍ରତମ ବିହଙ୍ଗମ ଯେତେ ଅନ୍ତରୀକ୍ଷେ
ବସି ତାହିଁ ଆନନ୍ଦରେ ସ୍ୱରସୁଧା ଢାଳେ ।
ମୟୂର ମୟୂରୀ ସଙ୍ଗେ କରନ୍ତି ନର୍ତ୍ତନ,
ଦାମ୍ପତ୍ୟ ପ୍ରଣୟ ପରାକାଷ୍ଠା ନିଦର୍ଶନ ।
ବନାନ୍ତେ ଶ୍ୟାମଳ ଶସ୍ୟକ୍ଷେତ୍ର ଶୋଭା ପାଏ,
ପବନେ ସାଗରେ ଶ୍ୟାମ ତେଜ ଖେଳିଯାଏ;
ଶ୍ୟାମ ଦୂର୍ବାଦଳ ବୃକ୍ଷମୂଳେ ଆଚ୍ଛାଦିତ,
କରନ୍ତି ପ୍ରକୃତି ଦେବୀ ଶଯ୍ୟା ବିସ୍ତାରିତ ।
ନିପତିତ ତଟତରୁ ଛାୟା ନଦୀନୀରେ,
ଶ୍ରେଣୀବଦ୍ଧ ଊର୍ଦ୍ଧ୍ୱମୂଳ ନିମ୍ନଶାଖା ଥିରେ ।
ଅଦୂରେ ପର୍ବତଶ୍ରେଣୀ ଶ୍ୟାମଳ ଉପଲେ,
ଧ୍ୟାନମଗ୍ନ ପ୍ରାୟ ଉପବିଷ୍ଟ ମହୀତଳେ ।
ଉପତ୍ୟକା, ସାନୁଦେଶ, କନ୍ଦରେ, ଶିଖରେ
ନାନାଶ୍ରେଣୀ ବୃକ୍ଷଲତା ଶୋଭେ ସ୍ତରସ୍ତରେ ।
ଏକାକୀ ସିଦ୍ଧାର୍ଥ ମାତ୍ର ସେ ନିର୍ଜନ ବନେ—
ଭୁଲନ୍ତି ଇନ୍ଦ୍ରିୟ ସଙ୍ଗେ, ଚିନ୍ତିଲେ ମନେ—
ତେଜି ମୁଁ କାମନା, ତତ୍ତ୍ୱ କରନ୍ତି ଯତନ—
ମାତ୍ର ମୋ ଇନ୍ଦ୍ରିୟେ ଅଦ୍ୟାବଧି ସ୍ୱେଚ୍ଛାଗମ ।
ଇନ୍ଦ୍ରିୟ ଅଧୀନ ଦେହ ଯେବେ ସ୍ଖଳିବାରେ,
କରିବ ସୁଜ୍ଞାନ ଲାଭ କେବେ କି ପ୍ରକାରେ ?
ଶୁଷ୍କ କାଷ୍ଠେ ଶୁଷ୍କ କାଷ୍ଠ ନ କଲେ ଘର୍ଷଣ,
କରିବା କଠିନ ଲାଭ ଜ୍ୱଳନ-ହୁତାଶନ ।
ଶୁଷ୍କ ଦେହେ ଶୁଷ୍କ ମନ କରିବ ଘର୍ଷଣ,
ତହିଁ ପାରେଁ ଜ୍ଞାନରୂପ ଅନଳ ଦର୍ଶନ ।

କଠୋର ତପସ୍ୟାବଳେ ଯୋଡ଼ି ଦେହ ମନ,
ନ ଯୋଡ଼ି ଅନଳେ ନୁହେ ବିଶୁଦ୍ଧ କାଞ୍ଚନ ।
ତପୋବଳେ କ୍ଲିଷ୍ଟ ମନ, ଶାନ୍ତ ଅଲୌକିକ
ଲଭିବ ଉଜ୍ଜ୍ୱଳ ହେବ ଘର୍ଷଣେ ମାଣିକ୍ୟ ।
ଶାନ୍ତିମୟୀ ନଦୀତଟେ ଶାନ୍ତିମୟ ବନେ
ବସିଲେ ସିଦ୍ଧାର୍ଥ ଧ୍ୟାନଯୋଗେ, ତୃଣାସନେ ।
କଠୋର ତପସ୍ୟା ବ୍ରତ କଲେକ ସାଧନ,
ଛ ବରଷ କାଳ କରି ମୁଦ୍ରିତ ନୟନ ।
କେବଳ ତଣ୍ଡୁଳ ଏକ ତିଳ ବା ବଦରୀ,
ସଲିଳ ଅନିଳପାନେ ଥିଲେ ଦେହ ଧରି ।
ପ୍ରଥମ ଏ ରୀତି ମାତ୍ର କ୍ରମେ ଅନଶନ,
ନ ଥିଲା ପଦାର୍ଥ ମାତ୍ର ଆଶ୍ରୟ ଜୀବନ ।
ଶରୀର ଇନ୍ଦ୍ରିୟଗ୍ରାମ ପ୍ରବଳ ବାସନା
କଠୋର ତପସ୍ୟାବଳେ ଶକ୍ତି ବିହୀନା ।
ତପସ୍ୟାରେ ଦେହ ମନ ଇନ୍ଦ୍ରିୟ ମଳିନ,
ମତ୍ତ କରୀପଦେ ପଦ୍ମବନ ଛିନ୍ନଭିନ୍ନ ।
ଶରୀର ଇନ୍ଦ୍ରିୟକ୍ରିୟା ହୁଅନ୍ତେ ନିରୁଦ୍ଧ,
ହେମନ୍ତେ ଶିଶିରପାତେ ଶରୀରରେ ବୋଧ ।
ହେଲା ଗ୍ରୀଷ୍ମ—ବହେ ସ୍ୱେଦ, ସର୍ବାଙ୍ଗୁ ନିର୍ଝର
ପ୍ରାବୃଟ କାଳରେ ଯଥା ବହେ ନିରନ୍ତର ।
ସମାପିଲ ହଠଯୋଗ, ଅଷ୍ଟାଙ୍ଗ ଧ୍ୟାନେ
ମଗ୍ନ ରୁଦ୍ଧ—ରୁଦ୍ଧ ହେଲେ ମନୋବୃତ୍ତିମାନେ ।
ଚରମେ କୁମ୍ଭକ ଯୋଗେ ହେଲେ ଅଚୈତନ୍ୟ,
ବେଦରେ ସ୍ଥାପିତ ଯଥା ପ୍ରତିମା କାଞ୍ଚନ ।

ରୁଦ୍ଧ ଶ୍ୱାସ, ରୁଦ୍ଧ ମୂତ୍ର, ରୁଦ୍ଧ କର୍ଣ୍ଣପଥ,
ସମସ୍ତ ଶରୀର ବାୟୁପୂର୍ଣ୍ଣ କୁମ୍ଭବତ ।
ପ୍ରବଳ ବେଗରେ ବହି କୁମ୍ଭିତ ପବନ
ପ୍ରାଣଯନ୍ତ୍ର ସ୍ଥିର—ହେଲା ବିଲୁପ୍ତ ଚୈତନ୍ୟ ।
ଦେଖିଲେ ଦନେଳ ଧ୍ୟାନଯୋଗେ ଶାକ୍ୟମୁନି,
ଅଇଲ ଭୋଇଲ ପାଶେ ସ୍ୱଦଶୀ ତରୁଣୀ;
ହା ପୁତ୍ର ! ନ ହେବ ସିଦ୍ଧ ତୋ ତପସ୍ୟାବଳ,
ଅସିତ ମହର୍ଷି ବାକ୍ୟ ସର୍ବୈବ ବିଫଳ ।

ହେଲ ନାହିଁ ସିଦ୍ଧ ବୁଦ୍ଧ ନ ରହିଲ ରାଜ୍ୟ,
ଯାପନ ଜୀବନ ହିନା ହେଲ ବୃଥା କାର୍ଯ୍ୟ ।
ହସ୍ତଗତ—ନ ଲଭିଲ ବିପୁଳ ସମ୍ପତ୍ତି,
ଅରଣ୍ୟରେ ଜାତ, ଶୁଷ୍କ, ଅରଣ୍ୟେ ମାଳତୀ ।
ପୃଚ୍ଛା କଲେ ଶାକ୍ୟସିଂହ ବୋଲ ଗୋ ରମଣି !
କେ ତୁମ୍ଭେ ? କାହିଁ ଶୋକେ ସଜଳନୟନି !
ସ୍ଖଳିତକୁନ୍ତଳା ମା ଗୋ ! ଧୂଳିରେ ଧୂସର,
ପୁତ୍ର ପୁତ୍ର ବୋଲି କାନ୍ଦ ଦୁର୍ବଳା କାତର !

ଅରେ ମୋ ନନ୍ଦନମଣି ! ବୋଇଲେ ରମଣୀ,
ସ୍ୱର୍ଗଗତା ମାୟାଦେବୀ ମୁଁ ତୋର ଜନନୀ;
ଅଛି ବିଧେବ ଛତ ହୋଇ ମୁଁ ବିମନା,
ତୋ କଷ୍ଟଲବ୍ଧ ଦେଖି ହେବାକୁ ସାନ୍ତ୍ୱନା ।
ଅଶ୍ୱାସି ମାତାକୁ ଯୋଗୀ ବୋଇଲେ ବଚନେ,
ନ ଡର ଜନନି ! ଚିନ୍ତା, ଅଛି ମୁଁ ନିର୍ଭୟେ ।
ଭୟ ନାହିଁ ଗର୍ଭେ ମୋତେ କଷ୍ଟରେ ଧାରଣ,
କଷ୍ଟଳ ହେବାର ନୁହେ ମହର୍ଷି ବଚନ ।

ପ୍ରତିଜ୍ଞା କରନ୍ତୁ ମାତଃ, ତବ କୃପାବଳେ
ହେବ ପୂର୍ଣ୍ଣ; ଏବେ ମହାଶାନ୍ତି ଧରାତଳେ ।
ପୃଥିବୀ ବିଦୀର୍ଣ୍ଣ ହେଉ—ସୁମେରୁ ପର୍ବତ
ହେବ ବିଚଳିତ—ମୋର ବାକ୍ୟ ସତ୍ୟ ସତ୍ୟ !
ପଡନ୍ତୁ ଚନ୍ଦ୍ରମା ସୂର୍ଯ୍ୟ ଭୂମି ତଳେ ଖସି,
ପ୍ରତିଜ୍ଞା ପାଳିବାପାଇଁ ଏବେ ଏଥି ବସି ।
ହେଉ ଦେହ ଛିନ୍ନଭିନ୍ନ ନାହିଁ ମୋ ଭାବନା,
ନ ଉଠିବି ନ କରି ମୁଁ ବ୍ରତ ଉଦ୍‌ଯାପନା ।

ନଶ୍ୱର ସ୍ୱପନ ଛାୟା ସମାନେ ଜନନୀ
ଗଲେ ଚଳି—ଯଥା ସୂର୍ଯ୍ୟ ଉଦୟେ ରଜନୀ ।
ବନର ଭିତ୍ତିରେ ବନ ଯାଉଅଛି ଖସି,
ଏକାସନେ ଏକଧ୍ୟାନେ ନବୀନ ସନ୍ନ୍ୟାସୀ ।
ଲଙ୍ଘିବେ ତପସ୍ୟାବଳେ ଦୁସ୍ତର ସାଗର,
ଭାବିବେ ଜଗତ ପ୍ରାଣୀ ଲକ୍ଷ୍ୟ ନିରନ୍ତର ।
ଉତ୍ସ୍ୱେଧାନ ବାହ୍ୟଜ୍ଞାନ, ନିଶ୍ଚଳ ନିସ୍ପନ୍ଦ
ଦେହ, ନାହିଁ ବାହ୍ୟ ଦ୍ରବ୍ୟ ସହିତ ସମ୍ବନ୍ଧ ।

ନିମୀଳିତ ନେତ୍ର, ରୁଦ୍ଧ ଶ୍ୱାସ-ଚଞ୍ଚଳତା,
ତରୁତଳେ ଅଧିଷ୍ଠିତ ଅରଣ୍ୟଦେବତା ।
ଦିବସ, ରଜନୀ, ଋତୁ, ମାସ, ବର୍ଷ, ଗତ
ଛ ବର୍ଷ ସମୟ କ୍ରମଶରେ ଅତିବତ ।
ମଳୟ ପବନ, ଝଞ୍ଜା ବାୟୁ, ଗ୍ରୀଷ୍ମ, ଶୀତ,
ପ୍ରକୃତିର ଲୀଳାଖେଳେ ଅଗତ ଅଜ୍ଞାତ ।
ରକ୍ତମାଂସହୀନ ଦେହ, ମୁଦ୍ରିତ ନୟନ,
ନିଶ୍ଚଳ ନିର୍ଜନ ସ୍ଥିର ବଲ୍ମୀକ ଯେସନ ।

ତପତକାଷ୍ଠନକାନ୍ତ ଅସ୍ଥି ମାତ୍ର ସାର,
ସହଜରେ ଅନୁମିତ କଙ୍କାଳ ପ୍ରକାର ।
ଅରଣ୍ୟ ଭ୍ରମଣକାରୀ ପଶୁପାଳଗଣେ
କୃତାନ୍ତ ପିଶାଚଭ୍ରମେ ସଭୟ ନୟନେ ।
ଦୁରନ୍ତ ଗୋପାଳ ଶିଶୁ କେହୁ ଆମୋଦରେ
ଦୂରେ ଥାଇ ଲୋଷ୍ଟ୍ର, ଧୂଳି ନିକ୍ଷେପେ ଦେହରେ ।
ମୃତ ଶବ ଭ୍ରମି ଘୃଣା କରେ କେଉଁ ଜନ,
ପଳାଇଲେ ନିରାଶାରେ ଶିଷ୍ୟ ପାଞ୍ଚଜଣ ।
ଜାଳିଲେ ତମିରେ ଧର୍ମ-ପ୍ରଦୀପ ଉଜ୍ଜ୍ୱଳ ,
ଲୁପ୍ତ ବାହ୍ୟଜ୍ଞାନ—ତତ୍ତ୍ୱ ମହିମା ପ୍ରବଳ ।
ଲୁପ୍ତ ଦୃଷ୍ଟି, ଲୁପ୍ତ ଶ୍ରୁତି, ନିଶ୍ଚେଷ୍ଟ ଶରୀର,
ଧର୍ମ ତତ୍ତ୍ୱର ବ୍ୟାପ୍ତ ନିବିଡ଼ ତିମିର ।
ଯୋଗିଙ୍କ ଅନ୍ତରେ ଜ୍ଞାନଦୀପ ପ୍ରଜ୍ୱଳିଲେ
ଜ୍ୱଳନ୍ତେ ପ୍ରଭାବ ବ୍ୟାପ୍ତ ହେଲା ଜଗତରେ ।
ସେ ଜ୍ଞାନ ଆଲୋକେ ଯୋଗୀ ଧର୍ମ ତତ୍ତ୍ୱର,
ଧର୍ମର ଅନନ୍ତ ତତ୍ତ୍ୱ, ସୀମା ସୌନ୍ଦର୍ଯ୍ୟର
ଦେଖିଲେ; ମାନବ କାହିଁ ନିର୍ବାଣର ପଥ ?
ଅନ୍ୱେଷି ବିଶେଷ ପ୍ରାପ୍ତ ନ ହେଲେ ତ ତତ୍ତ୍ୱ ।
ଯୋଗିଙ୍କ ସମସ୍ତ ଆଶା ହେଲା ବ୍ୟର୍ଥ ପ୍ରାୟ,
ଛଅ ବର୍ଷ ତପସ୍ୟାରେ ନ ହେଲା ଉପାୟ,
କେତେ ଆଶା—ମହା ଆଶା ପୋଷିଥିଲେ ମନେ,
ଏ ଘୋର ତପସ୍ୟା ଯାଇ'ଗଲା ଅକାରଣେ !
ସିଦ୍ଧାର୍ଥ ତପସ୍ୟା ନୁହେ ଆପଣାର ପାଇଁ,
ନିଖିଳ ମାନବ ଅର୍ଥ ସିଦ୍ଧ ହେଲା କାହିଁ ?

ଏ ଘୋର ତପସ୍ୟା ଯେବେ ଗଲା ଅକାରଣେ,
ସାଧନା ଉପାୟ କାହିଁ ? ଚିନ୍ତିଲେ ମନେ—
ନବ୍ରତ ସାଧନା ଅନ୍ୟ ଅଛି କି ଗୁପତ ?
ଲଭିବ ଯେ ମାର୍ଗେ ଯାଇ ନିର୍ବାଣର ତତ୍ତ୍ୱ ?
ନିରାଶାର ସହଚର ସଂଶୟ ଅନ୍ତରେ
ସନ୍ଧାବୃତ, ବସ୍ତ୍ରାବୃତ, ଯୋଗିମନ ପ୍ରାନ୍ତେ ।
ଚରାଇତ ମୃଗଯୂଥ ମିଳି ମୂଳ ପାଶେ
ଚକିତେ କ୍ଷଣକେ କାହିଁ ତରନ୍ତି ନିଶ୍ୱାସେ ।

ନିଶ୍ଚେଷ୍ଟ ନିଶ୍ଚଳ ଅଙ୍ଗ ସ୍ଥାଣୁ ସମାନରେ
ବସନ୍ତି ଅରଣ୍ୟ କ୍ଷୁଦ୍ର ପକ୍ଷୀ ମସ୍ତକରେ ।
ସଂଶୟ-ନୀରଦେ ଜ୍ଞାନ-ସୂର୍ଯ୍ୟ ଆଚ୍ଛାଦିତ,
ନିଷ୍ଫଳ ତପସ୍ୟା ଯୋଗିମନେ ଅନୁମିତ ।
ଜନକ ଜନନୀ ମନେ ବୃଥା ଦେଲି କଷ୍ଟ,
ତେଜିଲି ପ୍ରେୟସୀ ଗୋପା, କଲି ଦେହ ନଷ୍ଟ ।
ଆଶା-ତରୀ ବୁଡ଼ାଇଲି ଅକୂଳ ସାଗରେ,
ସଞ୍ଚିତ କରିବ ଧନ—ବଞ୍ଚିତ ଶେଷରେ ।

ଅନାଗତ ପ୍ରତ୍ୟାଶାରେ ହସ୍ତଗତ ଧନ
ଅବମୃଷ୍ୟକାରିତାରେ ଦେଲି ବିସର୍ଜ୍ଜନ ।
ମାୟା ବନା ଆଶାସୂତ୍ରେ ଜୀବନ ସମ୍ବନ୍ଧ
ଛିଦ୍ର ମାତ୍ର ପ୍ରାପ୍ତେ କରେ ଲୋକେ ଜ୍ଞାନଅନ୍ଧ ।
ସଂସାର ମୋହନ ବେଶ ଭସିଲା ନୟନେ,
ବିଗତ ଐଶ୍ୱର୍ଯ୍ୟ ବୀର୍ଯ୍ୟ ପଡ଼ିଗଲା ମନେ ।
ପୂର୍ବ ସ୍ମୃତି ଏକ ଏକ ହୃଦୟେ ବିକାଶେ,
ପ୍ରକାଶିତ ସନ୍ଧ୍ୟା ତାରା ଯେମନ୍ତ ଆକାଶେ ।

ପିତାଙ୍କର ଶୋକ ଛବି, ଗୌତମୀଙ୍କ ତାପ,
ଜୀବନସ୍ୱରୂପା ଗୋପା-ପ୍ରଣୟ ପତାପ ।
ଅତୁଳ ବିପୁଳ ଆହା ! ବହୁଛ କି ପ୍ରାଣେ ?
ଅଛନ୍ତି କି ପିତା ମାତା ପ୍ରାଣେ—କେବା ଜାଣେ ?
କପିଳବସ୍ତୁରେ ବୃଥା ଦେଇ ଶୋକ ତାଳ,
ଜନକ, ଜନନୀ, ଗୋପା, ଲୋକ ହୃଦ ଜାଳ ।
କି କର୍ତ୍ତବ୍ୟ ବର୍ତ୍ତମାନ ? ପୁଣି କି ସଂସାରେ
ପ୍ରବେଶିବ ? ନାହିଁ ନାହିଁ, ଯିବ କି ଅଗାରେ ?
ଜନ୍ମ, ଜରା, ମୃତ୍ୟୁ, ବ୍ୟାଧି ପୂର୍ଣ୍ଣ ଯେ ସଂସାରେ,
ମୁକ୍ତ ବନ୍ଦୀ ପ୍ରବେଶେ କି ପୁନଃ କାରାଗାରେ ?
ବୃଥା କି ମାନବ ଜନ୍ମ ? ଯନ୍ତ୍ରଣା ନିର୍ବାଣ
ମାର୍ଗ ଶୂନ୍ୟ ? ଏ ପ୍ରକାର ଈଶ୍ୱର ବିଧାନ ?
ନ ହେଲା ମୀମାଂସା ଯୋଗୀ ପଡ଼ନ୍ତେ ସଂଶୟେ,
ଲାଳସା, କାମନା କଲେ ପ୍ରବେଶ ହୃଦୟେ ।
ଦେଖିଲେ ସିଦ୍ଧାର୍ଥ—ମନୋହର ନାରୀଗଣେ
ବୋଲିଲେ ତାହାଙ୍କୁ ଆସି ମଧୁରବଚନେ—
ହେ ଯୋଗି ! କି ବୁଝି ତନୁ ବୃଥାରେ ତପସ୍ୟା
କର, ଦେହ ନଷ୍ଟ ତୁମ୍ଭ ଅଛି କି ଭରସା ?
ସୌନ୍ଦର୍ଯ୍ୟ ଐଶ୍ୱର୍ଯ୍ୟ ବୀର୍ଯ୍ୟ ବିଳାସ ଗୌରବ—
(ତେଜ ଯୋଗ) ଯାହା ଇଚ୍ଛା ଦେବୁଁ ଆଣି ସବୁ ।
ଛ ବର୍ଷ ତପସ୍ୟା କରି ଲଭିଲ କି ଫଳ,
ଶରୀର କଙ୍କାଳସାର ଯନ୍ତ୍ରଣା କେବଳ ।
ଅପୂର୍ବ ରମଣୀ ସଙ୍ଗ ଅପୂର୍ବ ସୁରସ,
ଛିର ସୌଦାମିନୀରୂପା ସ୍ୱର୍ଗବିଦ୍ୟାଧରୀ ।

ଝଣାକଣା ବାଣୀ ତବ ଅପୂର୍ବ ଲାବଣ୍ୟ,
ଚକ୍ଷୁଲେ ଚହିଁ ତରେ ଅଲୋକ ଅରଣ୍ୟ ।
ସଙ୍ଗଲେ ସ୍ମିତବେଶା ଯୋଷା କୁଞ୍ଚିତକୁନ୍ତଳା,
ମୂର୍ତ୍ତିମତୀ ନାଗରୂପା ବିଦଗ୍ଧା ଚପଳା ।
ଅର୍ଦ୍ଧ-ଅନାବୃତବକ୍ଷା ସୁଠାମ ଶୃଙ୍ଗାଙ୍ଗି,
ତାଡ଼ିତ ମୋହରେ ଭେଦ କରେ ହୃଦ ଜାଣି ।
ସୁତାର ସେତାର ତବ ବୀଣାର ଝଙ୍କାର
ବଚନେ ବୋଇଲେ ଶାକ୍ୟସିଂହେ ପୁନର୍ବାର ।

ବୃଥା ନିର୍ବାଣର ମାର୍ଗ କର ଅନ୍ବେଷଣ !
ଅପ ଭ୍ରାନ୍ତ ! ସ୍ପୃହେ—ସର୍ବେ କରୁଁ ବିଚରଣ ।
ଅତଳ ହିମାଦ୍ରିପାନ୍ତୁ ସମାନେ ସନ୍ନ୍ୟାସୀ
ଉପବିଷ୍ଟ ସର୍ବ ସୁଖ ଲାଳସା ଉଦାସୀ ।
ଜ୍ୱଳଲେ ତପରେ, ଧନ୍ୟ କାମ ପ୍ରଲୋଭନ !
ଅମୃତେ ରଖିଛୁ ପ୍ରାଣିଗଣେ ଅନୁକ୍ଷଣ ।
କାମର ମହିମା ଶକ୍ତି ଅଛୁ ବଳ ଜଣା,
ପ୍ରାଣିନାଶେ ବସ୍ତ୍ରାଚ୍ଛନ୍ନ ଜାଲ ପ୍ରତାରଣା ।

କାମନା—କାମର ପତ୍ନୀ—ପିଶାଚଦର୍ପିତ,
ସନ୍ତ୍ରାନ୍ତ ମାନବକୁଳେ ଦୁଃସହ ଦୁର୍ଗତି ।
ମାନବ ପ୍ରବାହ ବୃଦ୍ଧି କାମ ପ୍ରସାଦରେ
ସତ୍ୟ,—କିନ୍ତୁ ସର୍ବନାଶ ସନ୍ତାଏ ଲୋକରେ ।
କାମୁଁ ଜାତ କ୍ରୋଧ—ତହୁଁ ସଟେ ସର୍ବନାଶ,
କହିବ କେ ଜାଣି ସେହି କାମ ଅଭିଳାଷ ?
କେତେ ଲୋକଅସ୍ତ୍ରକର ମୃତ୍ୟୁ ଜଗତରେ
ସହିଛୁ—ଦେବାରୁ ଲୋକ ଜନ୍ମର କାମରେ ।

ଅଲକ୍ଷ ପୂର୍ବରେ କାମ ମାନବ ହୃଦୟେ
ପ୍ରବେଶି ଜ୍ୱଳନର କରେ କାମନା ବଢ଼ୟେ ।
କାମ ସନ୍ତତରେ ମୋହବଶେ ଲୋକଗଣ
ଲଭନ୍ତି ଜନମେ ଜରା ଯନ୍ତ୍ରଣା ମରଣ ।
ଭ ଭୀଷଣ କାମଲୀଳା ନ ଦେଖନ୍ତି ଲୋକେ,
ସୁଖ ଭୋଗେ ରତ ଥାଇ ନଯତନ୍ତ ଦୁଃଖେ ।
ଦଳନ୍ତି କାମକୁ ଯେବେ, କି ଲୋକେ ସମ୍ପ୍ରତି
ଦେଖ ସନ୍ନ୍ୟାସୀ କାମ ବଶ୍ୟରେ ମତି ?
ଥାଉ କାମ ପ୍ରଲୋଭନ, ଉଦ୍ଦେଶ୍ୟ ସାଧନ
ନଚେତନ କରିବ ମୁଁ ପ୍ରାଣ ବିସର୍ଜନ ।
ଧିକ ଦୁରାଶୟ କାମ ! ଧିକ ତୋ ବେହାର !
ନ ଭୁଲିବି ମୋର ବାକ୍ୟସାମ୍ୟ ଏ ପ୍ରକାର ।
ସୁଖଯୋଗ୍ୟ କାମ୍ୟ ବସ୍ତୁ ଦେଇଛୁ ଯୋଗାଇ,
ହେବ ଏବେ କାମଦାସ ତତ୍ତ୍ୱମାର୍ଗ ଛାଡ଼ି ?
ମୋ ଦୀର୍ଘ ତପସ୍ୟା ଫଳ ହେବ ବିଫଳ,
ନିଶ୍ଚୟେ କାମର ନାହିଁ ଏତାଦୃଶ ବଳ ।
ଜ୍ଞାନସୂର୍ଯ୍ୟ ଉଦୟରେ କାମ ଅନ୍ଧକାର
ଦୂରୀଭୂତ ରମଣୀ ଏ,—ତାସ୍ତ ଅନୁସାର ।
ଅନ୍ତର୍ହିତ କାମ—ପଞ୍ଚ କନ୍ୟା ସହିତରେ,
ଦେଖିଲେ ସିଦ୍ଧାର୍ଥ ଏକ ମୂର୍ତ୍ତି ସମ୍ମୁଖରେ;
ଭୂତ, ପ୍ରେତ, ପିଶାଚ ବା ରୂପ କଙ୍କାଳର,
ଭୀଷଣ ଭଙ୍ଗିକପାଳ ଜିହ୍ୱା ଲହଲହ,
ବଦନ ବିସ୍ତାରି ଆସୁଛି ବା ଗ୍ରାସିବାକୁ ?
ଦୂର ହ—ଦୂର ହ ! ଯୋଗୀ ବୋଲିଲେ ତାହାକୁ ।

ଚିହ୍ନି ତୁ ରେ କାମ ତୋତେ—ତପସ୍ୟାକଣ୍ଟକ !
ମୋ ମାର୍ଗରେ ପ୍ରତିବନ୍ଧ ହେଉ ଅନର୍ଥକ ।
ବୋଇଲା ପିଶାଚ—ଆରେ ଶାକ୍ୟସିଂହ ! ଶୁଣ,
ଜାଣୁଛ ଆସିବ ତେବେ ହେଲେ ଧନେ ପୂର୍ଣ୍ଣ ।
କାମ ନୁହେ ମୃତ୍ୟୁ ମୁହିଁ ରଖିଥା ମନରେ ।
ବାଜିଲା ଏ କଥା ଯୋଗିକର୍ଣ୍ଣେ ଜରନ୍ତରେ ।
ଭାଳିଲେ ସିଦ୍ଧାର୍ଥ ମୃତ୍ୟୁ ଆସିବ ନିଶ୍ଚୟ,
ବୃଥା ମୁଁ କି କରି ଏଥୁ ଦେହ ଅପଚୟ ?
ମୃତ୍ୟୁ ଆସିବାର ପୂର୍ବେ ନିର୍ବାଣର ପଥ
ନ କଲେ ମୁଁ ଆବିଷ୍କାର ସର୍ବ ହେଲା ବ୍ୟର୍ଥ ।
ବଢ଼ିଲା ଚତୁର୍ଗୁଣ ଯନ୍ତ୍ରଣା-ଭୂମିରେ,
ସହସ୍ର ବୃଶ୍ଚିକ ଲକ୍ଷି ପଡ଼ିଲା କି ଶିରେ !
କିସ କି ନ ପାରେ ତତ୍ତ୍ୱମାର୍ଗ ଆବିଷ୍କାର,
ମାନବେ ପାଇବେ ପାପ ତାପରୁ ଉଦ୍ଧାର ।
ଅଇଲେ ଏକାଳେ ଇନ୍ଦ୍ର ସ୍ୱର୍ଗରୁ ଓହ୍ଲାଇ,
ମିଳିଲେ ଧୀରେ ଧୀରେ ଯୋଗିପାଶେ ଯାଇ ।
ସ୍ୱନର ବିତନ୍ତ୍ରୀ ବେକ ଧରିଥିଲେ କରେ,
ସ୍ୱର ବାନ୍ଧି ମନୋଯୋଗୀ ହେଲେ ବାଦନରେ,
ଟାଣନ୍ତେ ଛିଡ଼ିଲା ଶ୍ଳଥ ଥିଲା ଏକ ତାର,
ଦୁର୍ବଳ ହିଙ୍ଗୁମ୍ବ ତାର ମଧ୍ୟ ସେପ୍ରକାର ।
ସ୍ୱନର ତୃତୀୟ ତାର ବାଜିଲା ସୁତାନେ,
ହେଲା ସୁଧା ତାଳ ଯେହ୍ନେ ଶାକ୍ୟସିଂହ କାନେ ।
ଛମ୍ପାତବ ପ୍ରାନ୍ତେ ଇନ୍ଦ୍ର ହେଲେ ଅନ୍ତର୍ହିତ,
ବସନ୍ତେ ସିଦ୍ଧାର୍ଥ ଛନ୍ଦ ଯେହ୍ନେ ଚମକିତ ।

ଇନ୍ଦ୍ର କାର୍ଯ୍ୟ ଦେଖି ମୁନି ବସ୍ମରିଲେ ମନେ,
ତଳାପ ଝୁଅରେ ଦେହୁ ଅବା ନପାଡ଼ନେ
ନ ହେବ ତପସ୍ୟା ସିଦ୍ଧି ଦେହ ସଙ୍କଟ,
କରିବ ଅବଶ୍ୟ ଫଳ ଲଭିବ ବାଞ୍ଛିତ ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ତପସ୍ୟା
ନାମ ଚତୁର୍ଦ୍ଦଶ ସର୍ଗ ।

## ପଞ୍ଚଦଶ ସର୍ଗ ।

ଚିଲି

ଗତ ରଜନୀ ଅରୁଣୋଦୟ,
କ୍ରମେ ଅବନୀ ଆଲୋକମୟ,
ଜଗତର ଲୋକେ ପ୍ରଭାତେ ଆଲୋକେ
ନିତ୍ୟ କାର୍ଯ୍ୟରେ ହେଲେ ତନ୍ମୟ
ସେ ସମୟେ ।

୨

ବହେ ଶୀତଳ ବାୟୁ ପ୍ରଭାତ,
ନବ ଅରୁଣ କିରଣ ଛତ,
ଭଜ ଗୁଞ୍ଜରଣ ମଧୁକରଗଣ
ମକରନ୍ଦପାନେ ଛନ୍ତି ମାତ
ସେ ସମୟେ ।

୩

ଧୀରେ ସିଦ୍ଧାର୍ଥ ମେଲି ନୟନ
ଯାହିଁ ଦେଖିଲେ କୁଞ୍ଜ କାନନ,
ଛଅ ବର୍ଷ ଗତ        ହୋଇଛି ଏମନ୍ତ
ତରୁ ଲତା ପୁଷ୍ପ ସୁଶୋଭନ
ସେ କାନନେ ।

୪

ପ୍ରାତ ସୁନ୍ଦର ନୀଳ ଆକାଶ,
ପ୍ରକୃତିର କି ଛବି ବିକାଶ,
ତରୁ ମନୋରମ        ବସନ୍ତ କୁସୁମ
ଫୁଟି ଛଡ଼ୁଛି ଯାଏ ସୁବାସ
ସେ ବନରେ ।

୫

ନବ ପଲ୍ଲବେ ତରୁ ବଲ୍ଲରୀ,
ନବ ଯଉବନ ରୂପ ଧରି,
ବିକାଶେ ଯଥାର୍ଥ        ମାତ୍ର କି ସିଦ୍ଧାର୍ଥ
ରୂପ ଲାବଣ୍ୟ ପାଇଛି ସରି
କି ସେ କାଳେ ।

୬

ଗଲା ସାମର୍ଥ୍ୟ ସିଦ୍ଧାର୍ଥ ତନୁ,
ଗଲା ବଦନ୍ତୁ ତାରୁଣ ମନୁ,
ଶରୀର ଯେମନ୍ତ        କାଷ୍ଠରେ ନିର୍ମିତ,
ନୁହେ ପଞ୍ଜାଳତ ମାତ୍ର ଅଣୁ
ସେ କାଳରେ ।।

୭

କର ଚରଣ ଦୁର୍ବଳ ଅତି;
ଉଠିବାକୁ ତ ନାହିଁ ଶକତି,
ନାହିଁ କେହୁ ସାହା    ଧରି ଅବା ବାହା
ଉଠାଇବ ବା ଅର୍ପିଣ ଭକ୍ତି
ସେ ସିଦ୍ଧାର୍ଥେ ।

୮

ଥିଲେ ପାଞ୍ଚଜଣ ଶିଷ୍ୟ ପାଶେ,
ପଳାଇଲେକ ଛାଡ଼ି ନିରାଶେ,
ସିଦ୍ଧାର୍ଥ ଏକକ    ସାହା ନାହିଁ ଲୋକ,
କଛୁ ବୋଲିବେ ତାହାର ପାଶେ
ସେ ସିଦ୍ଧାର୍ଥ ।

୯

ବହୁ କାଳରେ ବହୁ କଷ୍ଟରେ
ଉଠି ବସିଲେ ଶରୀରବଳରେ,
ନୈରଞ୍ଜନା ନୀରେ    ଯାଇ ଧୀରେ ଧୀରେ
ସ୍ନାନ କଲେ ଛଅ ବର୍ଷ ପରେ
ସେ ସିଦ୍ଧାର୍ଥ ।

୧୦

ଅନଳରେ କି ସୁଧା ବର୍ଷଣ
ହେଲା, ଭେଟିଲେ ଜୀର୍ଣ୍ଣ ବସନ,
ନିକଟ ଶ୍ମଶାନ    ଶବର କଫନ
ଆଣି ଯତନେ କଲେ ଧାରଣ
ସେ ଅଙ୍ଗରେ ।

୧୧

ଆସି ବସିଲେ ସେ ତରୁତଳେ,
ତବ ପ୍ରତିମା ସମ ନିଷ୍ଚଳେ,
ଅରଣ୍ୟ ଦେବତା କିଅବା ସ୍ଥାପିତା
ଛନ୍ତି କି ସେ ବିପିନେ ବରଲେ
ସେ ସ୍ଥାନରେ ।

୧୨

ନନ୍ଦନପରି କନ୍ୟା ସୁକାନ୍ତା,
ଶ୍ୟାମ ପଲ୍ଲବ କଣଙ୍କାନ୍ତା,
ବେଷ୍ଟିତା ଅଳିରେ ସୁବର୍ଣ୍ଣ ଥାଳିରେ
ପୂଜା ସମ୍ଭାରମାନ ସହିତା
ସେ ସ୍ଥାନରେ ।

୧୩

ବନଦେବତା ପୂଜିବା ଅର୍ଥେ
ଆସି ମିଳିଲେ ସନ୍ନ୍ୟାସୀ ପାଖେ,
ଦେଖି ଯୋଗିବରେ ଭାବିଲେ ମନରେ,
ବନଦେବତା ମନରୁ ଅଛେ
ଏ ସନ୍ନ୍ୟାସୀ ।

୧୪

ଭକ୍ତି ପୂର୍ବକ ନମି ପାଦରେ,
ଫଳ ପାମ୍ବୁଆଦି ସହିତରେ,
ଦେଇ ଉପହାର ନମି ବାର ବାର
ଜଣାଇଲେ ବିନମ୍ର ବାକ୍ୟରେ
ସେ କୁମାରୀ ।

୧୫

ଯେନ ଦେବତା ମୋ ନନ୍ଦନ,
ସ୍ୱର୍ଗେ ! ବନ୍ଦଇ ତୁମ୍ଭ ଚରଣ,
ଦାସୀର ସାମାନ୍ୟ ପୂଜା ପାଦ୍ୟାର୍ଘ୍ୟ
କୃପାକଟାକ୍ଷେ କର ଗ୍ରହଣ,
ହେ ଦେବତା ।

୧୬

ଯୋଗୀ ବୋଇଲେ, ଗୋ ସାଧ୍ୱି ! ସତି !
ଦେବ ନୁହେ ମୁଁ ସାମାନ୍ୟ ଯତି;
ରହ ଅନାହାରେ ତପସ୍ୟା ଏଠାରେ
କଲ ବହୁବର୍ଷ ସ୍ଥିରମତି,
ଗୋ କଲ୍ୟାଣି !

୧୭

ସୁଧା-ଅତୁଳ ଅନ୍ନ ମୋ ପ୍ରାଣ,
ନେଲି ଆନନ୍ଦେ ଏ ପାଦ୍ୟପାତ୍ର,
କରେଁ ଆଶୀର୍ବାଦ, ପୂରୁ ତୁମ୍ଭ ସାଧ
ରକ୍ଷା କରନ୍ତୁ ଶ୍ରୀ ଭଗବାନ
ଗୋ ସୁଶୀଳେ !

୧୮

ସତ୍ୟ ସୁଜାତାଦତ୍ତ ଅନ୍ନରେ
ଯୋଗୀ ଲଭିଲେ ବଳ ଦେହରେ,
ଜଗତେ "ଗୋତମ" ଜ୍ଞାନେ ଯୋଗିବର
ଖ୍ୟାତ ହେଲେକ ଏଥୁ ଅନ୍ତରେ
ଯେ କାଳରେ ।

୧୯

କ୍ରମେ ଯୋଗକ୍ଷମ ହେଲେ ଯତି,
ଶୁଣିବ କି ଜଗତ ଦୁର୍ଗତି,
ଅତି ସ୍ୱଚ୍ଛନ୍ଦରେ  ସିଦ୍ଧାର୍ଥ ଏକାନ୍ତେ
ପୁନଃ ତପରେ ଦେଲେକ ମତି
ସେ କାଳରେ ।

୨୦

ସେହି ଅଶ୍ୱତ୍ଥ ବୃକ୍ଷର ତଳେ
ପୂର୍ବେ ଯୋଗାସନ ଯେଉଁ ସ୍ଥଳେ,
ସାତ ବାର ପୁଣି  କରି ପ୍ରଦକ୍ଷିଣ
ପ୍ରଣମିଲ ସାତ ଥର ମୂଳେ
ସେ ତପସ୍ୱୀ ।

୨୧

ଉଷାଳକ୍ଷୁ ତୃଣଗୁଛି ଆଣି
ଶୁଦ୍ଧ ଆସନ ପାତିଲେ ପୁଣି,
ପୂର୍ଣ୍ଣ ଯୋଗସ୍ଥ  ହେଲେକ ସମସ୍ତ
କାର୍ଯ୍ୟ ତେଜି ସେହି ମହାଜ୍ଞାନୀ
ସେ ସମୟେ ।

୨୨

ପୂର୍ବମୁଖ ବଜ୍ରାମ୍ବୁ ମନେ
ନତ ଅଂସଯୁଗ ଧରିସନେ,
ହସ୍ତୋପରେ ହସ୍ତ  ଅଙ୍କରେ ସ୍ଥାପିତ,
ବେନି କମଳ ଭାଷ୍କାସନେ
ସେ ଯୋଗିର ।

୨୩

ଜଟା ମୁକୁଟ ଶୋଭେ ମସ୍ତକେ,
ନେତ୍ର ମୁଦ୍ରିତ ନାସ୍ତି ପଲକେ,
ଦେହ ଜୀର୍ଣ୍ଣ ବାସ    ନାସା ଅନଶ୍ୱାସ
କର୍ଣ୍ଣେ ଶ୍ରବଣରହିତ ସ୍ରୋତେ
ସେ ଯୋଗିର ।

୨୪

ଦେହ ଅଚଳ ସ୍ଥାଣୁ ସମାନେ,
ସ୍ୱତନ୍ତ୍ରର ସେହୁ ବାହ୍ୟଜ୍ଞାନେ,
ଭୁଶିଧ୍ୟାନ ବଳେ    ତପ ସୂତ୍ର ଫଳେ
ଲୀନ କଲେ ଶୂନ୍ୟତ ସମାଧେ
ସେ ଯୋଗୀନ୍ଦ୍ର ।

୨୫

ମନେ ସଙ୍କଳ୍ପ କେଲକ ସ୍ଥିର,
ଶୁଷ୍କ ନାଶ ବା ହେଉ ଶରୀର,
ଯାବତ ନିର୍ବାଣ    ଲଭେ ନହେବ ଜ୍ଞାନ
ଏହୁ ଆସନେ ଉହୁବ ତର
ମୁଁ ଏସ୍ଥାନେ ।

୨୬

ବୃକ୍ଷ ଜଶ୍ନ ସ୍ଥିର କାନନ,
ସ୍ତବ୍ଧ ପକ୍ଷିସଙ୍ଗୀତ, ପବନ,
ନୈରଞ୍ଜନାସ୍ରୋତ    କାନନ ସମସ୍ତ
ସ୍ଥିର ଅଛ କି ବଶ ସ୍ୱବଶ
ସେ କାଳରେ ।

୨୭

ପୂର୍ବାଚଳ ଶିରେ ସ୍ଥିର ସୂର୍ଯ୍ୟ,
ଦଶ ଜଗତ ଶାନ୍ତ ଗାମ୍ଭୀର୍ଯ୍ୟ
ପଶ୍ଚିମ ଆଶାରେ    ଫୁଟେ ତାରେ ତାରେ
ଶୋଭା ବିମୋହନ ଧ୍ୱନ ତୂର୍ଯ୍ୟ
ସେ ଢାଳିରେ ।

୨୮

ବାମ ପକ୍ଷକ ଗତ ତରେ,
ଅଚଳିତ ତରୁ ସ୍ଥିରେ,
ସ୍ନିଗ୍ଧ ନିରମଳ    ଦର୍ପଣ ଉଜ୍ଜ୍ୱଳ
ଅଚଳତା ତ ନାହିଁ ତହିଁରେ
ସେ ମନରେ ।

୨୯

ତେବେ ଜ୍ଞାନଦୀପ ଉଭାସିତ,
ସ୍ୱଚ୍ଛ ଦର୍ପଣେ ଚପଳ ଦୀପ୍ତ,
ବହିର୍ବିତ୍ତିମ୍ଭ    ସମସ୍ତ ଇନ୍ଦ୍ରିୟ
କ୍ରିୟାକଲାପ ଯେ ଅସ୍ତମିତ
ସେ ଦେହରେ ।

୩୦

ସଦଗୁରୁ ଶବର୍ଦ୍ଧ ପ୍ରଥମ
କଲେ ଧ୍ୟାନରେ ହୃଦମ୍ବୁଜମ୍,
ଭାବଲେ କି ସତ୍ୟ    କି ଅବା ଅସତ୍ୟ
ତତ୍ତ୍ୱ ଲଭିଲେ ଯେ କ୍ରମେ କ୍ରମେ
ସେ ଯୋଗୀନ୍ଦ୍ର ।

୩୧

ଆତ୍ମା ସମ୍ବନ୍ଧ ନିତ୍ୟ ସତ୍ୟ,
ଜଡ଼ ଚେତନ ଉଭୟେ ନିତ୍ୟ,
ସମ୍ବନ୍ଧବିହୀନ ଉଭ ଭିନ୍ନ ଭିନ୍ନ,
ଯୋଗୀ ତତ୍ତ୍ୱରେ କଲେ ନିଶ୍ଚିତ
ସେ ପ୍ରଥମେ ।

୩୨

ଯୋଗୀ ତତ୍ତ୍ୱରେ ଚଳିଲେ ବୁଦ୍ଧେ,
ପରିବର୍ତ୍ତନ ସ୍ରୋତରେ ଜଡ଼େ,
ବୁଝି ରୂପାନ୍ତର ନିତ୍ୟେ ନିରନ୍ତର,
ତାଙ୍କ ଅସ୍ମିତ ଜନ୍ମିଲା ଜଡ଼େ
ସେ କାଳରେ ।

୩୩

ସୂକ୍ଷ୍ମ ଦୁଃଖ ଯାହା ଜଗତଜର
ନାଶ ଯାଏ ଜଡ଼ ସହିତରେ,
ସୂକ୍ଷ୍ମ ଦୁଃଖମାନ ମନେ ଯେବେ ସ୍ଥାନ
ଦେବ ନାହିଁ, ମୁକ୍ତି ସହଜରେ
ତ ଲଭିବ ।

୩୪

ମେଘବିମୁକ୍ତ ଚନ୍ଦ୍ର ସମାନେ
ଆତ୍ମା ସ୍ୱରୂପ ଦେଖିଲେ ଜ୍ଞାନେ,
ଜଗତ ସମସ୍ତ ହେଲା ଧ୍ୟାନେ ଗତ,
ସର୍ବକାଳ ସକଳ ସମାନେ
ସେ କାଳରେ ।

୩୫

ଦୂରଗଲା ଅଜ୍ଞାନାନ୍ଧକାର,
ଦେବେ ଜ୍ଞାନାଲୋକ ଯେ ପ୍ରସାର,
ସେ ଜ୍ଞାନ ଆଲୋକେ   ଦେଖିଲେ ପ୍ରତ୍ୟକ୍ଷେ,
ଖଣି ଗର୍ଭରେ ମଣି ପ୍ରକାର
ସେ ଯୋଗୀନ୍ଦ୍ର ।

୩୬

ପୂର୍ବ ଜନମେ ଥିଲେ ଯେପରି,
ଗତ ଜନମରୁ ଭେଦ କରି,
ଗତି, ଦୁର୍ଗତି,   ସୁମତି, କୁମତି,
ନଖ ଦର୍ପଣ ପ୍ରତ୍ୟକ୍ଷ ପରି
ସେ ଯୋଗୀନ୍ଦ୍ର ।

୩୭

ଧ୍ୟାନେ ଜାଣିଲେ ସେ ପୁନର୍ବାର,
ଜନ ପୂର୍ବଜନ୍ମ ସମାଚାର,
କାହିଁ ତାଙ୍କ ନାମ,   କେଉଁ ଜାତି ବର୍ଣ୍ଣ,
କେଉଁ ବଂଶରେ ଜନ୍ମ ତାଙ୍କର
ଯେ ପୂର୍ବରେ ।

୩୮

କାଳସ୍ରୋତରେ ଜନ୍ମ ମରଣ,
ସଂସୃତିଚକ୍ର ନିତ୍ୟ ଆବର୍ତ୍ତନ,
ଜନ୍ମି ଜୀବ ମରେ,   ମରି ଦେହ ଧରେ
ଦୁଃଖ ସହିବାକୁ ଜୀବଗଣ
ଏ ସଂସାରେ ।

୩୯

ଜୀବ ଜନ୍ମି ମରେ ବାରମ୍ବାର,
କରୁଛନ୍ତି ସଦା ହାହାକାର,
ଭାଳିଲେ ମନରେ, ଏ କି ଜଗତରେ,
କାହିଁ ମାର୍ଗ କି ହେବା ଉଦ୍ଧାର
ଏ ଜଗତେ ?

୪୦

ଜନ୍ମ ମରଣ ଏ ଅବର୍ତ୍ତନେ,
କେଁା ଭ୍ରମନ୍ତି ଏ ଜୀବଗଣେ ?
ଅନ୍ତିମେ ଧ୍ୟାନ, ଲାଭ ତତ୍ତ୍ୱ ଜ୍ଞାନ,
ସୁଖ ଦୁଃଖ ଘଟେ ଯେ କାରଣେ
ଏ ଜଗତେ ।

୪୧

ଜନ୍ମ ଅଟେ ଦୁଃଖର କାରଣ,
କର୍ମଫଳ ଯେ ଜନ୍ମକାରଣ,
ଚେଷ୍ଟାରୁ ଯେ ଜାତ କର୍ମଫଳବ୍ରାତ,
ଦେହ ମାନସ ଚେଷ୍ଟା କାରଣ
ଏ ଦେହରେ ।

୪୨

ସୁଖତୃଷ୍ଣା ଯେ ଚେଷ୍ଟାକାରଣ,
ତୃଷ୍ଣାହେତୁ ସୁଖ ଦୁଃଖ ଜ୍ଞାନ,
ଜନ୍ମାଏ ଇନ୍ଦ୍ରିୟ ସୁଖଦୁଃଖତନ୍ତ୍ର
ଅନୁଭବକୁ ଜନ୍ମେ ଏ ଜ୍ଞାନ
ଏ ଦେହରେ ।

୪୩

ବୃକ୍ଷ କାରଣ ଅଟଇ ବୀଜ,
ବୀଜ କାରଣ ବୃକ୍ଷକୁ ହେଜ,
ଜଗତ୍ ମଧ୍ୟରେ କାର୍ଯ୍ୟ କାରଣରେ
ତାତ ସମ୍ବନ୍ଧ ଅଟେ ସହଜ
ଏ ସଂସାରେ ।

୪୪

ଜାତ ବୃକ୍ଷ ବୀଜବନ୍ଧନରେ,
ଜାତ ବୀଜ ବୃକ୍ଷବକ୍ଷିସ୍ଥାରେ,
ସେ କାର୍ଯ୍ୟ କାରଣ କ୍ରିୟା ନବନ୍ଧନ,
ସର୍ବ କାର୍ଯ୍ୟ ଜଗତ ସଂସାରେ
ଏ ଜଗତେ ।

୪୫

ଜୀବକର୍ତ୍ତାର ନୁହେ ଉଦେଶ୍ୟ,
ଭୁଞ୍ଜି ଜୀବଗଣ ନାନାକ୍ଲେଶ,
ସ୍ୱକାର୍ଯ୍ୟ କାରଣେ ଦେଖୁ ଜୀବଗଣେ
ଭୁଞ୍ଜିଛନ୍ତି ଯନ୍ତ୍ରଣା ଅଶେଷ
ଏ ସଂସାରେ ।

୪୬

ପୂର୍ଣ୍ଣ ଅଛି ଯାହା ଜଗତରେ,
ରୂପ ରସ ଗନ୍ଧ ମନୋହରେ,
ଇନ୍ଦ୍ରିୟ ସଂଯୋଗ କରେ ଉପଭୋଗ
ସୂକ୍ଷ୍ମ ପରମାଣୁର ମାତରେ
ସେ ଦ୍ରବ୍ୟର ।

୪୭

ସର୍ବ ସଂସ୍କାର ଜ୍ଞାନର ମୂଳ,
ଭ୍ରମ ଜ୍ଞାନ ଅବିଦ୍ୟାପଙ୍କିଳ,
ରୂପ ରସ ସର୍ବ     ନୁହେଁ ଜାଣ ତତ୍ତ୍ୱ,
ତତ୍ତ୍ୱ ବିଚାର ମାତ୍ର ଅଛୁଲେ
ସେ ପଦାର୍ଥ।

୪୮

ଏକ ଦେଖଇ ଯାହା ସୁନ୍ଦର,
ଅନ ମଣେ ତାହା ଅସୁନ୍ଦର,
ଅପତ୍ୟକୁ ସତ୍ୟ     ମଣେ ଲୋକ ନିତ୍ୟ
ଭ୍ରାନ୍ତ ବିଶ୍ୱାସ ଏହା ଲୋକର
ଏ ଜଗତେ।

୪୯

ମିଥ୍ୟା ଜ୍ଞାନରେ କେ କରେ ଦର୍ପ,
ଭ୍ରମେ ରଜ୍ଜୁକୁ କେ ମଣେ ସର୍ପ,
ଦୁଃଖକୁ ବା ସୁଖ     ମଣେ କେହୁ ଲୋକ
ଏହିପରି କରି ଜ୍ଞାନାଲୋକ
କେ ମାନବ।

୫୦

ମୂର୍ଖେ ହୋଇ ଇନ୍ଦ୍ରିୟବିଳାସୀ,
ଅନ୍ଧକଣ୍ଡରେ ଲଗାନ୍ତି ଫାଶୀ,
ନ ବୁଝନ୍ତି ତାରେ     ବୃଥା ବୁଡ଼ିଯିବେ
ଭୁଞ୍ଜେ କଷ୍ଟ ଜୀବ ଅବିନାଶୀ
ଏ ସଂସାରେ।

୬୧

ଯାନ୍ତୁ ପଦ୍ମପତ୍ର ବାରି ସମ,
ଜୀବ ଅନନ୍ତ ଅଟେ ଅଧୀନ,
ଅନନ୍ତ ଯେ ସୂକ୍ଷ୍ମ   ତହିଁରୁ ବିସୃଷ୍ଟ
ହୋଇ ସୂକ୍ଷ୍ମ ଲୋକେ ସ୍ଥୂଳତମ
ଏ ସଂସାରେ ।

୬୨

ଜୀବ କାମନାସାଗରେ ଆବଦ୍ଧ,
ତତ୍ତ୍ୱମାର୍ଗ ଦର୍ଶନରେ ଅନ୍ଧ,
ଭ୍ରମୁ ଜଳଧି   ଦୁଏ ଯେବେ ନାଶ,
ମୁକ୍ତି ବନ୍ଧୁ ସଙ୍ଗେ ସମ୍ବନ୍ଧ
ଏ ଜୀବର ।

୬୩

ଅବିଦ୍ୟାରୁ ଜାତ ଭ୍ରମ ଜ୍ଞାନ,
ଅହଂକାରରେ ହରଇ ଜ୍ଞାନ,
ଭ୍ରମୁ ଓ ମନ   ମୋହେ ହତଜ୍ଞାନ
ହୋଇ ଅର୍ଜନ୍ତି ଅଧର୍ମମାନ
ଯେ ଅଜ୍ଞାନେ ।

୬୪

ମୋହ ଛେଦନ କରେ ଯେ ଲୋକ,
ରହେ ନାହିଁ ପାପର ସମ୍ପର୍କ,
ଜଗତ ଅନିତ୍ୟ   ଜାଣି ଜ୍ଞାନବନ୍ତ
ଜନ୍ମ ମରଣୁ ମୁକ୍ତ ସେ ଲୋକ
ଏ ସଂସାରେ ।

୫୫

ଶାକ୍ୟସିଂହଙ୍କ ହୃଦୟେ ଜ୍ଞାନ
ଜାତ, ଯେପର ମୂର୍ତ୍ତି ନିର୍ବାଣ
ଲଭିବେ ମାନବେ      ଏହି ବସୁଧରେ,
ଯୋଗ ଏତେକାଳ ସମାଧାନ
ସେ ଯୋଗିର ।

୫୬

ଛଅବର୍ଷ ତପସ୍ୟାର ଫଳ,
ଲଭ କଲେକ ଜ୍ଞାନ ନିର୍ମଳ,
ଏହି ଜ୍ଞାନ ଲୋଡ଼ି      ରାଜ୍ୟ ସୁଖ ଛାଡ଼ି
ଥିଲେ, ମାନସ ହେଲା ସଫଳ
ସେ ଯୋଗିର ।

୫୭

ଅଲୌକିକ ଚନ୍ଦ୍ରାର ଅଗତ
ତପସ୍ୟାରେ ଦୀର୍ଘକାଳ ଗତ,
ହେଲ ସ୍ଥିରସ୍ଥ      କଲେ ଦେହସ୍ଥ୍ୟ,
କଳ୍ପତରୁ ହେଲା ଭୂଷିତ
ସେ ଯୋଗିର

୫୮

ଅନାହାର ଅନାବୃତଦେହୀ,
ଶୀତ ଗ୍ରୀଷ୍ମ ବର୍ଷା କଷ୍ଟ ସହି,
କଠୋର ସାଧନା      କରି ମହାମନା
ଜ୍ଞାନ ଲଭିଲେକ ବନେ ରହି
ସେ ସନ୍ନ୍ୟାସୀ ।

୬୯

ତୁଟେ ଚଞ୍ଚଳତା ଆଉ ନାହିଁ,
ଆଶା ତୃଷ୍ଣା ଅନୁରାଗ ନାହିଁ,
ଅବିଦ୍ୟାର ଲୟ          ହୃଦୟ ଅଭୟ,
ଏବେ ତପସ୍ୟା ତ ସେଥିପାଇଁ
ସେ ଯୋଗିର ।

୭୦

ଜ୍ଞାନାଲୋକରେ ହୃଦ କମଳ,
ହେଲା ସୁଶୀତଳ ସମୁଜ୍ଜ୍ୱଳ,
କେତେ ଜନ୍ମାନ୍ତରେ          ତପସ୍ୟା କଠୋରେ
କଲେ ତତ୍ତ୍ୱଜ୍ଞାନ ସମ୍ବଳ
ସେ ସନ୍ନ୍ୟାସୀ ।

୭୧

ନିର୍ବାଣର ପୂର୍ଣ୍ଣ ରୂପି ଜାତ,
ବୁଦ୍ଧ ଅବତାରରୂପେ ଖ୍ୟାତ,
ସେ ଅଶ୍ୱତ୍ଥ ବୋଧି-          ଦ୍ରୁମତଳେ ସିଦ୍ଧି
ତତ୍ତ୍ୱଜ୍ଞାନକୁ କଲେ ଅମୃତ
ସେ ସନ୍ନ୍ୟାସୀ ।

୭୨

ମହାକାଳସ୍ରୋତେ ଭ୍ରମଣରେ
ସେ ପବିତ୍ର ନାମ ଜଗତରେ
ମହାଭବିଷ୍ୟତେ          ଅସୀମ ଅନନ୍ତେ
ପୂଜା କରିବେ ଯେ ନାସ୍ତିକରେ,
ସେ ନାମକୁ ।

୨୩

ପୂର୍ଣ୍ଣ ପରତ୍ୱ ନାମ ଜଗତେ
ନର ନାରୀଙ୍କ ଶ୍ରବଣପଥେ
ମନ୍ଦ୍ରାସମୀରଣ ଭରିବ ବଦନ,
ମୁକ୍ତି ଲଭିବେ ପ୍ରାଣୀ ସମସ୍ତେ
ଏ ଜଗତେ ।

୨୪

ନାମ ପ୍ରାଦ ବଳ ଭକ୍ତରେ
ଶୂନ୍ୟ ଭେଦ ମିଳନ୍ତି ସ୍ୱର୍ଗରେ,
ମିଳି ଦେବଗଣ କୁସୁମ ବର୍ଷଣ
କଲେ ସର୍ବେ ଆନନ୍ଦ ମନରେ
ସେ କାଳରେ ।

୨୫

ହୃତ ଜ୍ଞାନ ପୂର୍ଣ୍ଣ ପୁଲକରେ,
ଶୀର୍ଣ୍ଣଦେହ ପୁଷ୍ଟି ପଲକରେ,
ମାନସ ସଫଳ ହୃଦୟ ନିର୍ମଳ
ହେବ ଉଦ୍ଭିଳର ଆନନ୍ଦରେ
ସେ ଯୋଗିର ।

୨୬

ପୂର୍ବପକ୍ଷ ଅଭ୍ରାନ୍ତ ଅସଲେ,
ଯୋଗୀ ଶୁଦ୍ଧିଲେ ଧୀରନମ୍ରଭେ,
ନବ ଧର୍ମାଲୋକେ ଜଗତ ପୂରିବେ,
ଆନନ୍ଦର ଯେତେ ଜୀବଗଣେ
ସେ କାଳରେ ।

୬୭

ନଶି ପ୍ରଭାତେ ଧୀର ପବନ
ବହେ, ଯୋଗୀ ଚେତଲେ ଅପନ,
ନର୍ବାଣର ସୁଖେ ଜଗତର ଲୋକେ
ପେଲେ ଶାନ୍ତ ଅନନ୍ଦେ ମଗନ
ସେ କାଳରେ ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ସିଦ୍ଧି
ନାମ ପଞ୍ଚଦଶ ସର୍ଗ ।

# ଷୋଡ଼ଶ ସର୍ଗ ।

ପ୍ରସ୍ତର ।

ନୈରଞ୍ଜନା ତଟସ୍ଥିତ ବୋଧି ଦ୍ରୁମ ମୂଳେ
ନମସ୍ଥିତ ଧ୍ୟାନେ ଯୋଗୀ ସପ୍ତ ଦିବା ନିଶି ।
ଜ୍ଞାନଚନ୍ଦ୍ରୋଦୟେ ପୟୋନିଧି ଉଚ୍ଛ୍ୱସିତ,
ଅନନ୍ତ, ଅସୀମ; ନିର୍ବାଣର ମହୋଲ୍ଲାସେ
ପ୍ଲାବିତ ହୃଦୟ, ଶାନ୍ତ, ସ୍ଥିର, ସ୍ତିମିତ ।
ଭାବିଲେ ମହର୍ଷି ଦେଖେ ପ୍ରତ୍ୟକ୍ଷ ଜଗତ,
ଜରା, ବ୍ୟାଧି, ମୃତ୍ୟୁ, କଷ୍ଟ, ଅବସାନପଥ ।
ନିର୍ବାଣ-ସଙ୍ଗୀତ ଧ୍ୱନି ବ୍ୟାପି ଜଗତରେ
ମହାଶୂନ୍ୟ ଭେଦ ଉତ୍ଥଳିତ ସ୍ୱର୍ଗରେ ।

ସେ ମହାସଙ୍ଗୀତ ଶୁଣି ଆସି ଦେବଗଣ,
ବୋଧି ଦ୍ରୁମ ମୂଳେ ବୁଦ୍ଧେ ବେଢ଼ିଲେ ଭକ୍ତିରେ;
ପ୍ରଣତ ସକଳେ—କଲେ ଜୟ ଜୟ ଧ୍ୱନି !
ଆକାଶୁ କୁସୁମ ବୃଷ୍ଟି ହେଲା ଘନ ଘନ !
ଅନନ୍ତ-ହିରଣ୍ମୂର୍ତ୍ତି ଗ୍ରହ ଉପଗ୍ରହଗଣେ,
ନିର୍ବାଣର ସମାଗମର ମହାପବନରେ
ପ୍ରବାହିତ ଜଗତର ପ୍ରତି ପ୍ରାଣୀ ପାଶେ ।
ଧ୍ୟାନେ ମଗ୍ନ ବୁଦ୍ଧଦେବ, ସପ୍ତ ଦିବାନିଶି
ଅଜ୍ଞାତେ ଅଗତ ମହାଜ୍ଞାନ ଲଭି ଅନ୍ତେ
ଉନ୍ମୀଳିତ ନେତ୍ରେ ତହିଁ ଦେଖିଲେ ଜଗତ,
ଜରା ବ୍ୟାଧି ମୁକ୍ତ ହେବା ନିର୍ବାଣର ପଥ ।
ଅବସିତ ଧ୍ୟାନ ଅନ୍ତେ ମହାଯୋଗିବର
ବୋଧି ଦ୍ରୁମମୂଳେ ଏକବିଂଶତି ଦିବସ
ନିର୍ବାଣ ଆନନ୍ଦେ ମଗ୍ନ ଭ୍ରମିଲେ ସୁଖରେ ।
ଏକଧ୍ୟାନେ ତହିଁ ପୁଣ୍ୟତମ ତରୁବରେ—
ସଫଳ ଜୀବନ-ତୃଷ୍ଣା ଯେ ପବିତ୍ରବନେ,
ସେ ପବିତ୍ର ସ୍ଥାନ ତେଜି ଯିବେ ଅନ୍ୟସ୍ଥାନେ ?
ନ ଚଳେ ଶରୀର ମନ ଗତ ଦିବାନିଶି,
ଚତୁର୍ଥ ସପ୍ତାହ ଅନ୍ତେ ଭ୍ରମିଲେ କାନନେ ।
ପ୍ରତି ବୃକ୍ଷ ସୁଶୀତଳ ଛାୟା ଆଶ୍ରୟରେ,
ନୈରଞ୍ଜନା ତଟେ ତଟେ, ତାଳବୃକ୍ଷବନେ
ପଞ୍ଚାଶତ ଦିବାନିଶି କଲେକ ଯାପନ ।
କ୍ଷୁଧା ତୃଷ୍ଣା ବିବର୍ଜିତ, ନିର୍ବାଣ ସୁଧାରେ
ଚିତ୍ତ ପରିପୂର୍ଣ୍ଣ, ନାହିଁ ଅନ୍ୟ ଚିନ୍ତା ମନେ ।

ପବିତ୍ର ହୃଦୟ ଶାନ୍ତ ସ୍ଥିର ଅବଚଳ ।
ଦେଖିଲେ ମହର୍ଷି ବନେ ଉରୁବିଲ୍ୱଗ୍ରାମେ—
ଉତ୍କଳ ଦେଶବାସୀ ବଣିକ୍‌ଯୁଗଳ
'ତପୁର' 'ଭଲ୍ଲିକ' ନାମ ଦୁଇ ସହୋଦର,
ପଣ୍ୟଦ୍ରବ୍ୟ ପରିପୂର୍ଣ୍ଣ ଶକଟ ମର୍ଗରେ
କର୍ଦ୍ଦମେ ପ୍ରୋଥିତ ଚକ୍ର, ବୃଥା ପ୍ରାଣପଣେ
କଲେ ଯତ୍ନ ଭ୍ରାତା ବେନି ନ ଉଠିଲା ଚକ୍ର ।
ଲୋକାନ୍ତେ ସହାୟ ବେନି ଚାହାନ୍ତେ ତଳେ
ଦେଖିଲେ ପ୍ରଶାନ୍ତ ମୂର୍ତ୍ତି ଯୋଗୀ ଉପବିଷ୍ଟ ।
ବଣିକ ଯୁଗଳ ଭ୍ରାତା ଭକ୍ତି ବିନମ୍ରରେ
ଇକ୍ଷୁ ଆଦି ଦ୍ରବ୍ୟମାନ ଦେଲେ ଉପହାର ।
ମହାମୁନି ଶାକ୍ୟସିଂହ ଆନନ୍ଦ ମନରେ
ଉପହାର ଦ୍ରବ୍ୟେ କଲେ କ୍ଷୁଧା ନିବାରଣ ।
ବଣିକ ଯୁଗଳଭ୍ରାତା ନମି ବୁଦ୍ଧ ପଦେ,
ଚଳିଲେ ଶକଟ ସହ ଦେଶେ ନିଜପଦେ ।
ଥୋକେ ଦିନ ଯାନ୍ତେ ଯୋଗୀ ଚିନ୍ତିଲେ ଚିତ୍ତରେ—
କଲେ ମୁଁ ନିର୍ଜନ ବନେ ଜୀବନ ଯାପନ,
ଲଭିଛି ଯେ ମହାରତ୍ନ ଯିବ ଅକାରଣ ।
ଦୁର୍ବୋଧ ଗମ୍ଭୀର ଧର୍ମ ଲଭିଛି କଷ୍ଟରେ,
ବୁଝିବ କେ—ଗ୍ରହଣ କେ କରିବ ଜଗତେ ?
ସୂକ୍ଷ୍ମ-ସୂକ୍ଷ୍ମ-ପନ୍ଥାଗତ ଏ ନିର୍ବାଣ ଧର୍ମ ।
ପବିତ୍ର ଭାରତ ଯେବେ ଯାଗଯଜ୍ଞ ଧର୍ମେ
ପ୍ଳାବିତ; କେବଳ କାମ୍ୟଧର୍ମ ପ୍ରଣୋଦିତ ।
କେ ଶୁଣିବ ? କେ ବୁଝିବ ? ମାନବର ସତ୍ତ୍ୱ,

ସହସ୍ର ବୃତ୍ତିର କେନ୍ଦ୍ର ପ୍ରାଚୀନରେ ସ୍ଥିତ ।
ସହଜେ ନୂତନ ଧର୍ମ, ଶ୍ରୁତି-ବ୍ୟତୀତ,
ଦୁରୂହ, କଠିନ—ଶୁଣି ଲୋକେ ହେବେ ଭୀତ ।
ସମସ୍ତ ଜଗତବାସୀ କାମନା ଧର୍ମରେ—
ସୁଖଭୋଗ, ସ୍ୱର୍ଗଲାଭ, ଯଶଃ, ଧନ, ମାନ
ଲଭିବା ଉଦ୍ଦେଶ୍ୟେ ଯାଗ ଯଜ୍ଞେ ରତ ସର୍ବେ ।
ସହଜେ ବୁଝିବ କେବା କାମନା ନିରୋଧ ?
ବୁଝିବେ ବା କେତେଜଣ ନିର୍ବାଣର ତତ୍ତ୍ୱ ?
ଅପାର ନିଷ୍କାମ ଧର୍ମ କଠିନ ନିତାନ୍ତ ।
ମାତ୍ର ଏହା ବିନା ନାହିଁ ଉଦ୍ଧାରର ପଥ ।
ତୁଚ୍ଛ ଧନ ଲୋଭେ ଲୋକ କରେ ପ୍ରାଣପଣ,
କଷ୍ଟ ମନେ କରିବାକୁ ମୁକ୍ତି ଅନ୍ୱେଷଣ ।
କରିବ ନିର୍ଜନେ ବାସ, ନିର୍ବାଣର ଆଶେ
ଅବଶିଷ୍ଟ ଜୀବନ ମୁଁ କରିବ ଯାପନ ।
କ୍ଷଣ ପରେ ମହାଯୋଗୀ ଦେଖିଲେ ଅନାଇ,
କରାଳ କାଳର ସ୍ରୋତ ଅନନ୍ତ ଅସୀମ—
ପ୍ରବାହିତ ପ୍ରବଳରେ ଅନନ୍ତ ଅନନ୍ତ,
ଜୀବ ଲିପି ଲୁବ୍ଧ ସଦା ଦୃଷ୍ଟିତ ଜନ୍ମୃତ,
ଜନ୍ମଜରାବ୍ୟାଧିଗ୍ରସ୍ତ ଭୁଞ୍ଜନ୍ତି ଯନ୍ତ୍ରଣା,
ଇନ୍ଦ୍ରିୟଲାଳସାନଳେ ଦଗ୍ଧୀଭୂତ ସଦା,
ଇନ୍ଦ୍ରିୟର ସୁଖ ଲୋଭେ ଭୁଞ୍ଜନ୍ତି ଯନ୍ତ୍ରଣା ।
ତଥାପି ତହିଁରେ ମତ୍ତ ଏ କି ବିଡ଼ମ୍ବନା !
କାହିଁ ତୃଷ୍ଣା ଦୂର ପାନେ ଲବଣ ସଲିଳ ?
ଏହି ଘୋର ଆବର୍ତ୍ତନେ ପଡ଼ିତ ମାନବ,

ନ ପାଇ ନିର୍ବାଣ ମାର୍ଗ କରେ ହାହାକାର !
ଅତୀତ ଓ ଅନାଗତ ସଂଖ୍ୟାତୀତ ପ୍ରାଣୀ
କରୁଛନ୍ତି ହାହାକାର—କହିବେ ସନ୍ତତ !
ଜରା ମୃତ୍ୟୁ ଜନ୍ମ ବ୍ୟାଧି ଯନ୍ତ୍ରଣାରେ ପଡ଼ି
ଅସଂଖ୍ୟ ଅସଂଖ୍ୟ ଜୀବ ଯାଉଛନ୍ତି ସଡ଼ି ।
କିପରି କରିବ ବାସ ନିର୍ଜ୍ଜନ କାନନେ ?
ଲଭିଛି କି ତତ୍ତ୍ୱଜ୍ଞାନ ଆପଣା କାରଣେ ?
ହେବି କି ମୁଁ ସ୍ୱାର୍ଥପର ? ଦେଖି ପ୍ରତ୍ୟକ୍ଷରେ
ଅସଂଖ୍ୟ ଅସଂଖ୍ୟ ପ୍ରାଣୀ ଯନ୍ତ୍ରଣାସାଗରେ
ଯାଉଛନ୍ତି ଭାସି—ପୁଣି ଯିବେ ଚିରକାଳ !
କିପରି ରହିବି ଏହା ଦେଖି ଉଦାସୀନ ?
ଲଭିଛି ବହୁଳ କଷ୍ଟେ ଯେ ନିର୍ବାଣତତ୍ତ୍ୱ,
କରିବି ମୁଁ ବିତରଣ ମାନବମଣ୍ଡଳେ,
ଲଭନ୍ତୁ ପ୍ରାଣୀଏ ମୁକ୍ତି ଜଗତରେ ସାର,
ହେଉ ଶାନ୍ତି, ହେଉ ଦୂର କଷ୍ଟ ହାହାକାର ।
ନବ ଧର୍ମ ଜଗତରେ କରିବି ପ୍ରଚାର,
ଜଗତନିବାସୀ ଜୀବେ ଲଭନ୍ତୁ ଉଦ୍ଧାର ।
ଚିନ୍ତାପୂର୍ଣ୍ଣ ତରୁତଳେ ବସିଲେ ମୁହୂର୍ତ୍ତେ;
ଭାବିଲେ ଚିତ୍ତରେ ପୁଣ, ଏହି ମହାଧର୍ମ
ପ୍ରଥମରେ କାହା ପାଶେ କରିବି ପ୍ରଚାର ?
ଏପରି ସୁଶୀଳ ଶ୍ରଦ୍ଧାବନ୍ତ ଧର୍ମପ୍ରାଣ,
ହୃଦୟେ ଅପକ୍ଷପାତ, ମୋକ୍ଷ ଅଭିଳାଷୀ,
ଅଛି କେବା ଶୁଣିବାକୁ ଏ ଧର୍ମକାହାଣୀ ?
ସ୍ମର ପୂର୍ବ ଗୁରୁଙ୍କର କଥା ପ୍ରଥମରେ

ପଡ଼ିଲା ତାହାଙ୍କ ମନେ; କାହିଁ ରାମପୁତ୍ର ?
ବସିଲେ ଧ୍ୟାନରେ, ଜାଣିଲେ ସେ ଯୋଗବଳେ,
ସପ୍ତଦିନ ଗତ ରାମ ପୁଣି କାଳଗତ ।
ଅଗ୍ରେ କାଲାମ କଥା ପଡ଼ିଲା ମନରେ,
କାହାନ୍ତି ସେ ? ପୁଣି ଧ୍ୟାନେ ବସିଲେ ଯୋଗୀନ୍ଦ୍ର;
ଜାଣିଲେ ଯୋଗରେ ପୁଣ ତିନଦିନ ପୂର୍ବେ
ତାହାଙ୍କର ମଧ୍ୟ ଜୀବଲୀଳା ହେଲା ଶେଷ ।
ନବଗଣେ ନିଶ୍ୱାସ ତେଜି କହି ତଥାଗତ
ଭାଳିଲେ ବଚନ ଜ୍ଞାନ କହିବାର ଯୋଗ୍ୟ,
ତାହିଁ ଆଉ ଯୋଗ୍ୟ ? ବୁଦ୍ଧପ୍ରାପ୍ତ ସଙ୍ଘପତି,
ସହସା ପଡ଼ିଲେ ମନମଧ୍ୟେ ଶିଷ୍ୟପଞ୍ଚ—
କାହାନ୍ତି ସମ୍ପ୍ରତି ? ଅବଗତ ଧ୍ୟାନବଳେ,
କାଶୀଧାମେ ମୃଗଦାବେ ତାହାଙ୍କ ବସତି ।
କହିବେ ଯାଚିତ ଶିଷ୍ୟ ପଞ୍ଚେ ନବଧର୍ମେ—
ତେଜ ନୈରଞ୍ଜନାତଟ, ତେଜ ବୋଧିଦ୍ରୁମ,
ତେଜ ସେ ସାଧନ ସ୍ଥାନ ପବିତ୍ର କାନନ,
ଭବିଷ୍ୟତ ମାନବର ଗତିମୁକ୍ତିଦାତା
ଚଳିଲେ ଏକାକୀ ବାରାଣସୀ ଉଦ୍ଦେଶ୍ୟରେ ।
ଅତିକ୍ରମି ମାର୍ଗ କେତେ ପ୍ରଚଣ୍ଡ ତପନେ
ତପ୍ତ, ସ୍ୱେଦାପ୍ଲୁତ ଦେହେ ବିଶ୍ରାମ ସକାଶେ
ବସିଲେ ଶୀତଳ ଛାୟାନ୍ୟଗ୍ରୋଧ ତରୁତଳେ ।
ଆଜୀବକ ନାମେ ବହୁ ବନ୍ଧୁ ସେ ପ୍ରବୀଣ,
ଉପସ୍ଥିତ ଦୈବଯୋଗେ ସେହି ତରୁତଳେ ।
ଦେଖିଲେ ପ୍ରଶାନ୍ତମୂର୍ତ୍ତି ଅପୂର୍ବ ଲାବଣ୍ୟ,

ଦେବଗୁରୁ ପ୍ରକାଶିତ ଯୁଗଳନୟନେ,
ଯୁବା ଏକ ଛିନ୍ନବସ୍ତ୍ର, ବକ୍ଷସ୍ଥଳରେ
ଯାଇଁ ପାଶେ ଧୀରେ ଧୀରେ ବସିଲେ ନିକଟେ ।
ପୁଚ୍ଛା କଲେ,—ଆୟୁଷ୍ମାନ ! ତୁଅ ପାର୍ଶ୍ୱଗାମୀ!
ଦେଖୁଛ ସନ୍ନ୍ୟାସବ୍ରତ କରନ୍ତି ଗ୍ରହଣ
ଭଗବାନବୁଦ୍ଧପେ—କୋହ ଗୁରୁ କେ ତୁମ୍ଭର ?
କେଉଁ ଧର୍ମେ କବା ଦୀକ୍ଷା କରନ୍ତି ଗ୍ରହଣ ?
ମେଘମନ୍ଦ୍ରକଣ୍ଠେ ବୁଦ୍ଧ କଲେକ ଉତ୍ତର—
ନାହିଁ ଅର୍ଯ୍ୟ ! ଗୁରୁ ମୋର, ଏକାକୀ ନିର୍ଜନେ
ହୋଇଛି ସମ୍ବୁଦ୍ଧ, ଆତ୍ମା କରିଛି ନିର୍ମଳ ।
ପୁଚ୍ଛିଲେ ବ୍ରାହ୍ମଣ—କେବେ ତୁମ୍ଭେ କି ଅଗ୍ରାର୍ଯ୍ୟ ?
ଅହମେବ, ଦମ୍ଭେ ଦେଲେ ଗୌତମ ଉତ୍ତର—
ଜନ କେବେ ତୁମ୍ଭେ ? କ୍ରୋଧେ ପୁଚ୍ଛିଲେ ବ୍ରାହ୍ମଣ,
ଜିନ ମୁହିଁ—ଅନ୍ତବଳେ ଜିଣିଛି ଇନ୍ଦ୍ରିୟ ।
ବୁଦ୍ଧ ମୁଖୁଁ ଏ ଉତ୍ତର ଶୁଣି ଅକାରଣ
ଦଗ୍ଧ କ୍ରୋଧେ ଅଗ୍ନିମୂର୍ତ୍ତି—ସହଜେ ବ୍ରାହ୍ମଣ
ପଣ୍ଡିତାଭିମାନୀ, ଅହଙ୍କାରୀ, ତର୍କପ୍ରିୟ ।
ପୁଚ୍ଛିଲା ଘୃଣାରେ ତୁ ରେ ଯିବୁ ଏବେ କାହିଁ ?
ଯିବ ବାରାଣସୀ—ଉତ୍ତରିଲେ, ସତ୍ୟ ଧର୍ମ
ପ୍ରଚାର ନିମନ୍ତେ । ଜ୍ଞାନହୀନ ଲୋକେ ଜ୍ଞାନ—
କର୍ଣ୍ଣରେ ଅମିୟ ବାଣୀ କରିବ ପ୍ରଦାନ ।
କରିବ ଏମନ୍ତ ସତ୍ୟଧର୍ମ ପ୍ରବର୍ତ୍ତିତ,
ହେବ ତହିଁ ପାପଦଗ୍ଧ ହୃଦୟ ଦ୍ରବିତ ।
ଅଗ୍ନିବର୍ଣ୍ଣସ୍ତୂପେ ହେଲା ଅନଳ ସଂଯୋଗ—

ଶୁଣି ବାକ୍ୟ ଧୈର୍ଯ୍ୟ ବ୍ୟଞ୍ଜ, ଗର୍ଜିଲା କ୍ରୋଧରେ,
ବୋଇଲା ଗର୍ବିତ ବିପ୍ର—କି ବୋଲୁ ରେ ମୂର୍ଖ !
ପାଷଣ୍ଡ ! ଅଜ୍ଞାନ ! ଦୁରାଚାର ! ନରାଧମ !
ଦେବଦେବ ମହାଦେବ ତ୍ରିମ୍ବ ନିକେତନ—
ଜଗତଜନନୀ ମହାମାୟା ଲୀଳାଭୂମି—
ସ୍ୱର୍ଗୀୟ ଦେବତାପୂଜ୍ଯ ବଣ୍ଟାମର ସ୍ଥାନ—
ପୃଥିବୀରେ ସ୍ୱର୍ଗଧାମ;—ମୁକ୍ତିକାମୀ ଲୋକେ
ଯାହା ରେଣୁ ପରଶରେ ହୁଅନ୍ତି କୃତାର୍ଥ,
ପ୍ରତ୍ୟେକ ବ୍ରାହ୍ମଣ ଯହିଁ ପ୍ରତ୍ୟକ୍ଷ ଦେବତା—
କାଶୀମାର୍ଗ ରେଣୁପୂଜ୍ଯ ପାପବିନାଶକ,
ସମସ୍ତ ଜଗତ ଧ୍ୱଂସ ପଢ଼ିଲେ ବେଦରେ,
ଜଗତେ ଶିକ୍ଷାର ଗୁରୁ ଯେହିଁ ମହାତୀର୍ଥ,
ଶିକ୍ଷା ଦେବୁ ତହିଁ ଲୋକେ ? ନିର୍ବୋଧ ! ନିର୍ବୋଧ !
କି ଗର୍ବ ରେ କହୁ ତୋର ? ବ୍ରାହ୍ମଣପୀଡ଼ାପୀ
ଜନେ ଶିଖାଇବୁ ଧର୍ମଜ୍ଞାନ ? ଧିକ୍ ତୋତେ !
ଦନ୍ତହୀନ ! ଲୋଲଚର୍ମ ବଦନ ବିସ୍ତାରି
ବୃଦ୍ଧ ବିପ୍ର ଅବଜ୍ଞାରେ ହସିଲା ଉଚ୍ଚରେ ।
ଅସ୍ଥିଚର୍ମସାର ହସ୍ତ ବିସ୍ତାରି ଗୌତମେ
ବୋଇଲା ଦେଖାଇ ମାର୍ଗ—ଯାଅ ଏହି ବାଟେ,
ମୋର ପନ୍ଥା ଅନ୍ୟ; ଏତେ ବୋଲି ବୃଦ୍ଧ ବିପ୍ର
ଚଳିଲା ତ୍ୱରରେ । ବୁଦ୍ଧ ମଧ୍ୟ ଚଳିଲେ ସେ ପଥେ
ଅସହ୍ୟ ବ୍ରାହ୍ମଣ ପକ୍ଷେ ସଙ୍ଗେ ଚଳିବାର,
ବାହୁଡ଼ି ଦକ୍ଷିଣ ମୁଖେ ଚଳିଲା କ୍ରୋଧରେ ।
ଏଣେ ବୁଦ୍ଧଦେବ ପାଇଁ ଭଗୀରଥୀ ତଟେ

ଉପନୀତ ; ବୋଇଲେ ସେ ନାବିକେ ବିନମ୍ରେ
ପାର ହେବାପାଇଁ । ଶୁଣି ବୁଦ୍ଧଦେବ ବାଣୀ
ବୋଇଲା ନାବିକ—ଦିଅ ନଦୀପାରି ପଣ,
ହେବ ଯେବେ ପାରି । ଏହା ଶୁଣି ଶାକ୍ୟପତି
ବୋଇଲେ, ନାବିକ ଅହେ ! ଦେଖୁଛ ସନ୍ନ୍ୟାସୀ
ଭିକ୍ଷାଜୀବୀ, ପଣଅର୍ଥ ପାଇବ ବା କାହୁଁ ?
ଦେଖୁଛ ସମ୍ବଳ ମାତ୍ର ଭଗ୍ନ ଭାଣ୍ଡ କରେ ।
ବୋଇଲା ନାବିକ ପୁଣ—ଜୀବିକା ମୋହର—
ବିନା ପଣେ ଉପକାର କରିବ ମୁଁ ପାରି,
ବୃତ୍ତି ମୋର ପଣେ କରେଁ କୁଟୁମ୍ବ ପୋଷଣ ।
ସେକାଳେ ବଳାକାଶ୍ରେଣୀ ଉଡ଼ି ଶୂନ୍ୟପଥେ
ଯିବା ଦେଖି ବୁଦ୍ଧଦେବ ବୋଇଲେ ନାବିକେ,
ଦେଖ ବତ୍ସ ! ଗଲେ ପକ୍ଷୀ ହୋଇ ନଦୀ ପାରି—
ତୁମ୍ଭେ କି ତାହାଙ୍କଠାରୁ ନେଇଅଛ ପଣ ?
ଏତେ ବୋଲି ଶାକ୍ୟସିଂହ ମହାଯୋଗବଳେ
ଶୂନ୍ୟମାର୍ଗେ ଅତିକ୍ରମି ଗଲେ ଭାଗୀରଥୀ ।
ଚକିତ ନାବିକ ଦେଖି ସନ୍ନ୍ୟାସୀ ମହିମା,
ଭକ୍ତିରେ ପ୍ରଣତ ତାଙ୍କ ପଦ ଉଦ୍ଦେଶ୍ୟରେ ।
ନିର୍ବୋଧ ନାବିକ ତୁମ୍ଭେ ନ ବୁଝିଲ ତତ୍ତ୍ୱ,
ଅଶେଷ ପ୍ରାଣିକୁ ଯେବା ଭବସିନ୍ଧୁ ପାର
କରିବେ, ତୁମ୍ଭେ କି ନେବ ପଣ ତାଙ୍କଠାରୁ ?
ଅକ୍ଷୟ ଅମୂଲ୍ୟ ରତ୍ନ ଯାହାଙ୍କ ଭଣ୍ଡାରେ,
ତୁଚ୍ଛ ପଣଅର୍ଥ ବିନା ନ ହେବେ କି ପାର ?
ଶୁଣିଲେ ଯେ ସ୍ଥାନ ନୃପ ସର୍ବ ସମାଚାର,

ସେବନ୍ତୁ ଭକତେ ଏହି ପ୍ରଦେଶ ସୁନ୍ଦର,
ପଣବନା ସାଧୁ ସନ୍ଥ ହେବେ ନଗ ପାଇ ।
କ୍ରମେ କେତେ ଦେଶ ଗ୍ରାମ ଗଲେ ଅତିକ୍ରମି,
ଅବଶେଷେ ଉପନୀତ ବାରାଣସୀ ଧାମେ ।
ସ୍ଥିତରେ ବିଖ୍ୟାତ ତୀର୍ଥ ଶଙ୍କର ଆଳୟ—
ଅର୍ଦ୍ଧଚନ୍ଦ୍ରାକାରେ ଶୋଭେ ସେ ପବିତ୍ର ସ୍ଥାନ,
ପତିତପାବନୀ ଗଙ୍ଗା ପାଦେ ପ୍ରବାହିତା,
ଶଙ୍କର ମସ୍ତକେ ଯଥା ଶୁକ୍ଳଚନ୍ଦ୍ରକଳେ
ନୀଳକାନ୍ତମଣିବେଣୀ ଦମଳେ ଶୋଭୟେ ।
ଅସଂଖ୍ୟ ସୋପାନଶ୍ରେଣୀ ଜଳରୁ ଉତ୍ଥିତ,
ଅସଂଖ୍ୟ ଅସଂଖ୍ୟ ହର୍ମ୍ୟପଦ ଜଳେ ଧୌତ ।
ହର୍ମ୍ୟାବଳୀ ପ୍ରତିବିମ୍ବ ପ୍ରକାଶିତ ଜଳେ;
ଶ୍ରେଣୀବଦ୍ଧ କ୍ଷଣେ ସ୍ଥିର, କ୍ଷଣେ ବା ଚଞ୍ଚଳେ,
ପ୍ରକାଶିତ ଦେବ କାଶୀ ଊର୍ଦ୍ଧ୍ୱେ ନିମ୍ନଦେଶେ ।
କେତେ ଶିବାଳୟ, କେତେ ବିଦ୍ୟାର ମନ୍ଦିର,
ଅସଂଖ୍ୟ ବିପଣିଶ୍ରେଣୀ, କେତେ ରଙ୍ଗାଳୟ,
ଧନାଢ୍ୟ ବଣିକ ଗୃହ, କେତେ କ୍ରୀଡ଼ାସ୍ଥାନ,
ଅସଂଖ୍ୟାତୀତ ଅଟ୍ଟାଳିକା ମଧ୍ୟେ ବିଦ୍ୟମାନ ।
ପଣ୍ଡିତ, ସନ୍ନ୍ୟାସୀ, ଭକ୍ତ, ମୁକ୍ତିକାମୀ ଲୋକେ
ବହୁ ଦେଶୁ ସମାଗତ ସାନ୍ନିଧ୍ୟ ଜାହ୍ନବେ,
କେହି ତପସ୍ୟାରେ ଲିପ୍ତ, କେହି ବା ଅଧ୍ୟୟନେ ।
ନିଯୁକ୍ତ ଅସଂଖ୍ୟ ଜ୍ଞାନୀ ଶାସ୍ତ୍ର ଆଲାପନେ ।
ସୋପାନେ, ଚୈତ୍ୟରେ, ଜଳେ, ସ୍ଥଳେ, ରାଜପଥେ,
ନିୟତ ଜନତା ପୂର୍ଣ୍ଣ ଲୋକ କୋଳାହଳ ।

ଅତଏବ ନିମଗ୍ନ ଥିଲେ ଲୋକ ସଂଖ୍ୟାଗତ;
କେ କରେ ମହିମ୍ନସ୍ତବ; କେ ବା ସ୍ତୁତିପାଠ,
ଶଙ୍କର ସହସ୍ର ନାମ, କାତ୍ୟାୟନୀସ୍ତବ
ପଢ଼ନ୍ତି, ଅସଂଖ୍ୟ ଲୋକ ବସି ଗଙ୍ଗାକୂଳେ
ମୃତ୍ତିକା ଶଙ୍କର ପୂଜା କରେ ଏକ ମନେ ।
ମନ୍ଥରବାହିନୀ ଗଙ୍ଗା କାଳସ୍ରୋତ ସମ,
ଅବିଶ୍ରାନ୍ତ ଗତି କାଳ ଅନନ୍ତ ସାଗରେ ।
ସିଦ୍ଧାର୍ଥ ସିଦ୍ଧାନ୍ତ କଲେ, କରିବେ ପ୍ରଚାର
ନବ ଧର୍ମ ମହାନାଦ ଦୁନ୍ଦୁଭିନିର୍ଘୋଷେ ।
ଦିବା ଅବସାନେ ଶାକ୍ୟପତି ମୃଗଦାବେ
ଉପନୀତ, ଦେଖିଲେ ସେ ଶିଷ୍ୟ ପଞ୍ଚଜନେ ।
ଦୂରୁ ଦେଖି ଶିଷ୍ୟଗଣେ ଚିନ୍ତିଲେ ମନେ,
ଅସିଦ୍ଧ ସିଦ୍ଧାର୍ଥ କରି ତପସ୍ୟା ବିଫଳ ।
ମାତ୍ର ଦେଖି କାନ୍ତି ତାଙ୍କ ମହିମାମଣ୍ଡିତ,
ସ୍ୱର୍ଗୀୟ ପ୍ରତିଭା ତେଜେ, ଶାନ୍ତ ସ୍ନିଗ୍ଧମୂର୍ତ୍ତି,
ବୋଇଲେ ବିନୟେ କରି ଚରଣ ବନ୍ଦନ,
ଗୁରୁଦେବ ! ଗୁରୁଦେବ ! କର ପଦାର୍ପଣ !
କ୍ରମେ ଦିବା ଅବସାନ, ସମାଗତା ସନ୍ଧ୍ୟା,
ପବିତ୍ର ଗୋଧୂଳି ଅଙ୍ଗେ ଧରି ବିଲେପନ ;
ଯୋଗିନୀ ସମାନା ଉପନୀତା କାଶୀଧାମେ ।
ବାଜିଲା ମଙ୍ଗଳ ଶଙ୍ଖ, ମଙ୍ଗଳ ଆଳତି
ହେଲା ଦେବାଳୟେ—ଧର୍ମପ୍ରାଣ ଭକ୍ତବୃନ୍ଦ
ତେଜ ସାଂସାରିକ କର୍ମ ସମବେତ ସଙ୍ଗେ
ଗଳଲଗ୍ନ ଯୋଡ଼କରେ ଦେବତାମନ୍ଦିରେ ।

ଚାହିଁଲେ ପ୍ରଭାତ ବେଳେ ପଶ୍ଚିମ ଆଚ୍ଛାଦନେ
ନିଦ୍ରାକ୍ରାନ୍ତ ପ୍ରାଣିଗଣେ ଉତ୍ଥାନ କାରଣେ ।
ଏକ, ଦୁଇ, ତିନି, ଚାରି, କ୍ରମେ ଶତଶତ
ଫୁଟିଲେ ଅସଂଖ୍ୟ ତାରା ସୁନୀଳ ଆକାଶେ ।
କିମ୍ବା ଅନ୍ଧକାରାକୁଳ ଉଜ୍ଜ୍ୱଳ ନଭରେ
ଶୋଇଛନ୍ତି କ୍ଳାନ୍ତ ଶ୍ରାନ୍ତ ପୃଥ୍ୱୀ ପ୍ରାଣିଗଣେ,
ଅଥବା ପୂର୍ଣ୍ଣେନ୍ଦୁ ଜାଲ ଅନନ୍ତ ସାଗରେ
ପ୍ରସ୍ଫୁଟିତ ଅସଂଖ୍ୟାତ କୁମୁଦ କହ୍ଲାର ।
ନୀରବ ନଗରବାସୀ । ଗୌତମ ଆଶ୍ରମେ
ବସି ଯୋଗାସନେ, ବେଢି ଶିଷ୍ୟ ପଞ୍ଚଜନେ,
ଜଳଦଗମ୍ଭୀର ସ୍ୱରେ ଅଥଚ ସ୍ନେହରେ
ବୋଇଲେ, ହେ ଧର୍ମପ୍ରାଣ ଭିକ୍ଷୁ ଶିଷ୍ୟଗଣ !
ନ କର ତର୍କ, ମୋତେ ନ କର ପରୀକ୍ଷା,
ବୋଲ ମୋତେ ଶ୍ରେଷ୍ଠ ସବୁ, ପ୍ରାଣର ଆକାଙ୍କ୍ଷା
କିବା ତୁମ୍ଭମାନଙ୍କର ? ଶ୍ରେୟ କି ମଙ୍ଗଳ ?
ଅବା ସ୍ୱର୍ଗେ ଅଭିଳାଷ ? ଦୁଃଖର ନିର୍ବାଣ ?
ନ କର ଯାପନ କାଳ । ହୋଇଛି ମୁଁ ବୁଦ୍ଧ—
ନିର୍ବାଣର ମହାବୁଦ୍ଧି ହୋଇଛି ପ୍ରାପତ ।
ଆସ ଭିକ୍ଷୁ ବନ୍ଧୁଗଣ ! କହଇ ପ୍ରଣାଳୀ ।
ଲଭିଛି ଯେ ଜ୍ଞାନାମୃତ ବହୁ ତପସ୍ୟାରେ,
ଶ୍ରଦ୍ଧାପୂର୍ବ ଦୀକ୍ଷା ସର୍ବେ କରନ୍ତୁ ଗ୍ରହଣ,
ହେବ ଦୂର ସର୍ବେ, ଦୁଃଖ ଜନ୍ମ, ଜରା, ମୃତ୍ୟୁ
ତୁମ୍ଭମାନଙ୍କର—ବ୍ରହ୍ମଚର୍ଯ୍ୟ ହେବ ପୂର୍ଣ୍ଣ ।
ଶିଷ୍ୟ ପଞ୍ଚ କର ଯୋଡି ବସି ଯାବତଲେ

ଘୂର୍ଣ୍ଣିଲେ ସେ ଧର୍ମଚକ୍ର, ହେଲେକ ଘୋଷିତ,
ସେ ମହାଯଶଙ୍କ କଣ୍ଠି ସ୍ୱର୍ଗେ ଗଲା ପାଇ ।
ଅସଂଖ୍ୟ ଅସଂଖ୍ୟ ନର ନାରୀ ତଦବଧି
ଆନନ୍ଦରେ ଉପନୀତ ମହାଧର୍ମଚକ୍ରେ,
ମଧୁଚକ୍ରେ ସମବେତ ମଧୁପ ସମାନେ ।
ପଣ୍ଡିତ, ଜର୍ଜ୍ଜର, ମୂର୍ଖ, ସୁସ୍ଥ, ଯୋଗୀ—
ଶୁଣି ପ୍ରାଣଶାନ୍ତିକର ଧର୍ମ ଉପଦେଶ ।
ବ୍ୟାପିଲା ସୁଯଶ ନବଧର୍ମ ପୃଥିବୀରେ,
ଅରୁଣ ଉଦୟେ ବ୍ୟାପ୍ତ ଆଲୋକ ଅଚିରେ ।
ପ୍ରାବୃଟ ଅନ୍ତେ ଶିଷ୍ୟମଣ୍ଡଳୀ ସହିତ
ବାରାଣସୀ ତେଜି ପୁଣ ମିଳିଲେ ମଗଧେ ।
ଦନକରେ ଗନ୍ଧହସ୍ତୀ ପର୍ବତେ ଗହ୍ୱରେ
ଉପବିଷ୍ଟ ବୁଦ୍ଧଦେବ । ପଣ୍ଡିତ କାଶ୍ୟପ
ସ୍ୱଜନ୍ୟାତ ଅଗ୍ନିହୋତ୍ରୀ ବସିଛନ୍ତି ପାଶେ ।
ଜଳିଲା ସମୀପ ବନେ ଘୋର ଦାବାନଳ,
ସେ ଘୋର ଅନଳ ଦେଖି ବୋଲିଲେ ଗୌତମ
କାଶ୍ୟପେ—କାଶ୍ୟପ ! ଦେଖ ବେଗେ ଦାବାନଳ
ପବନ ସହାୟେ କି ସ୍ୱର୍ପଣରୂପେ ଧାଏ ।
ନର, ନାରୀ ଥିଲେ ମୋହେ ଅବିଦ୍ୟା ଅଧୀନେ,
ତାମାନଙ୍କେ ସେମାନଙ୍କ ତଥା ଦଗ୍ଧୀଭୂତ ।
ଜଗତରେ ରୂପ, ରସ, ଗନ୍ଧ ଅନୁଭବ
କରେ ଯେତେ, ବୃଦ୍ଧି ପାଏ ସୁଖର କାମନା,
ସଙ୍ଗେ ସଙ୍ଗେ ସଜାତୁର ହୁଏ ଦୁଃଖସୃଷ୍ଟି ।
ଜନ୍ମ, ମୃତ୍ୟୁ ତହେଁ ହେଉଥାଏ ଅବସ୍ଥିତ ।

ଅମୃ ଧର୍ମ ଉପଦେଶ ଇନ୍ଦ୍ରିୟସଂଯମ,
ଶାନ୍ତିବାରି ସିକ୍ତ ପ୍ରାଣ ଶୀତଳ ହୃଦୟ ।
ଇନ୍ଧନ ବନ୍ଧନେ ଅଗ୍ନି ହୁଏ ନିର୍ବାପିତ ।
ତେଣୁ-ଇନ୍ଧନ ବିନା କାମନା-ଅନଳ
ନିର୍ବାପିତ ସହଜରେ ମାନବହୃଦୟେ ।
କେଉଁ ଶାନ୍ତି ? କେଉଁ ମୁକ୍ତି ? ତେଣୁ ଅସକ୍ତି
ତେଜ ଚିନ୍ତ ଉତ୍ତମାର୍ଗ ଜୀବର ମଙ୍ଗଳ ।
କାଶ୍ୟପ ! ନିଶ୍ଚୟ ଧ୍ରୁବ ! ସତ୍ୟ ! ସତ୍ୟ ! ସତ୍ୟ !
କାମନା ନିର୍ବାଣେ ହୁଏ କଷ୍ଟର ନିର୍ବାଣ ।
ନବଧର୍ମରତେ ହେଲେ କାଶ୍ୟପ ଦୀକ୍ଷିତ ।
ତେଣୁ ଗୟା ବୁଦ୍ଧଦେବ ଶିଷ୍ୟଗଣ ସହ
ମଗଧ ଦେଶର ରାଜଧାନୀ ରାଜଗୃହେ
ଉପନୀତ ହେଲେ ଯାଇ ସନ୍ଧ୍ୟା କାଳରେ ।
ଶୁଣିଲନେ ଉପନୀତ, ବେଷ୍ଟିତ ଶିଷ୍ୟରେ ।
ମଗଧ ସମ୍ରାଟ ବିମ୍ବିସାର ଛନ୍ତି ପାଶେ ।
ପୁଛିଲେ ସେ ବିମ୍ବିସାର ଅନାଇ କାଶ୍ୟପେ—
ତେଜିଲ ବୈଦିକ ଧର୍ମ ବୋଲ କି କାରଣେ ?
ବୋଇଲେ କାଶ୍ୟପ—ପ୍ରଭୋ ! ସ୍ୱର୍ଗ, ଅପବର୍ଗ
କାମନା ଇନ୍ଦ୍ରିୟସୁଖ ଯେ ଧର୍ମର ହେତୁ ,
କିପରି ସେ ଧର୍ମେ ହେବ କାମନା ନିର୍ବାଣ ?
କାମନା ମାର୍ଗରେ ଶାନ୍ତି ଲଭିବା ଦୁର୍ଲ୍ଲଭ ।
ଶୁଣି ଧର୍ମତତ୍ତ୍ୱ ମହାରାଜ ବିମ୍ବିସାର
ଆଗ୍ରହରେ ହେଲେ ନବ ଧର୍ମରେ ଦୀକ୍ଷିତ,
ସହସ୍ର ମୌଦ୍ଗଲ୍ୟାନ ବ୍ରାହ୍ମଣ ଯୁବକ

ମହାଧର୍ମଚକ୍ରେ ହେଲେ ଦୀକ୍ଷିତ ତକ୍ଷଣେ,
ଆପଣେ ସମ୍ରାଟ ପୁଣ ବତ୍ସ ଶ୍ରେଷ୍ଠତମ
ହେବାରୁ ଦୀକ୍ଷିତ, ଧର୍ମ ବ୍ୟାପ୍ତ ମଗଧରେ ।

ଇତି ଶ୍ରୀ ବୌଦ୍ଧାବତାରକାବ୍ୟେ ଗ୍ରନ୍ଥର
ନାମ ଷୋଡ଼ଶ ସର୍ଗ ।

# ସପ୍ତଦଶ ସର୍ଗ ।

ଝସାର ଣ୍ଣଗାନ ।

ଗୌତମ ମଗଧ ଦେଶରେ
ଶିଷ୍ୟ ମାନଙ୍କ ସଙ୍ଗତରେ
ବସି ଅଛନ୍ତି ବେଣୁବନେ,
ସୁଖରେ ଅବସ୍ଥି ଯେସନେ ।
ପିତୃପ୍ରେରିତ ଦୂତ ଜଣେ
ଶନମ୍ୟେ ନମିଲା ଚରଣେ ।
ସେ ଦୂତ ବାଞ୍ଛା ସହକର ;
କପିଳାବସ୍ତୁ ଦେଶେ ଘର ।
ବୋଇଲା ଅତି ଯୋଡ଼ି ହାତ,
ହେ ମହାତ୍ମନ୍ ! ତୁମ୍ଭ ତାତ
ପେଷିଲେ ଦୂତ ଦେଶେ ଦେଶେ,
ତୁମ୍ଭଙ୍କ ଖୋଜିବା ଉଦ୍ଦେଶେ ।

ସକଳ ଗଲ୍ପ ଅଢାଇଣେ,
ବାହୁଡ଼ ନ ଅଇଲେ ଜଣେ ।
ଯେ ଲୋକଗଣେ ତରୁଣାରେ
ଜଙ୍ଗଲେ ଗଲେ ପ୍ରବ୍ରଜ୍ୟାରେ ।
ଶୈଶବ ବନ୍ଧୁ ଏହୁ ଦାସ,
ଛନ୍ଦେ ବୋଇଲି ଅସି ପାଶ ।
ହୃଦୟ ପାଷାଣରେ ବନ୍ଧ
ଅଛିଛ ଧାଇଁ କାନ୍ଦ କାନ୍ଦ ।
ବାଳକ୍ଷ ଲୁମ୍ବ ଧର୍ମ ବେଶ,
ଦେଶେ ଦେଶାନ୍ତେ କର୍ଣ୍ଣ ଭେଦ
ଅଛନ୍ତି ଲୋକ ଶୁଣିବାକୁ,
ଏଥକୁ ଅଲଭ ଏଠାକୁ ।
କପିଳବସ୍ତୁ ବାସିଗଣେ
କି ଦୋଷ କଲେ ବା ବାଳଣେ ?
ପ୍ରଭୁଙ୍କ ନବ-ଧର୍ମ-ସୁଧା
ପାନେ କି ନ ମେଣ୍ଟିବେ କ୍ଷୁଧା ?
ସକଳଦେଶବାସୀ ଲୋକ
ଲଭିଲେ ଯେ ଧର୍ମ-ଆଲୋକ;
ଶାକ୍ୟ ରାଜ୍ୟ କି ଅନ୍ଧକାରେ
ରହିବ ? କୃପା କର ବାରେ ।
ଶୁଣିଲୁ ପ୍ରଭୋ ! ଶାକ୍ୟ ସ୍ଥୈର୍ଯ୍ୟ,
ବଢ଼ଇ ମାନବସମାଜେ
ନୂତନ-ଧର୍ମ-ସୁଧାବିନ୍ଦୁ,
ତନରେ ଭବେ ହେଉ ଇନ୍ଦୁ ।

ପ୍ରଭୁଙ୍କ ଜନକ ଜନନୀ,
ସ୍ନେହଳ ପୁତ୍ର, ଗୋପା ସତୀ,
ଅଛନ୍ତି ବ୍ୟାକୁଳ ମନରେ
କପିଳବସ୍ତୁ ବାସ ଘରେ ।
ସବାଙ୍କ ଦେହାନ୍ତ ସମୀପ—
ଲିଭୁଛି ଜୀବନପ୍ରଦୀପ—
ଅନ୍ତିମ କାଳରେ ସ୍ୱଜନ
ଦେଖିବେ ପ୍ରଭୁଙ୍କ ବଦନ ।
ପ୍ରଭୁଙ୍କ ଧର୍ମାମୃତପାନ
କରିଣ ଲଭିବେ ନିର୍ବାଣ ।
ହେ ପ୍ରଭୁ ! କରୁଣାର ସିନ୍ଧୁ,
ବରଷ ତହୁଁ ଏକବିନ୍ଦୁ,
ଜନକ ଜନନୀ ଆକୁଳେ,
କାଞ୍ଚନପ୍ରତିମା ସନ୍ତୁଳେ ।

✱ ✱ ✱ ✱ ✱

ଶିଶିର ଦଗଧ ବସନ୍ତ,
କମଳ ଶାଳମା ଦିଗନ୍ତ,
ଶିଶିର ଜନ୍ମେ ସଙ୍କୁଚିତା—
ପ୍ରକୃତି ସମ୍ପ୍ରତି ସଜ୍ଜିତା ।
ଛଳିତ ଦେବୀ ସହରଷି
ସହିତା ଧରଣୀ ରୂପସୀ ।
ପର୍ବତେ, ପ୍ରାନ୍ତରେ, କାନନେ,
ସଦନେ, ସାଗରେ, ଗଗନେ,

ସଜଳ, ସ୍ଥଳେ ଶୋଭୁଛି
ଅଜସ୍ର ଧାରେ ଯାଏ ଛୁଟି ।
ବୃକ୍ଷ ବଲ୍ଲରୀ କିସଲୟେ
ମଣ୍ଡିତ କମଳା ଆଲୟେ ।

ମଧୁର ଅନିଳ ମଳୟ
ଧରି ପ୍ଲାବିତ ସୁଧାମୟ ;
ଯେ ସୁଧା ପବନେ କୁସୁମେ
ମଣ୍ଡିତ ସଙ୍କଳିତା ଦ୍ରୁମେ ।

ପୁଲକେ ଚନ୍ଦ୍ର, ତାରାଗଣେ,
ହସନ୍ତି ଗଗନ ପ୍ରାଙ୍ଗଣେ ।
ସ୍ଫଟିକ ଶିଶିର ବିନ୍ଦୁରେ
ଭୂପରେ ଜଳ ଅଭ୍ୟନ୍ତରେ
କମଳ, କୁମୁଦ, କହ୍ଲାରେ
ଝୁଲୁଥିଲେ ଯେଉଁଠାରେ ।
ଉତ୍ତମ ଦ୍ରବ୍ୟ ଲୋକମାନେ
ଯତ୍ନେ ରଖନ୍ତି ସାବଧାନେ ।

ବସନ୍ତ ଆଗମନ ଶୁଣି,
ଜଳ ଉପରେ ଦେଲେ ବୁଣି ।
ସମ୍ପ୍ରତି ସାଧୁ ଲୋକ ହସ୍ତେ
ରକ୍ଷିତ କରନ୍ତି ମସ୍ତେ ।
କୋକିଳା ବସନ୍ତର ଦୂତ,
ଦେଖି କମଳବନଭୂଷଣ
ସଙ୍ଗୀତ ଲହରୀ ବିସ୍ତାର
କଲା ବସନ୍ତ ସମାଦର ।

ବସନ୍ତେ ପୂରବତ ଜନେ,
ସାଧକ ଦେବ ଦରଶନେ ।
ବସନ୍ତ ପବନ ସହିତ
ନିର୍ବାଣ ଗନ୍ଧେ ସଞ୍ଚାରିତ ।
ଶିଷ୍ୟମାନଙ୍କ ସହିତରେ
ଗୌତମ କପିଳ ନଗରେ
ପ୍ରସ୍ତୁତ ହେଲେ ଯିବାପାଇଁ ।
ଅଛନ୍ତି ଲୋକେ ପଛେ ଧାଇଁ,
ବହୁତ ଦେଶ ଜନପଦ
ଦେଇ ନିର୍ବାଣ ସମ୍ପଦ,
ମିଳିଲେ କପିଳ ନଗରେ ;
ନଗର ପ୍ରାନ୍ତସ୍ଥ ବନରେ
ରହିଲେ ଶିଷ୍ୟଙ୍କ ସହିତ;
ସମ୍ବାଦ ହେଲା ପ୍ରଚାରିତ ।
ଶାରଦ ଅନନ୍ତ ବଦନେ,
ଭୂଷିତ ଗୈରିକ ବସନେ,
ଭିକ୍ଷାପାତ୍ରେକ ଅଛି କରେ,
ଅତୁଳ ଅଦ୍ଭୁତ ଭଙ୍ଗୁରେ ।
ଜଟା ଜୁଟ ଶିରେ ଶୋଭେ,
ଶରୀର ସ୍ୱର୍ଗୀୟ ଗୌରବେ,
ବଦନେ ଦିବ୍ୟ ଜ୍ୟୋତିଜାଳେ,
ଚପଳ ମେଘ ଅନ୍ତରାଳେ ।
ଯେ ସୁତଶିଳ ସ୍ୱର୍ଣ୍ଣ ଯାନେ
ସଜନ୍ତି—ରତନ ଦାମନେ,

ରତ୍ନ ମୁକୁଟ ଯାଙ୍କ ଶିରେ,
ଭୂଷଣ କାଞ୍ଚନ ଭୁଜରେ,
ଅହା ! ସେ ଭିକାରୀ ବେଶରେ
ବସି ଅଛନ୍ତି ଅରଣ୍ୟରେ,
ଧୂଳି ଲୁଣ୍ଠିତ ସ୍ୱର୍ଣ୍ଣଗାତ୍ର,
ହସ୍ତେ ଧରିଛେ ଭିକ୍ଷାପାତ୍ର,
ନଗରବାସୀ ଜାଣି ନରେ
ବେଢିଲେ ଆକୁଳ ମନରେ,
ସକଳେ ମ୍ରିୟମାଣ ଶୋକେ,
କେ ଦେବ ଭିକ୍ଷା ସେ ହସ୍ତକେ ?
କପିଳବସ୍ତୁ ହାହାକାର
ପୂରିଲା କ୍ରନ୍ଦନ ଚିତ୍କାର ।
ନୃପତି ବ୍ୟାକୁଳ ହୃଦୟ,
ଦେଖିଲେ ଶୋକ ଅଭିନୟ,
ଭିକ୍ଷୁ ଅଛନ୍ତି ସିଂହଦ୍ୱାରେ,
ଚରଣ ନ ଚଳିଲା ବାରେ,
ହୃଦୟେ ନାହିଁଟି ଚେତନ,
ପଲକବିହୀନ ନୟନ ।
ନୟନୁ ଅଶ୍ରୁ ଧାର ବହେ !
ଶୋକ ସନ୍ତାପେ ହୃଦ ଦହେ ।
ସିଦ୍ଧାର୍ଥ ଧୀରେ ଅତି ଧୀରେ
ମିଳିଲେ ଜନକ କଣ୍ଠରେ ।
ରାଜାଙ୍କ ହସ୍ତଗଲା ଭୁଜି,
କାଷ୍ଠବତବେ ଦଣ୍ଡ ଭୁଜି,

ସମ୍ଭାଳି ଶୋକ ଆପଣାକୁ,
ବୋଇଲେ ଯାଇ ପୁତ୍ରଠାକୁ—
ସିଦ୍ଧାର୍ଥ!—ସନ୍ନ୍ୟାସି!—ଗୌତମ!—
ତୋ ପିତା ଏତେ କି ଅଧମ!
ଗୋଟିଏ ସନ୍ନ୍ୟାସିକୁ ଅନ୍ନ
ଦେବାକୁ ଏତେ ଅଭାଜନ ?
କପାଇଁ ଭିକ୍ଷା ଦ୍ୱାରେ ଦ୍ୱାରେ
ମାଗୁଛୁ ସିଦ୍ଧାର୍ଥ! ବାପା ରେ!
ବିନମ୍ରେ ବୋଇଲେ ଗୌତମ—
ଏ ବଂଶେ ଭିକ୍ଷାବୃତ୍ତି ଧର୍ମ,
ପାଳିବା ବଂଶଧର୍ମ ସିନା,
ଏହାହିଁ ସନାତନ ନୀତି ।
ବୋଇଲେ ଶୋକେ ନରନାଥ—
କି କଥା ବୋଇଲୁ ସିଦ୍ଧାର୍ଥ ?
ମହାଗୌରବ ସୂର୍ଯ୍ୟବଂଶେ
ଜନ୍ମିଛୁ ସେହି ରାଜଅଂଶେ,
ଏ ବଂଶେ ବୋଲ କେ ରାଜନ
କରିଛି ଭିକ୍ଷା ଆଚରଣ ?
ସିଦ୍ଧାର୍ଥ ସୁସ୍ଥିର ହୃଦୟେ
ବୋଇଲେ ଜନକେ ବିନମ୍ରେ,
ହେ ପିତଃ! ପୂର୍ବେ ଶାକ୍ୟବଂଶେ
ଜନ୍ମିଲେ ଥୋକେ ବୁଦ୍ଧ ଅଂଶେ,
ସେମାନେ ଭିକ୍ଷାବ୍ୟବସାୟୀ
ଥିଲେ, ସେ ନୀତି ଅନୁଯାୟୀ

ଦୁର୍ଲଭ ଯୌତୁକ ସମ୍ପତ୍ତି
ଲଭିଛ ଅଦ୍ୟ ନରପତି !
ଅପାର ସାଧନା ବଳରେ
ସେ ଧନ ଲଭିଛ ମୁଁ କରେ ।

କପିଳବସ୍ତୁ ଜନଗଣ
କରନ୍ତୁ ସେ ଧନ ଗ୍ରହଣ ।
ସୁତା ଅଗ୍ରତେ ଗୌତମୀକ
ସିଦ୍ଧାର୍ଥ ହସ୍ତୁ ଭିକ୍ଷାପାତ୍ର
ଧରି ପବିତ୍ର ନିଜ କରେ
ସୁଧୀରେ ଚାଲିଲେ ନଅରେ ।
ଏ ଦୃଶ୍ୟ ଦେଖି ପ୍ରଜାବର୍ଗ
କାନ୍ଦିଲେ ବିକଳରେ ଅତି ।
ସୁଧୀରେ ପୃଷ୍ଠପାଶେ ଯାଇ
ପଡ଼ିଲେ ଚେତନା ହରାଇ ।
ଉଠ ମା ! ଉଠ ମା ! ସିଦ୍ଧାର୍ଥ
ବୋଇଲେ, ଅକୂଳେ ନିତାନ୍ତ ।
ଜନନୀ ମୁଖକୁ ଅନାଇ
ବସିଅଛନ୍ତି ପାଶେ ଯାଇ,
ସ୍ୱପ୍ନ ସମାନ ଗଲା ଜଣା,
ଜନନୀ ଲଭିଲେ ଚେତନା ।
ବୋଇଲେ—କେ ମା ମା ଶବଦରେ
ଢାଳିଲା ସୁଧା ମୋ କର୍ଣ୍ଣରେ ?
ହେ ନୃପ ! ବୋଲନ୍ତୁ ଯଥାର୍ଥ—
ଏହି କି ମୋ ପ୍ରାଣ ସିଦ୍ଧାର୍ଥ ?

ସିଦ୍ଧାର୍ଥ ପର ଯାଏ ଜଣା,
ଅଥବା ଦେବତା ଛଳନା ?
ଆଜକୁ ସାତ ବର୍ଷ ଗତ,
ଯାଇଛୁ ଛାଡ଼ି ତଥାଗତ,
କରନ୍ତେ ସୁତଙ୍କ ସମାନ
ପର ମୁଁ କରେଁ ଅନୁମାନ,
ହୃଦମ୍ଭେ ସାତ ବର୍ଷ ଜାଣ
ଜ୍ୱଳୁଛି ଅଗ୍ନି ଅନିର୍ବାଣ,
ଦେଖି ମୋ କଷଣ ନିତାନ୍ତ,
ଅସିଛ କରିବାକୁ ଶାନ୍ତ ?

କେଉଁ ଦେବତା ଛଳ କରି
ଅସିଛ ପୁତ୍ର ରୂପ ଧରି ?
ଏହୁ ତ ମୋ ପୁତ୍ର ବଦନ,
ଏହୁ ତ ସିଦ୍ଧାର୍ଥ ନୟନ,
ସିଦ୍ଧାର୍ଥ ପରି ବୋଲ କଥା,
ବୋଲନ୍ତୁ ତୁମ୍ଭେ କେ ଦେବତା ?
ଦେହରେ ଅଛୁ ବୋଲ ଧୂଳି,
ତୁହ କି ମୋ ନେତ୍ରପିତୁଳି ?

ନ ସହୁ ତୁଛ ପ୍ରାଣି-ଦୁଃଖ,
ମୋ ପ୍ରତି ହେଲୁ କେ ବିମୁଖ ?
ମୋ କଥା ଅଛି କି ମନରେ ?
ଅସ ରେ ବାପ ଦେଖେଁ ଥରେ !
ବସ ରେ ପାଶେ ବାପଧନ,
ଶୀତଳ ହେଉ ମୋ ଜୀବନ ।

ଗୋପା ରେ ! ଗୋପା ରେ ! ମା-ଅ-ଅ !
କଠିନ ଚିତ୍ତ ଦେଖି ଯାଅ ।
ମୋ ବଧୂ ଯୌବନେ ଯୋଗିନୀ,
କାନ୍ଦେ କୁରଙ୍ଗ କରୁଣୀ ।
ପୁତ୍ର ମୋ ବନେ ଅନାହାରେ,
ଭୂମିଶଯ୍ୟାରେ ତପସ୍ୟାରେ
ବସିଛି ବଧୂ ପତି ଧ୍ୟାନେ,
କାରିବେ ଶୃଗାଳ ସମାନେ ।
ହେ ପ୍ରାଣନାଥ ମହାରାଜ !
ଅଳ୍ପ ସୁତରେ କଲା କାର୍ଯ୍ୟ !
ଏ ରାଜପୁରୀ କର ଧ୍ୱଂସ !
ଯୋଗାଡ଼ ଦେଇଲୁ ସର୍ବସ୍ୱ ।
କି କାର୍ଯ୍ୟ ପ୍ରମୋଦ ଉଦ୍ୟାନେ ?
ଯିବୁଁ କାନନେ ଅମ୍ଭେମାନେ ।

ହେ ନୃପ ଶୁଣ ନିବେଦନ,
ରହୁ ସୁତରେ ମୋ ନନ୍ଦନ ।
ଯୋଗାଡ଼ ଦିଅ ଭିକ୍ଷାପାତ୍ର,
ସୁତରେ ରହୁ ମୋ ସିଦ୍ଧାର୍ଥ ।
ପୁତ୍ରର ଏଡ଼ ବେଶ ଆଉ
ଦେଖିବ କାହିଁ ପ୍ରାଣ ଥାଉଁ ।
ସିଦ୍ଧାର୍ଥ ବସିଛନ୍ତି ସ୍ଥିରେ,
ପାଷାଣ ପ୍ରତିମା ମହୀରେ ।
ବୋଇଲେ ରାଜା ଶୁଦ୍ଧୋଦନ—
ଗୋ ଦେବ ! କାନ୍ଦ ଅକାରଣ !

ଦେଖ ଏ ତୁମ୍ଭର ନନ୍ଦନ
ପ୍ରତ୍ୟକ୍ଷେ ନର-ନାରାୟଣ,
ତୁଳାରେ ନେଲୁଅ ତଉଲ—
ସାମାନ୍ୟ ସ୍ୱର୍ଣ-ଆଭରଣ ।
ଏ ଜନ୍ମା ଜଗତର ପର
ସ୍ୱର୍ଗମୂଲ୍ୟ ନୁହେ ସର ।
ଏ ଭିକ୍ଷାପାତ୍ର ସମାନରେ
ଅଛି କି କୋଷ ଜଗତରେ ?
ଯହିଁର ଅମୂଲ୍ୟ ରତନ,
ପାଳବ ଅସଂଖ୍ୟ ଜୀବନ ।
ଯେ ରାଜ୍ୟ ପାଇଛ ତୁମର,
ଅସୀମ ସ୍ଥିର ଅନଶ୍ୱର ।
ଏ ମହାରାଜ୍ୟର ମହିମା
ଅତୁଳ ଐଶ୍ୱର୍ଯ୍ୟ ଅସୀମା ।
ଅକ୍ଷୟ ଧନ ବିତରଣ
କରିବ ରକ୍ଷା ପ୍ରାଣିଗଣ ।
କରୁଣା କରି ହେ ସିଦ୍ଧାର୍ଥ,
ଦେ ତୋ'ମାତାକୁ ଭିକ୍ଷାପାତ୍ର ।
ଏ ବୃଦ୍ଧ ବୃଦ୍ଧା ପିତା ମାତା—
ହୃଦରେ ଢାଳ ପବିତ୍ରତା ।
ଉଭୟେ ଢାଳି ମାତୃପାଣି
କହନ୍ତି ଯୋଡ଼ିକରେ ବାଣୀ ।
ପାଳିବା ବାନପ୍ରସ୍ଥ ଧର୍ମ,
ଅନ୍ତିମେ ଲଭିପଦ ବର୍ମ ।

ବୋଇଲେ ବିନୟେ ସିଦ୍ଧାର୍ଥ—
ହେ ପିତଃ ! ନିଅ ଭିକ୍ଷାପାତ୍ର,
ନ ଯାଅ ବନେ ରହ ଗେହେ,
ତୁମ୍ଭର ଜରାଜୀର୍ଣ୍ଣ ଦେହେ
କଠୋର ସନ୍ନ୍ୟାସ ସାଧନ
ସହିବ ନାହିଁ ଗଲେ ବନ ।
ପଶ୍ଚିମ ରାଜସିଂହାସନ,
ଉଭୟେ ହେଉନ୍ତୁ ଶ୍ରାମଣ ।
ସମସ୍ତ ଶିଷ୍ୟ ପୁରବାସୀ,
ଭକ୍ତାନୁଚର, ଦାସ, ଦାସୀ,
ବେଷ୍ଟିତ ବୁଦ୍ଧେ ସେ ସମୟେ
ଜନକ ଜନନୀ ଉଭୟେ ।
କାହାନ୍ତି ଗୋପା ? ନାଚ ଗୋପା
ନିର୍ବିତା ଛନ୍ଦା ଲଜ୍ଜାରୂପା ।
ଶୟନ ଗୃହେ ପୁଣ୍ୟବତୀ
ଧ୍ୟାନେ ନିମଗ୍ନା ରହିଛନ୍ତି ।
ବୋଇଲା ଜଣେ ସହଚରୀ—
ଉଠନ୍ତୁ ରାଜରାଜେଶ୍ୱରି !
ଜଗତ ବରେଣ୍ୟ ଦ୍ୱାରରେ
ପଶିଲେ ପ୍ରଭୁ ଦେଖ ଦ୍ୱାରେ ।
କରନ୍ତୁ ଚରଣ ଦର୍ଶନ,
ସାର୍ଥକ ଆପଣା ଜୀବନ ।
ଅନୁପ ଚରଣ ପୂଜତ,
ହୋଇବ ମହିମା ମଣ୍ଡିତ ।

ବୋଇଲେ ଗୋପା, ନାହିଁ ସଖି,
ପ୍ରଭୁଙ୍କ ପଦେ ଚିତ୍ତ ରଖି
କରୁଛୁ ସ୍ୱାର୍ଥ ତପସ୍ୟା,
ଲଭୁଛୁ ସକଳ ଭରସା,
ମୋହର ହୃଦୟ ଦେବତା
ଆସି ବୋଲନ୍ତୁ ମୋତେ କଥା ।
ବସି ମୁଁ ଏ ପୂଜା ଆସନେ
ଧ୍ୟାନ କରୁଛି ମନେ ମନେ ।
ନୁହେ ତ ସାତ ବର୍ଷ—ସତ୍ୟ !
ସାତଶ ଯୁଗ ଗଲା ବନ୍ଧୁ ।
ସମାନେ ମୋତେ ଯାଏ ଜଣା,
କରୁଛି ପ୍ରଭୁଙ୍କୁ ଭାବନା ।
ବସି ମୁଁ ଏ ପୂଜା ଆସନେ
ଓଳଗି ହେବ ସେ ଚରଣେ ।
ଶିଷ୍ୟଯୁଗଳ ସହିତରେ
ସିଦ୍ଧାର୍ଥ ଗୋପାଙ୍କ ପାଶରେ
ମିଳିଲେ, ପୁଷ୍ୟା ତାରା ପାଶେ
ପୂର୍ଣ୍ଣିମା ଚନ୍ଦ୍ରମା ଶଙ୍କାଶେ ।
ସେ ଦେବରୂପ ଗୋପା ଦେଖି
କ୍ଷଣେକ ରହିଲେ ନିରେଖି ।
ପଡ଼ିଲି, ଧୀରେ, ଅତି ଧୀରେ,
ପ୍ରଭୁଙ୍କ ପଦେ ଲୁଣ୍ଠିଲେ
ବେନି ଚରଣେ ବେନି ହାତ
ଯାଞ୍ଚାଙ୍କେ କଲେ ପ୍ରଣିପାତ ।

ଦେଖିଲେ ବୁଦ୍ଧ, ପୂର୍ବ ଗୋପା
ନୁହେଁ—ଏ ମୂର୍ତ୍ତି ଅନ୍ୟରୂପା ।
ଦେହରେ ଗୈରିକ ବସନ,
ମସ୍ତକେ ଜଟା ବିଭୂଷଣ,
ଯୋଗିନୀ ବେଶେ ଛନ୍ତି ବସି,
ପ୍ରତ୍ୟୁଷେ ଯଥା ମ୍ଳାନ ଶଶୀ ।

ସୁନ୍ଦର ବିଳାସଭବନ
ସନ୍ନ୍ୟାସପକ୍ଷେ ତପୋବନ,
ନୀରବ ବୁଦ୍ଧଦେବ ସ୍ଥିର,
ନିସ୍ପନ୍ଦ, ନିଶ୍ଚଳ ଶରୀର ।
ଶିଷ୍ୟଯୁଗଳ ନିସ୍ପନ୍ଦରେ
ଉଭୟ କି ପ୍ରତିମା ରୂପରେ ।
ଶ୍ରୀପଦେ ଗୋପା ଛନ୍ତି ପଡ଼ି,
ପାଦପ ମୂଳେ ପୁଷ୍ପ ଝଡ଼ି ।
ଅଶ୍ରୁମ ବର୍ଷୀନ୍ଦୁ ବର୍ତ୍ତୁଳ
ସ୍ଥିର ରଜତ ମଳାକୁଳ ।
ଦେଖିଲେ ଗୋପା, ସେ ସନ୍ନ୍ୟାସୀ
ଯେମନ୍ତ ଅନ୍ତଃପୁରେ ଆସି
କଲେକ ହୃଦୟେ ପ୍ରବେଶ,
ନଯାନକାରେ ଭୂମ୍ବ୍ରଦେଶ ।

ତିମିର ଅଞ୍ଚଳ ମଧ୍ୟରେ,
ତପନ ପ୍ରବେଶିଲେ ଧୀରେ ।
ଯେ ଛବି ହୃଦୟେ ଅଙ୍କିତ,
ମୂର୍ତ୍ତି ସ୍ୱରୂପେ ଅଧିଷ୍ଠିତ ।

ହୃଦମ୍ବୁ-ପଦ୍ମାସନେ ମୂର୍ତ୍ତି
ସ୍ଥାପିତ, ମନେ କଲେ ସ୍ଥିତ;
ଭାଳିଲେ ଗୋପା ପୁଣି ମନେ,
ଏ ମୂର୍ତ୍ତି ସ୍ପର୍ଶିବ କେସନେ,
ଏ ମୂର୍ତ୍ତି କର ନାରାୟଣ,
କେମନ୍ତେ ବନ୍ଦିବ ଚରଣ ?
ଏ ଦେବ ଜଗତର ପତି,
ତୁଚ୍ଛ ଅବଳା ହୀନମତି,
ମୋ ସ୍ୱାମୀ ବୋଲିବ କେସନେ ?
ଅବା ମୋ କର ପରଶନେ
ସ୍ୱାମୀଙ୍କ ଚରଣ ଦୂଷିତ
ହେଲା କି ? ଭାଳିଣ ଶଙ୍କିତ ।
ସତୁଲ ସୁନାର ପ୍ରତିମା,
ନ ଛୁଏଁ ପ୍ରଭୁଙ୍କ ମହିମା,
କମଳଲୋଚନ ବଦନେ
ସ୍ଫୁର୍ତ୍ତି ଚଳିତ ନୟନେ ।
ସ୍ଥିର ଦେହଟି ମାତା ପାଶେ,
ଜାଣିଲେ ସ୍ଥିରତ ବିଶ୍ୱାସେ ।
ପତିତା ବୃନ୍ତମୂଳେ ଲତା,
ସଦ୍ୟ ପ୍ରସ୍ଫୁଟ ପୁଷ୍ପ ଯଥା ।
ଗୋପା ପୃଥ୍ୱୀରୁ ଧରି ଅଙ୍କେ
ଚୁମ୍ବନ କଲେକ ମସ୍ତକେ ।
ନିଜ ନେତ୍ରଜ ବାଷ୍ପ ନୀର
ପୁଞ୍ଛି ମସ୍ତକେ ଧୀର ଧୀର

ମଣ୍ଡାଇ ଦେଲେ ଚୂଡ଼ା ଏକ,
ପିନ୍ଧାଇ ଦେଲେକ ଅନେକ ।
ଦେଖିଲେ ସେ ଶୁଦ୍ଧ, ସନ୍ନ୍ୟାସୀ
କୈଳାସୁ ଶରଚ୍ଚନ୍ଦ୍ର ଆସି—
ଧର ସେ ସୁତକୁ ଗଦ୍ଗଦେ
ଶୁଆଇ ଦେଲେ ପିତୃପଦେ ।
ବୋଇଲେ ସୁତେ—ରେ ନନ୍ଦନ !
ମାଗି ନେ ତୋ ପୈତୃକ ଧନ ।
ପୁଚ୍ଛିଲା ଅବୁଝେ କୁମର,
ମାତା ଗୋ ! କିଏ ମୋ ପିତର ?
ମୋର ଜନକ ଥିଲେ କାହିଁ ? !
ତାଙ୍କୁ ତ କେବେ ଦେଖି ନାହିଁ !
ବୋଇଲେ ଗୋପା, ରେ କୁମର !
ଏହି ସନ୍ନ୍ୟାସୀ ତୋ ପିତର ।
ଭକ୍ତିରେ ଚରଣ ବନ୍ଦନ
କର ଏହାଙ୍କ ଦରଶନ ।
ଅନନ୍ତ ଅମୃତ ସମ୍ପତ୍ତି
ତୋ ପିତା ପାଶେ ରଖିଛନ୍ତି ।
ଜଗତବାସୀ ଲୋକଗଣ
ଲଭୁ ଅଛନ୍ତି ସେହି ଧନ ।
ଅବଶ୍ୟ ଅମ୍ଭେ ବେନିଜନ
ଲଭିବୁଁ ସେ ଅକ୍ଷୟ ଧନ ।
କରୁଣା ମୂର୍ତ୍ତି ଗୋପା ଦେଖ,
ବହିଲେ ସ୍ୱାମି ପଦ ସେବ ।

ସ୍ତୂଳ କରିଛନ୍ତି କୋଳେ
ପିତୃବଦନ ଲୁଣ୍ଠି ଲୋଳେ ।
ବୋଇଲୁ ତରୁଣ ନନ୍ଦନ,
ଦେଇଲୁ ବାବା ପିତୃଧନ ।
ହସ୍ତ ତୁଲାଇ ମୁଖ ପିରେ
ଗୌତମ ବୋଇଲେ ସ୍ଥିରେ,
ପାଇବ ଧର୍ମ ରେ ନନ୍ଦନ !
ଦେବ ସମ୍ପତ୍ତିଗୋଟି ଧନ ।
ସାଦପୁତ୍ର ଯେ ଅଜ୍ଞାନ୍ତ
ଗୋପା ସ୍ତୁଳେ ଭିକ୍ଷାପାତ୍ର
ଦଅନ୍ତେ, ସକଳ ଜନ୍ତୁଳେ
ଗ୍ରହଣ କଲେ ବେନକରେ ।
ପ୍ରଜାବତୀଙ୍କ ସୁତ ନନ୍ଦ,
ଛାଡ଼ି ତାହାର ମହାନନ୍ଦ,
ଏକସ୍ଥ ଶବାକ୍ଷ ଚାଙ୍କର,
ହୋଇଛି ସଜ ବେଶ ବର ।
ଦେଖି ସେ ଏ ସଙ୍ଗ ସନ୍ଦେଶ,
ଫୋପାଡ଼ି ଦେଲା ବର ବେଶ ।
ଧାଇଁଣ ଭ୍ରାତୃ ସନ୍ନାନ
ଗୈରିକ ବସ୍ତ୍ର ପରିଧାନ,
ଭିକ୍ଷାପାତ୍ରକୁ ଧରି କରେ
ବୋଇଲା ଗୋପାଙ୍କ ପାଶରେ—
ହେ ଦେବ ! ତୁମ୍ଭ ନନ୍ଦ ସୁନ
କୃତାର୍ଥ ହୋଇଥିଲି ପାଇ

ହେତୁ ! ତାହାଙ୍କୁ ଅଧିକାରୀ
କରନ୍ତୁ ଧର୍ମରେ ଦିକ୍ଷାରୀ ।
ଧୀରେ କୋମଳେ ବୁଦ୍ଧଦେବ
ବୋଇଲେ, ନନ୍ଦ ତାହି ହେବ ।

ମାଗ ତୁ କର ଏହି ପଣ,
ପିତା ଜନନୀ ବେନିଜଣ ;
ଯାବତ ଅଛନ୍ତି ଜୀବିତ,
ଥିବୁ ତୁ ପାଶେ ଉପସ୍ଥିତ ।
ବୃଦ୍ଧ ଜନକ ବୃଦ୍ଧା ମାତା,
ସେବନ୍ତୁ ପାଶେ ଥାଇ ସୁତା ।
ସେବିବା ଜନକ ଚରଣ
ପୁତ୍ରର ଧର୍ମ ସନାତନ ।
ନିର୍ବାଣ ଧର୍ମରେ ଦୀକ୍ଷିତ
ହେବାର ଏ ଅନ୍ତେ ଉଚିତ ।
ବୋଇଲେ ନନ୍ଦ, ଦୟାମୟ !
ନ ତୁଅ କଠିନ ହୃଦୟ !
ଜୀବରେ ଦୟା ତବ ଧର୍ମ
ନନ୍ଦ ନିତାନ୍ତ ଛିନ୍ନ,ତମ,
ଆଜନ୍ମ ତୁମ୍ଭେହିଁ ନନ୍ଦର
ସଙ୍ଗୀ, ଜନନୀ, ପିଅର ।
ହେ ଦେବ ନର-ନାରାୟଣ !
ପଶିଲି ଶ୍ରୀପଦେ ଶରଣ ।
ବତ୍ସତ ଛନ୍ତି ସ୍ନେହେ ଲେଖେ,
ସେବନେ ଜନନୀ ଜନକେ ।

ସନ୍ଧ୍ୟା କାଳ ଥିବ ପାଶେ,
ପ୍ରଭୁ ଚରଣ ସେବା ଆଶେ ।
ଗୋପାଳୁ କହି ଧର୍ମାଚାର୍ଯ୍ୟ
ବୋଇଲେ, ଦେବ ! ତୁମ୍ଭ କାର୍ଯ୍ୟ —
ଜନନୀ ଜନକ ପଦ୍ମରେ
ଶୀଘ୍ର ଉଦ୍ଧବ କରନ୍ତରେ ।
ତପସ୍ୟା ସ୍ଥାନ ତୁମ୍ଭ ଗୃହ,
ହେବେ ଶ୍ରାମଣ ଲୋକବୃନ୍ଦ ।
ଗୋପା ପ୍ରଭୁଙ୍କ ଆଦେଶରେ
ରହିଲେ ଆପଣା ଗୃହରେ ।
କେବଳ ବୋଇଲେ ସକୁଳେ,
ପ୍ରଶାନ୍ତଚିତ୍ତେ ଅଳାକୁଳେ—
ଯାଅ ରେ ବାପ ପ୍ରାଣାଧିକ !
ତ ଅଭ୍ର ବୋଲିବ ଅଧିକ ।
ଥିବୁ ପିତାଙ୍କ ପଶ୍ଚାତରେ,
ପୁଣ୍ୟାକୁ ଯଶ ଅନୁସରେ,
ତାହାଙ୍କ ଆଦେଶ ମେଣ୍ଟିଣ
କରବୁ ନାହିଁ କଦାଚନ !
ତୋ ପିତା ଦେବ ନାରାୟଣ,
ଶିଶୁ ଦେବତା ତୁ ନନ୍ଦନ ।
ମୋ ନାରୀଜନମ ସଫଳ,
ଲଭିଲି ତପସ୍ୟାର ଫଳ ।
ଚଳିଲେ ବୁଦ୍ଧ ସ୍ଥାନାନ୍ତରେ,
ନନ୍ଦ ସଙ୍ଗଳି ପଶ୍ଚାତରେ —

ପୂର୍ଣ୍ଣ ପକ୍ଷାରେ ଶାନ୍ତି, ସୁଖ,
ବ୍ୟାସ ପକ୍ଷାରେ ବେଦନ ଦୁଃଖ ।
ନଗରବାସୀ ସେ ସମୟେ
ଉଚ୍ଛଳ ଉଚ୍ଛ୍ୱାସ ହୃଦୟେ
ବୁଦ୍ଧଙ୍କ ଚରଣ ପ୍ରାନ୍ତରେ
ନମିଲେ ଭକ୍ତି ବଳସ୍ୱରେ ।
ଯୁବକ ବୃଦ୍ଧ ଶତ ଶତ
ନିର୍ବାଣ ଧର୍ମ ଅନୁଗତ,
ଚଳିଲେ ବୁଦ୍ଧ ପଶ୍ଚାତରେ,
ବେଳା ଲଭିଛ ଚରଣରେ ।
ଗୋପାଙ୍କ ଭବନ ସମସ୍ତ
ମହାରାର୍ଥରେ ପରିଣତ ।
କପିଳବସ୍ତୁରେ ହେବନ
ଉଠିଲା ବାଦ୍ୟ ଗର୍ଜନ ।
ସକଳ କେତେ ବନ୍ଦେ ଗାର,
କେବଳ ଯୋଷା ଛାତ୍ର ସ୍ଥିର ।
କପିଳବନେ ତଥାଗତ
ବର୍ଷାମେ ଥୋକେ ଲାଭ ଗତ,
ପିତାଙ୍କ ଚରଣ ଦର୍ଶନ
କରୁ ସେ ଥାନ୍ତି ଅନୁକ୍ଷଣ ।
ପ୍ରତ୍ୟକ୍ଷ ଦେବତା ପିତୃର,
ଏହାହିଁ ପ୍ରତ୍ୟକ୍ଷ ତାଙ୍କର ।
ଅଭି ଅଷର୍ଣ୍ଣ ଜର ଜାଗ,
ନିର୍ବାଣ ଜବ ତ୍ରିଧାସ

ହେଲେ ଯେ ଦେଶବାସୀ ଜନ,
ଯତନେ ମଧ୍ୟ ଶୁଦ୍ଧୋଦନ ।
କୌଶମ୍ବୀ ଦେଶେ ଅତଃପରେ
ଚଳିଲେ ବୁଦ୍ଧ ସଶିଷ୍ୟରେ ।
ସେ ସ୍ଥାନେ ଜଣେକ ଶ୍ରମଣ
ଅନ୍ତିମ ଶଯ୍ୟା ଶୁଦ୍ଧୋଦନ
ଲଭିବା ! ଆଇଲେ ବାହୁଡ଼ି
ଶାକ୍ୟର ଶେଷ ଲବ ବୁଝି
ଯିବା ସମୟେ ସେ ନୃପେ
ଦେଖିଲେ ସୁତ ନାସ୍ତିକଣେ ।
ଶାନ୍ତିସ୍ନେହପୂର୍ଣ୍ଣ ଦେହେ
ନୃପଙ୍କ ଆନନ୍ଦାଶ୍ରୁ ବହେ ।
ଅନନ୍ତ ନିର୍ବାଣ ମାର୍ଗରେ
ଚଳିଲେ ନୃପ ସଜ୍ଜନରେ ।
ପିତା ଅନ୍ତ୍ୟେଷ୍ଟିକ୍ରିୟାମାନ
କଲେକ ବୁଦ୍ଧ ସମାଧାନ ।
ଶାକ୍ୟ ବଂଶର ନାରୀଗଣେ
ମହର୍ଷି ଗୌତମ ଚରଣେ
ବୋଇଲେ ନାଥ, ଦୟାମୟ !
ଦେଉନ୍ତୁ ଚରଣ ଆଶ୍ରୟ ।
ଅନାଥା ରମଣୀମଣ୍ଡଳେ
ସମ୍ପୂର୍ଣ୍ଣ ଶାକ୍ୟ ସୁହସ୍ତଲେ ।
କପିଳବସ୍ତୁ ଅନାଶ୍ରୟ
ହୋଇଛି ଲୋକଙ୍କ-ଆଶ୍ରୟ ।

ବଧବା ନାସ୍ତି ଧର୍ମ, ମାନ
ରକ୍ଷା କେ କରେ ବର୍ତ୍ତମାନ ?
ଗୌତମ ଶୁଣି ଏ ପ୍ରସଙ୍ଗ
ସୃଜିଲେ ସନ୍ନ୍ୟାସିନୀସଂଘ ।
ଅପରେ ସନ୍ନ୍ୟାସିନୀ ଥାକି,
ଗୋପା ସେଥିରେ ଅଧିଷ୍ଠାତ୍ରୀ ।
ସନ୍ନ୍ୟାସୀ ସନ୍ନ୍ୟାସିନୀଗଣେ
ରକ୍ଷି ବିହାର ମହାବନେ
ନିର୍ଜନେ କୌଶାମ୍ବୀ ପର୍ବତ
ସମାଧିମଗ୍ନ ତଥାଗତ ।
କପିଳବସ୍ତୁ ସ୍ୱର୍ଗ ଅଂଶ
ହେଲା ଶ୍ମଶାନ ଶାକ୍ୟବଂଶ ।

ଇତି ଶ୍ରୀ ବୌଦ୍ଧାବତାରକାବ୍ୟେ ସଂସାରତ୍ୟାଗ
ନାମ ସପ୍ତଦଶ ସର୍ଗ ।

## ଅଷ୍ଟାଦଶ ସର୍ଗ ।

ମହାପ୍ରସ୍ଥର ।

କୌଶାମ୍ବୀ ଦେଶରେ     ସ୍ଥୂଳ ପର୍ବତ,
ସୁନ୍ଦର ଶିଖର     ଶିର ସମୁନ୍ନତ ।
ପ୍ରାବୃଟ ଆଗମେ—     ମାଧବୀ, ମାଲତୀ,
ନବ କିସଲୟେ     ମଣ୍ଡିତ ବ୍ରତତୀ ।

ପ୍ରତ୍ୟେକ ପାଦପ    ପୂର୍ଣ୍ଣ ନବପତ୍ର—
ଜଣାଉଛେ ଦୃଷ୍ଟି    ଧରୁ ଆତପତ୍ର ।
ଜଳାସେ ଦାବାଗ୍ନି    ପର୍ବତ ଶଙ୍ଗରେ
ଛାଡ଼ିଥିଲା ଯତ୍ନ,    ଅଙ୍ଗାରରାଶିରେ ।
ବର୍ଷାର ଜଳଦ    ଦେଲା ଧୋଇଧାଇ,
ଶସଲମ୍ବ ବସ୍ତ୍ର    ଦେଇଛି ପିନ୍ଧାଇ ।
ମଣ୍ଡାଇ ଦେଇଛି    ନାନା ଆଭରଣ,
ବହନ୍ତ ବିବିଧ    ସୁଗନ୍ଧ ସୁମନ ।
ଫୁଟିଲା ଗୋଲାପ    ମାଳତୀ ମଲ୍ଲିକା,
ସଙ୍ଗୀକୃତା ଶଶ୍ୟ    ତରଳ ଚନ୍ଦ୍ରିକା ।
ବହେ ନିର୍ଝରିଣୀ    ଶିଖରପ୍ରସୂତା,
ଉଜ୍ଜ୍ୱଳ ଶୁଭ୍ରାତ୍ମା    ଶାନ୍ତେ ରୂପାସ୍ଥିତା ।
ଅଥବା ଧୂର୍ଜ୍ଜଟୀ    ଜଟାରୁ ଜାହ୍ନବୀ
ପ୍ରବାହନ୍ତା ବେଗେ,    ହୁଏ ଅନୁଭବ ।
କଳ କଳ ଶବ୍ଦେ    ବହେ ନିର୍ଝରିଣୀ,
ସ୍ୱାମି ବୁକେ କାନ୍ଦ    ଯାଉଛି ନନ୍ଦନୀ ।
ତାହିଁ ବହେ ବାୟୁ    ଶୈବଳ-ଅନଳ,
ପାର୍ବତ୍ୟ ପଦରୁ    ଅଳକ୍ତ ସଜଳ ।
ନିଦାଘ ନିଃଶେଷେ    ଲଭି ନୂଆ ପାଣି
ଆନନ୍ଦ ଉତ୍ସବେ    ମତ୍ତ କେତେ ପ୍ରାଣୀ ।
ତାହିଁ ପୁଲକରେ    ଟେକ ପୁଚ୍ଛ ଟେକ
ଦେଖାଏ ସୌନ୍ଦର୍ଯ୍ୟ    ମୟୂରୀକୁ କେକୀ ।
କମ୍ପାଇ ଡେଣାକୁ    ନାଚ ନାଚ ଯାଏ,
ଉଚ୍ଚେ କେକାରବେ    ପର୍ବତ କମ୍ପାଏ ।

ମୟୂରୀ ମୋହିତା     ରୂପ କାନ୍ତି ଦେଖି,
ତାଳେ ତାଳେ ନାଚ     ଯାଏ ପୁଚ୍ଛ ଟେକି ।
ବନେ ଦାବାନଳ     ଯାଇଅଛି ନିଭି,
ଗିରି ସାନୋଦେଶେ     ଉତ୍ସ ସ୍ଫୁରିବା ।
ଅନନ୍ତେ ବସ୍ତ୍ର—     ବହ୍ନି ଝଳରେ
ପ୍ରେମେ ଉନମତ୍ତ     ଗଣ୍ଡେ କର୍ଦ୍ଦମରେ ।
ବୃକ୍ଷମୂଳେ ବସି     ଶ୍ରାନ୍ତ ମୃଗଗଣ,
ପଞ୍ଚ ପଞ୍ଚ ଶୁଣେ     ଝାଡିବାକୁ କର୍ଣ୍ଣ ।
ନବ ମେଘାଲୋକେ     ସ୍ୱନେ ଭୂମ୍ୟାବୃଷ୍ଟି,
ଝିଙ୍କାରି-ଝିଲ୍ଲିକୀ     ଚତ୍ୱରକୋଳାହଳ ।
ଉଚ୍ଚେ ବାମ୍ବା ଡାଳେ     ବସିଥାନ୍ତି ଚାଷ,
ସରେ କେଉଁ ଧନ     ଲୁପଣ ଉପାୟ ।
ମାଦକ କୋକିଳ     ଦାତ୍ୟୂହଙ୍କ ମେଳ,
କେହୁ ଦୁଃଖେ ମଗ୍ନ     କେହୁ କରେ କେଳି ।
ଅଳସେ ଗହ୍ୱରେ     ଛନ୍ତି ବ୍ୟାଘ୍ରଗଣେ,
ଦୁର୍ଯ୍ୟୋଗରେ କେବା     ଯାଏ ଉପାର୍ଜ୍ଜନେ ।
ଦଳେ ପାଣି ପଶି     ଭସିବାକୁ ସର୍ପେ,
ଅନେକେ ଦର୍ଦ୍ଦୁର     ରହୁଛନ୍ତି ଦର୍ପେ ।
ନକୁଳ ଲୁଚଇ     ଉଲମ୍ବ ବଲୟେ
ଜଳ ଗହ୍ୱରରେ     ପଳାନ୍ତି ସଙ୍କଟେ ।
ବିଲମ୍ବେ ଧାବନ୍ତି     ଆତ୍ମରକ୍ଷାପାଇଁ,
ହଂସ ଉଡ଼ିବାକୁ     ଅବସର କାହିଁ ?
ଉଚ୍ଚେ ଉଡ୍ଡେ କାକ,     ହୁଙ୍କାରେ ଉଲୂକ,
କପୋତ କପୋତେ     ପୁଲକିତ ଲୋକ ।

ଚିର ପ୍ରଚ୍ଛନ୍ନ— ବାରିଦ ଗର୍ଜନ,
ମନ୍ଦରେ ମନ୍ଦରେ ଝିଙ୍କା ସମ୍ଭାଷଣ ।
କାଦମ୍ବିନୀ କୋଳେ ଶୋଭେ ବକମାଳା,
କାମିନୀ ଉରସେ ରଜତ ମେଖଳା ।
ଉଚ୍ଚେ କଣ୍ଟେ କୁଞ୍ଜେ— ଲୁଚି ଶୁଷ୍କ ଶାଖୀ,
ଚଉକାଳ ପୁଚେଶ ଯାଉଛି କାହାରି !
ବନକୁଞ୍ଜ ତେଜ ଶୃଗାଳ, ଶଶକ
ଭ୍ରମନ୍ତି ପ୍ରାନ୍ତରେ ଦଂଶନ୍ତେ ମଶକ ।
ଚମକେ ଚପଳା ପର୍ବତ ଗାତରେ,
କିଶୁଛି କାଷ୍ଠକ କଣ୍ଟ ପ୍ରସ୍ତରେ ।
ଯୂଥପତି ସଙ୍ଗେ ଭ୍ରମନ୍ତି କରିଣୀ,
ଚୌଚୁମାଟି ବୋଲ ବନବିହାରିଣୀ ।
ମହିଷୀ ମଣ୍ଡଳେ କାମୁକ ନୃପତି,
ଶତ ଗୁଣ ବଳ ମାତଙ୍ଗ ସମ୍ପତ୍ତି ।
ଯୂଥପତି ଜ୍ଞାନ ସିଂହଠାରୁ ବଳ,
ମଣିକନା ତାର ରାଜ୍ୟ ଯାଏ ଚଳି ।
ଲୁବ୍ଧ ଚିହ୍ନବର୍ତ୍ତ ଲତା ଗୁଳ୍ମ ଜାଲେ,
କେ ଯିବ ପର୍ବତେ ଦୁର୍ଗମେ ସେକାଳେ ?
ଛନ୍ତି ଲୋକ ମଧ୍ୟ ତହିଁ ଯିବାପାଇଁ,
ମାନବ-ଅଗମ୍ୟ ସ୍ଥାନ, କାଳ କାହିଁ ?
ମୃଗୟାକାଙ୍କ୍ଷିତ ମାର୍ଗ ଅନୁମାନେ
ଧନୁ ଧରି ବ୍ୟାଧ ଚଳେ ସାବଧାନେ ।
କଣ୍ଟକ, କର୍ଦ୍ଦମ, ସର୍ପ ପଦେ ଦଳି
ଲୁଚି ଲୁଚି ବନେ ଯାଏ ଚଳି ଚଳି ।

ଅଚ୍ଛେ ଯାଏ ଦୃଷ୍ଟି ରହିଛୁ ପ୍ରସରେ,
ତମଃ ପଞ୍ଜକୁ ଗୃହେଁ ଥରେ ଥରେ ।
ଦୃଷ୍ଟି ରୋଧ କରେ ଖିନ୍ନ ବନ୍ଧୁ ନାରେ,
ଅନ୍ଧ ଖାଳଧାରେ ଘୋଛେ କନ୍ଦୁଣୀରେ ।
ଅନ୍ୟ ପ୍ରାଣିବୃନ୍ଦ ଯାହାର ବେବସା,
ଲୁକ୍କେ କ ସେ ଲୋକ ସାମାନ୍ୟ ଦୁର୍ଦ୍ଦଶା ?
ପର୍ବତେ ଆକାଶେ ଘୋଟିଛି ଅନ୍ଧାର,
ବାର ହେଉ ନାହିଁ ସର୍ବ ଏକାକାର ।

କଣିଥେ ଶଦ୍ୟାରେ ଜ୍ୱଳନ୍ତ ପର୍ବତେ,
ହେଲେ ସ୍ଥିର ହେବେ ନକ୍ଷତ୍ର ପରତେ ।
ନାହିଁ କୋଳାହଳ ଲୋକଙ୍କ ଜଞ୍ଜାଳ,
ଯୋଗିଜନ ଧ୍ୟାନ ଉପଯୁକ୍ତ କାଳ ।
ଏକାଳେ ସ୍ଥବିର ପର୍ବତେ ନିର୍ଜ୍ଜନେ
ବୁଦ୍ଧଦେବ ଧ୍ୟାନେ ଥିଲେ ଏକମନେ ।
ଗତ ବର୍ଷାକାଳ ଶରଦ ଆଗତ,
ବାହାରିଲେ ଧାନ ଢେଲ ଉଠାଗତ ।
ବୁଦ୍ଧ ନବଧର୍ମ କରିବେ ପ୍ରଚାର,
ବ୍ୟାପିଲା ଜଗତେ ସୁଖ ସମାଚାର ।
ଏକନାଳା ଗ୍ରାମେ ଦୁଷ୍ଟାମୀ ବ୍ରାହ୍ମଣ,
ଭରଦ୍ୱାଜ ଗୋତ୍ର ଦୁଃଶୀଳ ଦୁର୍ଜନ ।
ଚଳେ ଧର ହଳ କୃଷି କରିବାରେ,
ଭିକ୍ଷାପାତ୍ର କରେ ବୁଦ୍ଧଦେବ ଦ୍ୱାରେ ।
ଭିକ୍ଷୁ ଦେଖି ଦ୍ୱିଜ ଅଧୀର କ୍ରୋଧରେ,
ବୋଇଲା, ରେ ଭିକ୍ଷୁ ! ଅତି କର୍କ୍କଶରେ,

ଦେଖୁ ତାଙ୍କ କ୍ଷେତ    କଷ୍ଟରେ କର୍ଷଣ
କର ତହିଁ ବୀଜ    କରୁଛନ୍ତି ବପନ ।
କେତେ କଷ୍ଟେ ଶସ୍ୟ    ଜନମେ ଭୂମିରେ,
ତାହୁଁ ତୁ ଜାଣିବୁ    ଅଳପ ବୁଦ୍ଧିରେ ?
ସେହି ଶସ୍ୟେ କରେଁ    କୁଟୁମ୍ବ ପୋଷଣ,
ତୋତେ ଦେବା ତାହା    ଦେବ ଅକାରଣ ?
ଯେବେ ତୋର ଥାଏ    ଶସ୍ୟ ପ୍ରୟୋଜନ,
ଆସି କର ମୋର    ସହିତ କର୍ଷଣ ।

ପରିଶ୍ରମ ବିନା    ବୋଲ ଏ ସଂସାରେ
ଅନ୍ନ କି କାହାକୁ    ମିଳିବାକୁ ପାରେ ?
ହଳିଆ ବଳିଆ    ଅଛୁ ତୁ ବଳୁଆ,
ଭିକ୍ଷା ମାଗି ବୁଲୁ    ହୋଇ ଅଲସୁଆ ।
କାମ କର କର    ମହତ ଶୋଭରେ,
ତୁ ପେଟ ପୋଷିବୁ    ବସି ବସି ଘରେ ?
ବୋଇଲେ ଗୌତମ,    ଶୁଣ ବିପ୍ରବର,
କୃଷି ବ୍ୟବସାୟ    ଅଛି ମଧ୍ୟ ମୋର ।
ଭୂମି ରଖି କର    ବୀଜ ମୁଁ ବପନ
ଜନମାଇ ଶସ୍ୟ    କରଇ ଭୋଜନ ।
ବୋଇଲା ବ୍ରାହ୍ମଣ —    ଦଲ୍ଲଇଣ ମଥା,
ତୁମ କୃଷିକାର୍ଯ୍ୟ ?    ଛୁଛା ମିଛକଥା ।
କାହିଁ ତୋ ବଳଦ,    ବୀଜ, ହଳ, କୃଷି ?
ବୋଇଲେ ଗୌତମ,    ବୀଜ ମୋ ଶ୍ରଦ୍ଧାୟ,
ମୋର ସମ୍ୟକ୍ଷେତ    ମାନବର ହୃଦ,
ଧର୍ମ ହଳ, ମୋର    ଜ୍ଞାନ ବଳୀବର୍ଦ୍ଦ,

ନିର୍ବାଣ ମୋ ଶସ୍ୟ    ଅମର ଅକ୍ଷୟ ।
ଶୁଣିଲ ବ୍ରାହ୍ମଣ,    ହେଲା ଛନ୍ନୋଦସ୍ତ ।
ବସ୍ତ୍ର ଚନ୍ଦ୍ରଂ ପଡ଼ି    ବୁଦ୍ଧ ପଦତଳେ
ଘେନିଲା ସନ୍ନ୍ୟାସ    ଦୀକ୍ଷା ଜ୍ଞାନବଳେ ।
ଏକଦା ପଲାଶ୍ରୀ    ନବକ୍ତ କାନନେ
ବୁଦ୍ଧ ଧ୍ୟାନେ ମଗ୍ନ    ତସ୍କର ଲଭିଲେ,
ଅସି ସେ ତସ୍କର    ବୋଇଲା କ୍ରୋଧରେ—
କିଏ ରେ ତୁ ? ଅସି    ବସିଛୁ ମୋ ସରେ ?

ଦୂର ହୁଅ ନତୁ    ପକାଇବ ମାର,
କମ୍ପିଲା କ୍ରୋଧରେ    ବୋଲି ଦୁଷ୍ଟବୁଦ୍ଧି ।
ଧ୍ୟାନ ଭେଙ୍ଗି ବୁଦ୍ଧ    ମେଲିଲେ ନୟନ,
ନେତ୍ରୁ ବହିଗଲା    ସ୍ୱର୍ଗୀୟ କିରଣ ।
ଦେଖି ନେତ୍ରଜ୍ୟୋତି    ଦସ୍ୟୁ ହେଲା ସ୍ଥିର,
ଏ ଲୋକ ମାନବ    ନୁହେ କଦାଚିତ ।
ଦେବତା-ଛଳରେ    ଅସି ଏହି ସ୍ଥାନେ
ଜାତି କରିଇଲେ    ଶାପ ମୋର ପ୍ରାଣେ ।

ଏହି ହସ୍ତେ କେତେ    ବଧ କଲି ପ୍ରାଣୀ,
ଅଜ ଜାତି ଶାପ    ଏପାଇଁ କି ଜାଣି ।
ବୋଇଲା ପ୍ରକାଶି    ଚନ୍ଦ୍ର ଦସ୍ୟୁପତି,
ଜାଣ ଯେବେ ତତ୍ତ୍ୱ    କଥା ତୁମ୍ଭେ ଯତି !
ବୋଲ ମାନବର    କିବା ଶ୍ରେଷ୍ଠ ଧନ ?
କେଉଁ କାର୍ଯ୍ୟେ ସୁଖ    ଲଭଇ ଜୀବନ ?
ଜଗତରେ କିବା    ଶ୍ରେଷ୍ଠତମ ସ୍ୱାଦୁ ?
ମୋ ପ୍ରଶ୍ନେ ଉତ୍ତର    ନ ଦେଲେ ହେ ସାଧୁ !

ପଚାରିବ ମାର　　ତୋର ଦେହ ଖଣ୍ଡ-
ଖଣ୍ଡ କରି ଶିଙ୍ଗି　　ଦେବ ଲଣ୍ଡବଣ୍ଡ ।
ବୋଇଲେ ଗୌତମ—　　ହସି ହସିତରେ,
ବନ୍ଧୁର ମାନବ　　ବଧିଛ ହସ୍ତରେ,
ପାଇଛ କି ସୁଖ　　ବଧି ମହାପ୍ରାଣୀ ?
ମୋତେ ମାରି ସୁଖ　　ଲଭିବ କି ଜାଣି ?
ନର ହତ୍ୟା କରି　　ପାଇଛ କି ଧନ ?
କି ଧନ ଲଭିବ　　ବଧି ମୋ ଜୀବନ ?

ଥାଉ ବା ନ ଥାଉ　　ତୁମ୍ଭ ପ୍ରେସି ଧନ,
ଦିନେ ତ କରିବ　　ତ୍ୟାଗ ଏ ଜୀବନ ।
ଧ୍ୱଂସ ହେବ ଦେହ,　　ରହିବ ତ ନାହିଁ
ଲୁଟୀର, ସମସ୍ତ　　ଧନ ଯିବ କାହିଁ ।
ସଙ୍ଗେ ସଙ୍ଗେ ଯିବ　　ପାପକର୍ମଫଳ,
ତୁମ୍ଭେହିଁ ଏକାକୀ　　ଭୁଞ୍ଜିବ କେବଳ ।
ତୁମ୍ଭ ପ୍ରଶ୍ନେ, ଭାଇ　　ଶୁଣନ୍ତୁ ଉତ୍ତର—
ଧର୍ମ ଶ୍ରେଷ୍ଠ ଧନ　　ଅଟେ ମାନବର ।

ଧର୍ମ ପାଳନରେ　　ସୁଖ ଜୀବ ଜାଣ,
ସତ୍ୟ ଶ୍ରେଷ୍ଠ ସ୍ୱାଦୁ,　　ଶ୍ରେଷ୍ଠ ଜ୍ଞାନ-ପ୍ରାଣ ।
ପୁଚ୍ଛିଲା ତସ୍କର—　　ବୋଲ ମୋ ଆଗରେ,
ଜନ୍ମ କ୍ଲେଶମାନ　　କେଉଁ ଉପାୟରେ
ଅତିକ୍ରମ କରି　　ଲଭିବ ନିର୍ବାଣ ?
ବୋଲି ଯେଉ ତତ୍ତ୍ୱ　　ଯେବେ ତୁମ୍ଭେ ଜଣ ।
ବୁଦ୍ଧଦେବ ଉକ୍ତି—　　କର୍ମଫଳ ନାଶେ
ଜନ୍ମ କ୍ଲେଶ ଦୂର　　ହୁଏ ଅନାୟାସେ ।

ଜୀବନ ସାଗର, ତବ ଧର୍ମବଳେ
ପାର ହେବ ପ୍ରାଣ ପବିତ୍ର ଶୀତଳେ ।
ପୁଚ୍ଛେ ଦସ୍ୟୁ, ବନ୍ଧୋ ! ଧନ, ଯଶ, ଜ୍ଞାନ
ଲଭିବ କିରୂପ ? ମରଣାନ୍ତେ ତ୍ରାଣ ?
ବୋଇଲେ ଗୌତମ, ବୌଦ୍ଧ ଧର୍ମରେ
କଲେ, ଜ୍ଞାନାଲୋକ ଲଭ ସହଜରେ ।
କର୍ତ୍ତବ୍ୟ ସାଧନେ ଲଭ ବହୁ ଧନ,
ସତ୍ୟେ ଲଭ ଯଶ, ପ୍ରେମେ ନିର୍ବାଣ ।
ଶୁଦ୍ଧତା, ସଂଯମ, ବଦାନ୍ୟତା, ସତ୍ୟ,
କ୍ଷମା ଯୋଗେ ପର- କାଳେ ଦୁଃଖ ଅନ୍ତ ।
ଜନ୍ମ, ଜରା, ବ୍ୟାଧି, ମୃତ୍ୟୁଜାତ ଯନ୍ତ୍ର
ହେବ ଅନ୍ତର୍ହିତ ଧର୍ମମାର୍ଗ ସାଧି ।
ତସ୍କର ହୃଦୟେ ହେଲା ଜ୍ଞାନୋଦୟ,
ସାଧୁ ଧର୍ମାଲୋକେ ନିର୍ମଳ ହୃଦୟ ।
ନବ ଧର୍ମ ସାକ୍ଷୀ ଭଜି ସେ ସୁଜନ
ଭିକ୍ଷୁବେଶେ ଗଲା . ପ୍ରଭୁର ଶରଣ ।
ସାଧୁ ଧର୍ମନିଷ୍ଠ ପୂର୍ବେ ଦସ୍ୟୁ ସନ୍ତ,
ପାଷାଣ ଜୀବନ— ରୂପେ ପରିଣତ ।
ଏବେ ବୁଦ୍ଧଦେବ ଶ୍ରାବସ୍ତୀ ନଗରେ
ବସିଛ ବିହାରେ ଶିଷ୍ୟ ସହିତରେ ।
ମୃତ ଶିଶୁ କୋଳେ ଗୌତମୀ ଜନନୀ
ଆସି ବୁଦ୍ଧ ପାଶେ ଲୁଣ୍ଠିଲା ଅବନୀ ।
ବୋଇଲା, ହେ ଦେବ ! ନର ନାରାୟଣ !
ଦୁରକାଳେ ଏଭୁ ଗୋଟିଏ ଜୀବନ

ତମ୍ଭୁର ସମନ  କରଛ ହରଣ,
କୃପା କର ଦେଅ  ଏହାର ଜୀବନ ।
ଏକମାତ୍ର ଭିକ୍ଷା,  କର ପୁତ୍ରେ ଦାନ,
ନବୁଝା ସନ୍ତତି  ହରାଇବ ପ୍ରାଣ ।
ଦେଇଛୁ ସର୍ବସ୍ବ,  ଧନ, ପ୍ରାଣ, ମାନ,
ଏକମାତ୍ର ପୁତ୍ରେ  କର ପ୍ରାଣଦାନ ।
ଦେଖିଲେ ଗୌତମ  କରୁଣ ନୟନେ,
କି କଷ୍ଟ ଯେ ଜାତ  ସନ୍ତାନ ମରଣେ ।

ପୁତ୍ରଶୋକୁଁ ବଳ  ଶୋକ ଅଛି କାହିଁ,
ତେଜି ପାରେ ଲୋକ  ସର୍ବ ପୁତ୍ରପାଇଁ ।
ମାୟାବଦ୍ଧ ଜୀବ  ଏ କଷ୍ଟ ଦାରୁଣ
ଜନ୍ମ ଜନ୍ମାନ୍ତର  ସହେ ପୁଣ ପୁଣ ।
ବୋଇଲେ, ଗୋ ମାତଃ !  କରନ୍ତୁ ଶ୍ରବଣ,
କରି ପାରେଁ ତୁମ୍ଭ  ଶୋକ ନିବାରଣ ।
ଔଷଧ ପ୍ରସ୍ତୁତ  ହେବ ସେଥିପାଇଁ,
ମୁଠାଏ ସର୍ଷପ  ଖୋଜି ଆଣ ଯାଇ ।

ସେ କୃଷ୍ଣା ଗୌତମୀ  ଗୌତମ ଚରଣେ
ପଡ଼ିତ ରହିଲ  ସଜଳ ନୟନେ,
ସୁସ୍ଥ ହୃଦୟରେ  ଆନନ୍ଦ ସଞ୍ଚାରି,
ଓଲଟିଣି ଲୁଚି  ପଡ଼େ ବାରମ୍ବାର,
ସେ କୃଷ୍ଣା ଗୌତମୀ  ବୋଲେ ଯୋଡ଼ି ପାଣି,
ସାମାନ୍ୟ ସର୍ଷପ  ଦେଉଅଛ ଆଣି ।
ମୁଠାଏ କେପାଇଁ ?  ଯେତେ ଇଚ୍ଛା ତୁମ୍ଭ
କହିବେ ଆଦେଶ  ଆଣିଦେବି ସବୁ ।

ବୋଇଲେ ମାତାକୁ ବୁଦ୍ଧ ଦେଇ ବୋଧ,
ସାମାନ୍ୟ ସର୍ଷପେ ନ ହେବ ଔଷଧ ।
ଯେ ଘରୁ ସର୍ଷପ ମାତା ଆଣ ଯାଇ,
ଯେ ଘରେ ମନୁଷ୍ୟ କେବେ ମରି ନାହିଁ ।
ମୃତ ପୁତ୍ର କୋଳେ ମାତା ଊର୍ଦ୍ଧ୍ୱଶ୍ୱାସେ
ଧାଇଁଲା ସର୍ଷପ ଅର୍ଜିବା ପ୍ରୟାସେ ।
ଭ୍ରମିଲା ଗୌତମୀ ନଗର ମଧ୍ୟରେ,
ଖୋଜିଲା ସର୍ଷପ ପ୍ରତି ଘରେ ଘରେ ।

ଅହା ! ଅହା ! ଅହା ! ନିର୍ଘଣା ଜନନୀ,
କ୍ରମେ ଦବା ଗତ ଆଗତା ରଜନୀ,
ନ ପାଇଲା କୁତ୍ର ଖୋଜି ସେ ଅଶେଷ,
ମୃତ୍ୟୁ କରି ନାହିଁ ଯେ ଘରେ ପ୍ରବେଶ ।
ଭାର୍ଯ୍ୟା ଭାଇ, ବନ୍ଧୁ , ଜନକ, ଜନନୀ,
ଅକାଳେ ସନ୍ତାନ ମରନ୍ତି, ଘରଣୀ ।
ଶୋକାକୁଳା ମାତା ଯାଇ ଜିନପାଶେ
ବଖିଲା ଅଶେଷ ଉଦାସେ, ନିଶ୍ୱାସେ ।

ମେଲିଲା ତାହାର ସୁଜ୍ଞାନ ନୟନ,
ଦେଖିଲା ବ୍ୟାପିଛି ଜଗତେ ମରଣ ।
ଘୋର ଦଣ୍ଡୀହ୍ରଣୀ ଭିମିରିଃସମାନେ
ମୃତ୍ୟୁଛାୟାବୃତ ଛନ୍ତି ଲୋକମାନେ ।
ମରିଛନ୍ତି ମରୁଛନ୍ତି କେତେ ପ୍ରତଃ
ଅଲକ୍ଷେ ମରଣ ଥାଇ ହାଣେ ସୂକ୍ଷ୍ମ ।
ସଂଖ୍ୟାଗତ ଦେହା ଜଳୁଛି ପ୍ରାନ୍ତରେ,
ଘୋର କୋଳାହଳ ମାନବ ମନରେ ।

ପୁତ୍ରଶୋକାତୁର ମୃତ ପୁତ୍ର କୋଳେ
ଧରିଅଛୁ ବସି ବଚନେ କହିଲେ ।
ଦୈବ ବାଣୀ ପରି ଶୁଭିଲା ତା କର୍ଣ୍ଣେ,
ଜଳୁଛି ପ୍ରଦୀପ ଦେଖ ମା ନୟନେ ।
ହେବ ଏକ ଏକ ପ୍ରଦୀପ ନିର୍ବାଣ,
ମାନବଜୀବନ ସେହିପରି ଜାଣ ।
ଯାଇଛୁ ସନ୍ତାନ, ଯିବ ତୁମ୍ଭେ ଧନେ,
ଜଗତର ଲୋକ ମରଣ ଅଧୀନେ ।
ଆତ୍ମକର୍ମଫଳ ଭୁଞ୍ଜିବା ସକାଶେ
ରହିଛନ୍ତି ଲୋକ ସଂସାରେ ପ୍ରବାସେ ।
ଆତ୍ମକର୍ମରତ ଯାଅ ଅନ୍ତଃପୁର,
ନ ହେବ ବୃଥାରେ ପରିତାପ କର ।
ନିଷ୍ଠୁର ଲୀଳା- କ୍ଷେତ୍ର ଏ ଜଗତ,
ବିଶ୍ୱନିୟନ୍ତାର ବିଧାନ ଅପୂର୍ବ ।
ଜୀବ ରଙ୍ଗାଳୟେ କରି ଅଭିନୟ
ହେଉଛନ୍ତି କାଳ- କବଳେ ବିଲୟ ।
ଦେଖିଲେ ଗୌତମୀ ବିଜ୍ଞାନ ଆଲୋକେ,
ଘୋର ମୋହାଚ୍ଛନ୍ନ ଜଗତର ଲୋକେ ।
ପୁତ୍ରେ ବିସର୍ଜନ ଦେଇ ବିଷାଦିନୀ
ବୁଦ୍ଧ ସଙ୍ଗେ ଯାଇ ହେଲା ସନ୍ନ୍ୟାସିନୀ ।
ଶୁଣ କହୁଛି ଏକ ଶିଷ୍ୟ ସ୍ୱର୍ଣ୍ଣକାର
ଥାଏ ଆଶ୍ରମରେ ତେଜି ଘର ଦ୍ୱାର,
ମାୟିକ ସଂସାର ବିଷୟରୁ ମନ
ହେଲା ନାହିଁ ଦୂର— ବିଷମ ଦୁର୍ଗତି ।

ଧନ, ମାନ, ଯଶ    ଲୋକଙ୍କେ ପ୍ରତିଦିନ,
ନଶ୍ୱର ହୃଦୟ    ମୋହମାୟାଧୀନ ।
ସାଧୁଗ୍ରନ୍ଥ ଯେତେ    ଦେଲେ ଉପଦେଶ,
ନ ହେଲା ଉଦୟ    ହୃଦେ ଜ୍ଞାନ ଲେଶ ।
ସ୍ମୃତିମାତ୍ର ଗତ    ସର୍ବ ବେଦମୂଳା,
ନ ହେଲା ଉଦୟ    ହୃଦୟେ ଚେତନା ।
ଦିନେ ଗୁରୁଦେବ    ଶିଷ୍ୟ ସ୍ୱର୍ଣ୍ଣକାରେ
ସହିତ ମିଳିତ    ସରୋବରତୀରେ ।

ଅଗ୍ରଣ୍ୟ କମଳ    ଭ୍ରମେ ନାଚଗଲେ,
ପୂର୍ଣ୍ଣ ଅଶା ସାଧୁ    ହୃଦୟ କମଳେ ।
ବୋଲିଲେ ଗୌତମ    ଶିଷ୍ୟ ସ୍ୱର୍ଣ୍ଣକାରେ—
ଦେଖ ଦେଖ ବତ୍ସ !    ଗୃହେଁ ଏ କାସାରେ ।
ଦେଖିଲା ସେ ଶିଷ୍ୟ,    ଅଗଣେ ଯାମିନୀ,
ଜୀର୍ଣ୍ଣ ଶୀର୍ଣ୍ଣ ଦଳ    ଜଳେ କମଳିନୀ ।
ବୋଇଲେ ଗୌତମ    ଦେଖ କେଉଁ ଭଇ,
ସୌନ୍ଦର୍ଯ୍ୟର ପରି-    ଣାମ ଏହୁପରି ।

କମଳାମ୍ବୁ କାନ୍ତି    ହେବ ବସୁଧାର,
ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ    ସକଳ ଅସାର ।
ତେଜି ଅନୁରାଗ    କର ଅନୁଷ୍ଠାନ,
ଲଭ ହେବ ଯହିଁ    ଅନନ୍ତ ନିର୍ବାଣ ।
ଉପଦେଶ ଶୁଣି    ଅଜ୍ଞ ସ୍ୱର୍ଣ୍ଣକାର
ଲଭିଲା କେବଳ    ଦିବ୍ୟ ଜ୍ଞାନସାର ।
ତେଜି ଅନୁରାଗ    ଅସାର ଜଗତେ
ରହିଲା ସଦାରେ    ସ୍ଥିତ୍ୟରବା ବ୍ରତେ ।

ବୁଲି ଶିଷ୍ୟ ସାଥ — ବହୁ ଦୂର ସ୍ଥଳ
ଶିକ୍ଷାର୍ଥୀ ଜନ — ଆଶ୍ରମରେ ଥାଇ ।
ନର୍ବୋଧ ସାଜଣ — ପଢ଼ି ଛଅମାସ
ଶ୍ଳୋକଟିଏ ମଧ୍ୟ — ନ କଲା ଅଭ୍ୟାସ ।
କ୍ରୋଧେ ବହୁସ୍ଥଳ — ବୋଇଲେ ସାଜଙ୍କୁ ,
ମଠ ଛଡ଼ ତୁହ — ଗୃହ ଯା ସତ୍ୱରୁ ।
ନ ପାରିଲୁ ଶିଖି — ଶ୍ଳୋକେ ଛଅମାସେ,
ଶିଖିବୁ ସେ ଧର୍ମ, — ମନକୁ ନ ଆସେ ।
ମାତ୍ର ଧାନ ସ୍ଥଳ — ହେଲେହେଁ ଅଜ୍ଞାନ,
ନବ ବୌଦ୍ଧ ଧର୍ମେ — ଥିଲା ତାର ପ୍ରାଣ ।
ନ ଛାଡ଼ିଲା ମଠ — ନ ଗଲା ସେ ଘରେ,
ଏଥିଅନ୍ତେ ବହୁ — ସ୍ଥଳ ଦନକରେ
ନିମନ୍ତ୍ରଣ କଲା — ମଠ ଶିଷ୍ୟଗଣେ;
ସାଜଙ୍କୁ ଲୋଡ଼ିଲା — ନାହିଁ ନିମନ୍ତ୍ରଣେ ।
ବୋଇଲା ସେ ସାଜ — ହୋଇଣ ଦୁଃଖିତ,
ସ୍ଥବିରେନ୍ଦ୍ର ଯେବେ — ହେଲି ମୁଁ ବର୍ଜିତ,
ତେବେ କିବା କାର୍ଯ୍ୟ — ରହିବା ମଠରେ ?
ଥାଉ ବହୁସ୍ଥଳ — ଯାଉଛି ମୁଁ ଘରେ ।
ନ ଲଭିଲି ଫଳ — ଆଶ୍ରମକୁ ଆସି,
ଇତ ବାନ ଧାନେ — ହେବ ଗୃହବାସୀ ।
ଯାନ୍ତେ ଘନେ ପ୍ରାତେ — ମଠ ଭଦ୍ର ତ୍ୟାଗ,
ଦେଷ୍ଟ ମାର୍ଗେ ବୁଦ୍ଧ— — ଦେବ ମହାଭାଗ ।
ପ୍ରଣମିତ ସ୍ତୁତ — ଦେବଙ୍କ ଚରଣେ,
ବୋଇଲେ ତଥାଗ — ଢାଳର ବଚନେ—

ଭ୍ରାତାଙ୍କ ଆଦେଶ      ହେବାକୁ ସନ୍ୟାସୀ,
ରହିଲେ ମୋ ଜ୍ୟେଷ୍ଠ      ହେଲେ ମଠବାସୀ ।
ବୋଇଲେ ଗୌତମ,      ଅହେ ଭିକ୍ଷୁବର !
ରହିଛ ମଠରେ      ଆଦେଶେ ଅମ୍ଭର,
ଅମ୍ଭଠାରୁ ଧର୍ମ      କରିଛ ଗ୍ରହଣ,
ଭ୍ରାତା ବାକ୍ୟେ କିପାଁ      ତେଜିବ ଶ୍ରାମଣ ?
କ୍ଷୁଦ୍ର ଭିକ୍ଷୁକକୁ      କରୁଣାନିଧାନ
ଶୁକ୍ଳ ବସ୍ତ୍ର ଖଣ୍ଡେ      କରିଣ ପ୍ରଦାନ
ବୋଇଲେ, ଏହାକୁ      ମଳ ଭୁଲ କରେ;
ଗୁରୁଙ୍କ ଆଦେଶେ      ଏଥୁ ଅନନ୍ତରେ
ସେ କ୍ଷୁଦ୍ର ଭିକ୍ଷୁକ      ମଳନ୍ତେ ବସନ,
ହୋଇଲା ମଳିନ      ବ୍ୟାକୁଳିତ ମନ,
ଭାଳିଲା ଭିକ୍ଷୁକ      ବସ୍ତ୍ରର ଶୁକ୍ଳିମା
ଦୂର ହେଲା, ବସ୍ତ୍ର      ଲଭିଣ କାଳିମା ।
ଚେତନା ଜାଗିଲା      ତାହାର ହୃଦୟେ,
ଏହିପରି ଆତ୍ମା      ସଂସାର ବିଷୟେ
ସମ୍ପର୍କରେ ହୁଏ      କ୍ରମଶ ମଳିନ;
ନିର୍ମଳତା ଛାଡି      ଯାଏ ଦିନୁଦିନ ।
ଏ ଶୁଭ ମୁହୂର୍ତ୍ତେ      ବୁଦ୍ଧଦେବ ପାଶେ
ଆସିଣ ବୋଇଲେ      ତାହାକୁ ଆଶ୍ୱାସେ,
ଦେଖୁଛ ତ ବତ୍ସ !      ଏ ଶୁକ୍ଳ ବସନ
ମଳନ୍ତେ ମଳିନ      ଦିଶିଲା କେସନ ?
କାମ ତୃଷ୍ଣା ମଳେ      ହେଲେକ ହୃଦୟ,
କଳଙ୍କିତ ହୁଏ      ଆତ୍ମାଟି ନିଶ୍ଚୟେ !

କାମ, କ୍ରୋଧ, ମୋହେ    ଆତ୍ମା ବଳହତ
ହେଲେକ କାଞ୍ଚନ    ଭସ୍ମେ କଳଙ୍କିତ ।
ଏତେକାଳ ଅନ୍ତେ    ଯେ ଶୁଦ୍ଧ, ଉଜ୍ଜ୍ୱଳ
ଲାଭ କଲା ହୃଦେ    ବିଜ୍ଞାନ ଆଲୋକ ।

* * * * *

ପର୍ବତ ପଦରେ    କୁଣ୍ଡ ସପ୍ତଧାରା,
ସଞ୍ଚିତ ସଲିଳ    ଅବା ସୁଧାଧାରା ।
ଦିଗଦିଗନ୍ତରୁ    ଆସି ବାରିଧାର
ପଡ଼ିତ ସଞ୍ଚିତ    କୁଣ୍ଡେ ଅନିବାର ।
ସ୍ୱଚ୍ଛ ଜଳେ ଦଳେ    ସନ୍ତରେ ଶଫରୀ,
ମାର୍ଜିତ ଦର୍ପଣେ    ଛାୟାଚନ୍ଦ୍ର ପରି ।
ଦଶେ ଝଙ୍କ ଝଙ୍କ    ଚଞ୍ଚଳ ଗମନେ,
ଉଡ଼ନ୍ତି ପ୍ରଜା—    ପକ୍ଷୀ ବା ଗଗନେ ।
ଜମ୍ମେ ବାଲୁଶଯ୍ୟା    ଦିଶେ ସମୁଜ୍ଜ୍ୱଳ,
ଶତେ କ୍ଷାନ୍ତ କାଚ    ଅଛି କି ନା ଜଳ ।
ମଗଧ ସ୍ୱଜନ    ଧର୍ମ୍ମପାର-ସ୍ୱଣୀ—
କ୍ଷେମା ଦେବୀ ନାମ-    ବେଦେ ଯଥା ବାଣୀ ।
ଏକଦା ମହିଷୀ    . ସପ୍ତଧାରା ପାଶେ
ଉପସ୍ଥିତ ସ୍ନାତା—    ସ୍ନାନ ଅଭିଳାଷେ ।
ସେ କୁଣ୍ଡ ଉପରେ    ପର୍ବତେ ବିହାରେ
ବସି ବୁଦ୍ଧଦେବ    ଅନନ୍ତ ଧାରାରେ
ଧର୍ମସୁଧାବୃଷ୍ଟି    ଢାଳୁଛନ୍ତି ନିତ୍ୟ,
ନର ନାରୀ ପ୍ରାଣ    ନିର୍ବାଣ କମିତ୍ୱ ।

ଘଣ୍ଟଘର ନର ନାସ୍ତି ସମାଗତ,
ଶୁଣୁଛନ୍ତି ଅନ୍ଧ- ନବ ଧର୍ମମତ ।
ମାଗଧ ମହଷୀ ଦେଖିଲେ ପ୍ରତ୍ୟକ୍ଷ,
ଧାବନ୍ତ ବିହାରେ ଲୋକ ଲକ୍ଷ ଲକ୍ଷ ।

ତେଜି ମହାମୂଲ୍ୟ ବସନ ଭୂଷଣ
ରାଣୀ ନବଧର୍ମ କଲେକ ଗ୍ରହଣ ।
ଗୈରିକବସନା ବିହାରବାସିନୀ
ରାଜରାଣୀ ହେଲେ ଦୀନ ସନ୍ନ୍ୟାସିନୀ ।

ଥିଲେ ରାଣୀ ଗୋଷ ଯୌବନେ ପ୍ରମତ୍ତ,
ଧର୍ମ-ଜଳେ କଲେ ମନ ପ୍ରାଣ ଧୌତ ।
ଭଦ୍ରା ରାଜଗୃହେ ବଣିକ ଦୁହିତା,
ପରମା ସୁନ୍ଦରୀ ଲୋକରେ ପୂଜିତା ।

ବିପୁଳ ବିଭବେ ଯେ ଅଧିକାରିଣୀ,
ଭୁଞ୍ଜି ନାହିଁ ଧନ ହେଲେ ସନ୍ନ୍ୟାସିନୀ ।
ସୁମେଧା—ନୃପତି କନିଷ୍ଠ ଦୁହିତା,
ମନ୍ତ୍ରାବତୀ ଦେଶେ ଲୋକରେ ପୂଜିତା ।

ଉତ୍ତରା ଅନ୍ତରେ ଅନିତ୍ୟ ସଂସାରେ
ସନ୍ନ୍ୟାସିନୀ ହୋଇ ରହିଲେ ବିହାରେ ।
ଧର୍ମ ପାଲା ନାମ ସୁନ୍ଦରୀ ଶିକ୍ଷିତା,
କଣାଶ ନାମକ ଶ୍ରେଷ୍ଠିର ଦୁହିତା,
ଭୁଞ୍ଜି ଦ୍ରବ୍ୟ ନାହିଁ ଅତୁଳ ସମ୍ପତ୍ତି
ହୋଇ ଥେରୀ * କଲେ ବିହାରେ ବସତି ।

* ଥେରୀ—ପ୍ରଜ୍ଞାବତୀ ସନ୍ନ୍ୟାସିନୀ ।

ଶ୍ରୀମତୀ ଉତ୍ପଳ- ବର୍ଣ୍ଣା ନାମ୍ନୀ ନାରୀ,
ଶ୍ରାବସ୍ତୀ ନଗରୀ- ଶ୍ରେଷ୍ଠିର କୁମାରୀ,
ନବୀନ ଯୌବନେ ଲାବଣ୍ୟ ମହିମା
ବ୍ୟାପିଲା ଚେଉଣ ଶ୍ରାବସ୍ତୀର ସୀମା ।
କେତେ ରାଜପୁତ୍ର ଯେ ରୂପେ ମୋହିତ,
ପରିଣୟ ଆଶେ ଆସି ଉପସ୍ଥିତ ।
ମାତ୍ର କୁମାରୀ ବୁଦ୍ଧଦେବ ପାଶେ
ଉପସ୍ଥିତ, ଧର୍ମେ ଦୀକ୍ଷାର ଆକାଶେ ।

ତାଙ୍କ ଯେ ହୁଅନ୍ତା ନୃପତିଗୃହିଣୀ,
ଥିଲେ ଯେ ସଙ୍ଘରେ ସେନା ସନ୍ନ୍ୟାସିନୀ ।
ଚାରୁବିଳାସିନୀ ନାରୀ ଅମ୍ବାପାଳୀ,
ଦଗ୍ଧ କରେ ଲୋକେ ରୂପାନଳ ଜାଳି,
କମନ କାଞ୍ଚନ ପରଶି ଅନଳେ
ହେଲା ଥେରୀ ବୁଦ୍ଧ ଉପଦେଶବଳେ ।
ଶୀଳାଦିପାଳନ୍ତା ସାଧ୍ୱୀ ସନ୍ନ୍ୟାସିନୀ,
ଶଇଳକୁନ୍ତଳା ବିହାରବାସିନୀ ।

କେତେ ନବଯୁବା ଇନ୍ଦ୍ରିୟବିଳାସୀ—
ମୁକ୍ତିକାମୀ ହେଲେ ସଙ୍ଘରେ ସନ୍ନ୍ୟାସୀ ।
ଅବଶ୍ରାନ୍ତ ପାନ୍ଥ ମିଳନ୍ତି ସଙ୍ଘରେ,
ସୁଧାର୍ଥୀ ଭୃଙ୍ଗାଳୀ ଫୁଲ୍ଲ ପଙ୍କଜରେ ।
ମଗଧମଣ୍ଡଳେ ଉଠେ କାନ୍ଦିଥିଲା,
ହେଲେକ ଦୀକ୍ଷିତ ସବୁ ରାଜା ପ୍ରଜା ।
ସାଗରକଲ୍ଲୋଳ ସମ କୋଳାହଳ
ମଗଧ ବ୍ୟାପିଲା ଭାରତମଣ୍ଡଳ ।

କରିଲେ ପ୍ରଚାର— ସ୍ରୋତେ ଲୋକଗଣ,
ନବଧର୍ମ ଦୀକ୍ଷା କଲେକ ଗ୍ରହଣ ।
ମଗଧ୍ ଅଯୋଧ୍ୟା, ତହୁଁ ପଞ୍ଚନଦେ,
ତହୁଁ ଦାକ୍ଷିଣାତ୍ୟ ସର୍ବ ଜନପଦେ-
ପ୍ରଚାରପ୍ରବାହ ପଶିଲା ସାଗରେ,
ବ୍ୟାପ୍ତ ହୋଇଲା ଦ୍ୱୀପ ଦ୍ୱୀପାନ୍ତରେ ।
ଶ୍ରୁତିବିଧି ଜାତ— ଯାଗ ଯଜ୍ଞମାନ
କ୍ରମଶ ଭାରତୁ ହେଲା ଅନ୍ତର୍ଦ୍ଧାନ ।

ଯେତେ ଉପଧର୍ମ ଥିଲା ଭାରତରେ,
ଯୁକ୍ତି ତର୍କେ ଉଡ଼େ ତୃଣ ସମାନରେ ।
ଉଦ୍ଭାସିତ ସତ୍ୟ— ସ୍ୱରୂପ ମିହିର,
ସହଜେ ବିଲୁପ୍ତ ଅସତ୍ୟ ତିମିର ।
ଚତୁର୍ଦ୍ଦିଗଂଶ ବଉଦ୍ଧ ପ୍ରଚାର
ଜଗତ୍ରେ ସ୍ଥାପିତ ନବଧର୍ମ ସାର ।
ଅସମୁଦ୍ର ହିମା- ଚଳ ଭାରତରେ
ଶିଷ୍ୟ ଉପଶିଷ୍ୟ ବ୍ୟାପିଲେ କ୍ରମରେ ।

ଗିରି ହିମାଳୟ— ବକ୍ଷେ ସ୍ଥାନେ ସ୍ଥାନେ,
ଅସଂଖ୍ୟ ପର୍ବତେ ଖୋଦିତ ପାଷାଣେ,
ନବଧର୍ମ ଯଶ ନବଧର୍ମ ବିଧି
ଅଙ୍କିତ, ସ୍ଥାପିତ ଦ୍ୱାରପ୍ରସିଦ୍ଧି ।
ଅତି ମନୋହର ମୁକୁଳ ପର୍ବତେ
ଉପଗାତ ଭୂତ, ଉତ୍ତୁଙ୍ଗ ସମସ୍ତେ ।
କୌଶାମ୍ବୀ ଦେଶରେ ଭଗ୍ନ ଦେହ ସ୍ତମ୍ଭେ,
ବରଷାର ଚତୁ- ର୍ମାସ୍ୟାର ବର୍ଷାନେ ।

କହେ ତଥାଗତ ଘେରି ଶିଷ୍ୟଗଣେ
ବୋଇଲେ ଧୀରେ କରୁଣ ବଚନେ—
ଅହେ ଭିକ୍ଷୁଗଣେ ! ଧର୍ମଚକ୍ର ମମ
କରିଛୁ ସ୍ଥାପନ ଲଭି ବହୁ ଶ୍ରମ,
କର୍ତ୍ତବ୍ୟ ସମ୍ପ୍ରତି ତୁମ୍ଭମାନଙ୍କର
ପ୍ରଚାର ଜଗତେ ଲୋକପରମ୍ପର ।
କରନ୍ତୁ ମାନବେ ଧର୍ମସୁଧା ପାନ,
ହେଉ ଜଗତରେ ଯନ୍ତ୍ରଣା ନିର୍ବାଣ ।

ଇହଲୋକେ ପର— ଲୋକେ ସୁଖ ଶାନ୍ତି
ଲଭନ୍ତୁ ମାନବେ ହେଉ ଦୂର ଭ୍ରାନ୍ତି ।
ଭିକ୍ଷୁଗଣ ! ସାର୍ଦ୍ଧ କାଳ ତଥାଗତ
ଆଉ ନ ରହିବ, ଜାଣ ଏହା ସତ୍ୟ ।
ତିନିମାସ ମାତ୍ର ଅବଶିଷ୍ଟ ଜାଣ,
ନିର୍ବାପିତ ଜନ୍ମ, ଲଭିବେ ନିର୍ବାଣ ।
ଦେହ ଜୀର୍ଣ୍ଣ, ଅସ୍ଥି ପୂର୍ଣ୍ଣ ମନସ୍କାମ,
କୃତ ଅବସାନ, ଲଭିବ ବିଶ୍ରାମ ।

କହି ତ, ବ୍ୟଥିତ ଶୁଣି ଶିଷ୍ୟଗଣେ ।
ପଡ଼ିଲା କି ଶିରେ ବଜ୍ର ଅଜାଉଣେ ।
ନୀରବେ ରହିଲେ ହୃଦଙ୍କ ବଦନେ
ସ୍ଥାପିତ ସକଳ କରୁଣ ନୟନେ ।
ଧୈରଯେ ବଖାଣେ ଶିଷ୍ୟ ଏକଜଣ
ବୋଇଲା, ହେ ପ୍ରଭୁ ! ନ ବୋଲ ଏମନ !
ହୋଇଲେ ଅନାଥ କହ ଭିକ୍ଷୁଗଣ,
ଯଦ ଦେବ ପ୍ରଭୋ ! ନ କର ଗମନ ।

ତାପିତ ମାନବେ କିପରି ଉଦ୍ଧାର
ପାଇବେ, ଅପଣ ଚେତଲେ ବିହାର ?
ସଂଶୟାଗତ ନର ନାସ୍ତି ବର୍ତ୍ତମାନ
ସ୍ୱାର୍ଥୀ ଧର୍ମ-ଯୁଥୀ କରିବାକୁ ଯାନ ।
ହେ ପ୍ରଭୁ ! ଏ ସବ ଦୁବଳ ସମ୍ପ୍ରତ,
ଉଦ୍ଧାରିବ ଲୋକ, କାହିଁ ତା ଶକତ ?
ସାଧନ କରିବ ଯେ କାର୍ଯ୍ୟ ମାତଙ୍ଗ,
ପାରେ କରିବାକୁ ତାହା କି ପତଙ୍ଗ ?

ତପ୍ତ ମରୁଭୂମି ବ୍ୟାପ୍ତ ଧରାତଳେ,
ହେବ କି ସିକ୍ତ ସେ ଲୁକ୍ଷିକା ଜଳେ ?
ଏ ସବ କୁଟୀର ଅଛ ପ୍ରଭୁ ! ସ୍ତମ୍ଭ,
ପଡିବ ଭୂମିରେ ଛାଡ଼ିଯିବ ଦମ୍ଭ ।
ବୋଲନ୍ତି ହେ ପ୍ରଭୁ ! ହେଲେ ଅସହାୟ,
ପରିଣାମ ଫଳ ସବର ଉପାୟ ।
ବୁଦ୍ଧଦେବ ଶୁଣି ବୋଇଲେ, ହେ ଶିଷ୍ୟ !
ଦେଖୁଅଛ ମତେ ଛାଇ ମୁଁ ଅବଶ୍ୟ ।
ଜୀର୍ଣ୍ଣ, ଶୀର୍ଣ୍ଣ, ଦୀନ ଦେହ ଅଶକତ,
କରି ନ ପାରିବ କାର୍ଯ୍ୟ ପୁଷ୍କଳ !
କରଛ ଯେ କାର୍ଯ୍ୟ ଥିଲା କରିବାର,
ବୋଇଛ ଯେ କଥା ଥିଲା ବୋଇବାର,
ଦେଇଛ ଦେବାର ଥିଲା ଯେଉଁ ଧନ,
ସବପାଇଁ ସବ କରିଛ ସାଧନ ।
ମୁହିଁ ସବନେତା ଭୁଲିବାର ଭ୍ରାନ୍ତି,
ଲଭିବ ସ୍ୱଧର୍ମ ବଳେ ସବ ଶାନ୍ତି ।

ଅଶୀତି ବରଷ ବୟସ ଧର୍ମରେ,
ଶକ୍ତିହୀନ, ବଳ ନାହିଁ ମୋ ଦେହରେ ।
ଯେହ୍ନେ ଜୀର୍ଣ୍ଣଯାନ ଥାଏ ଚଳଦଳ,
ମାତ୍ର ଜୀର୍ଣ୍ଣ ଦେହ ମୃତ୍ୟୁର ଅଧୀନ ।
ସମାଧିସ୍ଥ ଥିଲେ ଥାଏଁ ସୁସ୍ଥମନେ,
ଅସମାଧି କାଳ କଷ୍ଟକର ମଣେ ।
ଆପଣାର ମାର୍ଗ ଦେଖି ଶୁଭ ବତ୍ସ,
ସଙ୍ଘ ମଧ୍ୟେ ଥାଇ, ଜଳେ ଯଥା ମତ୍ସ୍ୟ ।
ନିର୍ଭର ନ କର ବୁଦ୍ଧଦେବ ପ୍ରତି,
ସହଜେ ଅକ୍ଷମ ହୀନ ଜ୍ଞାନଶକ୍ତି ।
ସତ୍ୟର ଆଲୋକେ ଜୀବନ ମାର୍ଗରେ
ତୁମ୍ଭ ଅନୁସର ନିର୍ଭୟ ଅନ୍ତରେ ।
ନ ଲୋଡ଼ ପରର ଦ୍ୱିତୀୟ ଆଶ୍ରୟ,
ସ୍ୱଧର୍ମ ପ୍ରଭାବେ ଲଭିବ ସେ ଜୟ ।
ଯାଉଛୁ ମୋ ଦେହ, ଥିବ ଶିକ୍ଷା ମୋର,
ହେବ ଶିକ୍ଷାବଳେ ଏ ସଙ୍ଘ ଅମର ।
ଶିଷ୍ୟ ଶ୍ରେଷ୍ଠତମ ଆନନ୍ଦ ତା ନାମ,
ବୋଇଲା ସେ କରି ଚରଣେ ପ୍ରଣାମ--
ସତେ କି ହେ ଦେବ ! ତେଜ ଦାୟଦଳେ—?
ହେଲା କଣ୍ଠରୋଧ, କାନ୍ଦନ୍ତି ବିକଳେ ।
ବୁଦ୍ଧଦେବ ଦେଖି ଶିଷ୍ୟ କାତରତା,
ବୋଇଲେ, ଆନନ୍ଦ ! ଭୁଲିଗଲ କଥା,
ବୋଇଛି ପୂର୍ବରେ, ଜନ୍ମିଲେ ମରଣ,
ଫୁଟିଲେ କୁସୁମ ଛୁଟିଲେ ପତନ ।

ଜଳବମ୍ବ ଉଠି ମିଶିବ ଜଳରେ,
ଭୂତର ସମଷ୍ଟି ମିଳିବ ଭୂତରେ ।
ହେ ପ୍ରିୟ ଆନନ୍ଦ ! ନିଶ୍ଚେ ତୁମ୍ଭେ ଜାଣ,
ମରଣ ହସ୍ତରୁ ନାହିଁ ପରିତ୍ରାଣ ।
ବୃଥା ଶୋକ ବତ୍ସ ! କର ପରିହାର,
ଶୋକର କବାଣେ ନାହିଁ ଅଧିକାର ।
ଡାକନ୍ତେ କାଶ୍ୟପେ ବୋଇଲେ ଗୌତମ,
ଆସ ମୋର ପାଶେ ଶିଷ୍ୟ ଶ୍ରେଷ୍ଠତମ !

ତୁମ୍ଭ ସହିତରେ ବସ୍ତି ବହୁମୟ
କରୁଛ କାରଣ ଜାଣିବ ନିଶ୍ଚୟ ।
ତୁମ୍ଭର ହୃଦୟେ ମୋହର ହୃଦୟ,
ଏକକୁ ଅନେକ ହେଲା ତନ୍ମୟ;
ମନରେ ରଖିବ ଏଥିର ପ୍ରସଙ୍ଗ,
ଅମ୍ଭ ପକ୍ଷ ହୋଇ ଚଳାଇବ ସଙ୍ଘ ।
ବୁଦ୍ଧଦେବ ପଦେ ପଡି ବାର ବାର
କାଶ୍ୟପ ଅବେଶ କଲେ ଅଙ୍ଗୀକାର ।

ଥୋକେ ଦିନ ଅନ୍ତେ ବରଷା ବିଗତ,
କୁଶୀ ନଗରୀକୁ ଗଲେ ତଥାଗତ ।
ମାର୍ଗ ମଧ୍ୟେ ଚଣ୍ଡ ଚଣ୍ଡାଳ ଗୃହରେ
ଅତିଥି ହେଲେକ ଶିଷ୍ୟ ସହିତରେ ।
ସେ ଦିନ ମାଂସାନ୍ନ ଭିକ୍ଷାମାତ୍ର ପାଇ,
ଭିକ୍ଷାନ୍ନ ଲୁଚେଇ ତ୍ୟାଗ କରିବାର ।
ସଙ୍ଘ ଧର୍ମବିଧି ପାଳିବେ ଶ୍ରମଣ,
ଭିକ୍ଷାନ୍ନ ଅବଶ୍ୟ କରିବେ ଗ୍ରହଣ ।

ବୁଦ୍ଧଦେବ ହେଲେ    ମାର୍ଗରେ ପୀଡ଼ିତ,
କଷ୍ଟେ କୁଶୀଗ୍ରାମେ    ହେଲେ ଉପନୀତ ।
ପାଶେ ଉପସ୍ଥିତ    ଛନ୍ତି ଶିଷ୍ୟଗଣ,
ଶାଲବନେ କଲେ    ଅନ୍ତିମ ଶୟନ ।
ମଦ୍‌ଗଲ୍ଲ ଓ ସାରି-    ପୁତ୍ର ବେନି ଜନେ
ଯାଇଛନ୍ତି ପୂର୍ବ    ଶମନସଦନେ ।
ପିତା ଶୁଦ୍ଧୋଦନ    ମାତା ପ୍ରଜାବତୀ
ପୂର୍ବରୁ ଶରୀର    ତେଜି ଯାଇଛନ୍ତି ।
ଗୌତମୀ, ରାହୁଲ,    ଗୋପା ଆଦିଜଣ
କାଲଧର୍ମେ ଲଭି    ଅଛନ୍ତି ମରଣ ।
ପଦକ୍ଷ ରଜନୀ    ହେଲା ସମାଗତ,
ଲଭିଲେ ନିର୍ବାଣ    ଦେବ ତଥାଗତ ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ମହାଗ୍ରନ୍ଥର
ନାମ ଅଷ୍ଟାଦଶ ସର୍ଗ ।

# ଊନବିଂଶ ସର୍ଗ ।

## ଅନ୍ତ୍ୟଲୀଳା ।

ବାସନ୍ତୀ ପୂର୍ଣ୍ଣିମା ରାତ୍ର, ନୀଳମ ଆକାଶେ
ତାରାବଳୀ, ହୀରାବଳୀ, ପୂର୍ଣ୍ଣଚନ୍ଦ୍ର ଭାସେ ।
ଚନ୍ଦ୍ରମାପ୍ଲାବିତ ଧରା, ନିର୍ଜନ କପିଳ,
ଶାଳତରୁତଳେ ଶାକ୍ୟସିଂହ ସମାଧୀନ,
ବଳଦେବ ସମାନରେ ସ୍ଥିତ ଯୋଗାସନେ,
ଜଟାର କିରୀଟ ଶିରେ ମୁଦ୍ରିତ ନୟନେ ।
ତରୁପତ୍ର ଛିଦ୍ର ଭେଦ ଶଶାଙ୍କକିରଣ
ଦେବଅଙ୍ଗେ ନିପତିତ ରଞ୍ଜିତ ଯେସନ ।
ବିକଶେ କମଳ ଜ୍ୟୋତି ଦେହେ ସ୍ଥାନେ ସ୍ଥାନେ,
ସୁବର୍ଣ୍ଣ ମୂର୍ତ୍ତିରେ ଖଣ୍ଡ ଦର୍ପଣ ସମାନେ ।
ଆନନ୍ଦେ ଆନନ୍ଦ ଶିଷ୍ୟ ଭୂଷିତ ନୟନେ
ବିହ୍ୱଳ ବସେତ ପ୍ରଭୁ ମୁଖ ଦରଶନେ ।
ଉନ୍ମେଷି ଆକର୍ଣ୍ଣବିଶ୍ରାନ୍ତ ପ୍ରଶାନ୍ତ ନୟନ
ଗମ୍ଭୀର କଣ୍ଠରେ ବୁଦ୍ଧ ବୋଇଲେ ବଚନ—
ହେ ଆନନ୍ଦ ! ଚଣ୍ଡଦତ୍ତ ମାଂସାନ୍ନ ଭୋଜନ
କରି ଆମ୍ଭେ ଏହି ସ୍ଥାନେ ତେଜିବୁଁ ଜୀବନ ।
ସାବଧାନ ! କେହି ଯେବେ ବୋଲେ ଏହିକଥା,
ପାଇବ ଚଣ୍ଡାଳ ଚଣ୍ଡ ମନ ମଧ୍ୟେ ବ୍ୟଥା ।
ଜାଣ ତ ସୁଜାତାଦତ୍ତ ଅନ୍ନେ ହେଲୁଁ ବୁଦ୍ଧ,
ଚଣ୍ଡ ଚଣ୍ଡାଳର ଅନ୍ନେ ଲଭିବୁଁ ପ୍ରବୋଧ ।

ନବ ପୂର୍ଣ୍ଣଚନ୍ଦ୍ର ଚଣ୍ଡ୍ର, ସୁଜାତା କୁମାରୀ,
ଅମ୍ଭ ଜୀବନରେ ଭୁଲିଛନ୍ତି ହତଭାଗୀ ।
ଯାଅ ବତ୍ସ ! ବିଶେଷ ଭାବେ ଅଣ ଅମ୍ଭ ପାଶ,
ଜୀବନର ଶେଷ କଥା କହିବୁଁ ପ୍ରକାଶ ।
ସମବେତ ଶିଷ୍ୟଗଣ ପ୍ରଭୁଙ୍କ ଆଜ୍ଞାରେ,
ଅଚ୍ଛାଦିତ ସର୍ବମୁଖ ବିଷାଦ-ଛାୟାରେ ।
ହୃଦୟବେଦନା ଲୁଚି ଉଠୁଛି ବଦନେ,
ଅଗ୍ନେୟ ପର୍ବତୁଁ ଧୂମ ଉଦ୍ଗମ ଯେସନେ ।
ଉପବିଷ୍ଟ ଶିଷ୍ୟବୃନ୍ଦ ଓଲଗି ଚରଣେ—
ସେ ଘୋର ନିଶୀଥକାଳେ ପ୍ରଶାନ୍ତ କାନନେ ।
ନୀରବେ ବେଷ୍ଟିତ ଶିଷ୍ୟଗଣ ଚଉପାଶେ,
ନୀରବେ ଚନ୍ଦ୍ରମା ତାରା ଲୁପ୍ତ ଆକାଶେ ;
ନୀରବ କାନନ, ପାର୍ବତ୍ୟ ଶାଳବନ
ନୀରବ, ପଧୀରେ ବହେ ନିଶୀଥ ପବନ ।
ନୀରବ ନିସ୍ପନ୍ଦ ତସ୍କରର ଧନ୍ୱଜଳ,
ନୀରବ ପ୍ରକୃତି ନୈଶ, ହୃଦୟ ନିଶ୍ଚଳ ।
ସ୍ଥିରୀର ଗମ୍ଭୀର ସର ମଧ୍ୟେ ପୁଷ୍ପପାତ,
କୋମଳ ଲହରୀହୃଦେ ହୁଏ ଯଥା ଜାତ ।
ନୀରବ ନିର୍ଜନ ବନେ ଶାନ୍ତ ସ୍ଥିର ସ୍ୱରେ
ବୋଇଲେ ଗୌତମ ଶିଷ୍ୟଗଣେ କୋମଳରେ—
ଭିକ୍ଷୁଗଣେ ! ଜୀବନର ଲୀଳା ଅବସାନ—
କର୍ମଚକ୍ର ! ପୃଥ୍ୱୀ ଛେଳ ଯିବୁଁ ବର୍ତ୍ତମାନ ।
ଜରା, ମୃତ୍ୟୁ, ବ୍ୟାଧି, କଷ୍ଟ ଦସ୍ତୁ, ଲଭ ତ୍ରାଣ
ହେବେ ଯୁଗ ଯୁଗାନ୍ତରେ ଲଭିଲେ ନିର୍ବାଣ ।

କରନ୍ତି ଯେ ଅଭିନବ ଧର୍ମ ଆବିଷ୍କାର,
ଭିକ୍ଷୁଗଣ ! ଭକ୍ତିଭାବେ କରିବ ପ୍ରଚାର ।
ଶିଖାଇବ ନରଗଣେ ନବଧର୍ମ ତତ୍ତ୍ୱ,
ଢାଳି ଧର୍ମସୁଧାଧାର ଶୀତଳ ଜଗତ ।
ଦେବୁଁ କିଛି ଶିକ୍ଷା ଜୀବନର ଅବସାନେ
ସଂକ୍ଷେପରେ । ଭିକ୍ଷୁଗଣ ! ଶୁଣ ସାବଧାନେ !
ହୃଦୟେ ରୋପଣ କର ଧର୍ମବୀଜତତ୍ତ୍ୱ,
କଳ୍ପତରୁରୂପେ କାଳେ ହେବ ପରିଣତ ।
କଳ୍ପତରୁଛାୟାତଳେ ପୃଥ୍ୱୀବାସୀ ନରେ
ଲଭିବେ ନିର୍ବାଣ, ଶାନ୍ତି, ମୁକ୍ତି ସହଜରେ ।
ଏକାଧାରେ ଏକମନେ ପ୍ରଭୁଙ୍କ ବଚନ
ସ୍ଥିରନେତ୍ରେ ସ୍ଥିରଚିତ୍ତେ ପ୍ରବୃତ୍ତ ଭିକ୍ଷୁଗଣ ।
ଯଥା ନୈମିଷାରଣ୍ୟେ ଶୁକମୁନି ମୁଖେ
ଶୁଣିଥିଲେ ଋଷିଗଣ ଉପଦେଶ ସୁଖେ ।
ଯଥା ଭାରତକ୍ଷେତ୍ରେ ଅଛି ଶୁଦ୍ର ଜନ,
ଲଭିବେ ଅନିନ୍ଦ୍ୟ ଶିକ୍ଷା ବିଶ୍ୱେ ସମାସୀନ ।
ଭଗବାନ ତଥାଗତ ଦେବକଣ୍ଠବାଣୀ,
ଲଭିବେ ନିର୍ବାଣ ଶୁଣି ଜଗତର ପ୍ରାଣୀ ।
ନୈଶ ନୀରବତା ଶାନ୍ତ ଯଥା କାନନେ,
ବୋଇଲେ ଗୌତମ, ଆହେ ଶୁଣ ଭିକ୍ଷୁଗଣେ !
ସଂକ୍ଷେପରେ ଦେଉଅଛୁଁ ଯେଉଁ ଉପଦେଶ,
ଅଙ୍କିତ ହୃଦୟେ କର—ଚିରସ୍ମରି ବେଶ ।

୧

କେ କରନ୍ତି ଏହି ବିଶ୍ୱ ସଂସାର ସୃଜନ ?
କି ଉପାୟେ ? କି ପଦାର୍ଥ ଘେନି ? କି କାରଣ ?
ଅଗମ୍ୟ ଅଚିନ୍ତ୍ୟ ତତ୍ତ୍ୱ ସାମାନ୍ୟ ବୁଦ୍ଧିରେ—
ନ ଶକ୍ତ କଳିବ ହିଙ୍ଗୁ ଗର୍ବ ଅଙ୍ଗୁଳିରେ ।

୨

ଏ ବିଶ୍ୱ ଅନାଦି ଅବା ଆଦି ? ଏହି ତତ୍ତ୍ୱ
ନ କରି ଯତନ ମର୍ମ ହେବ ଅବଗତ ।
ତୁମ୍ଭେ ନର ଆତ୍ମତତ୍ତ୍ୱ କିଛି ଜାଣ ନାହିଁ,
ଅନନ୍ତ ବ୍ରହ୍ମାଣ୍ଡ କଥା ଜାଣିବ କିପାଇଁ ?

୩

ସୃଷ୍ଟିକର୍ତ୍ତା ଏ କଥାରେ–ଯେ ଦିଏ ଉତ୍ତର—
ଭକ୍ତେ ଅଟନ୍ତି ଭ୍ରାନ୍ତ ଜାଣିବ ନିକର ।
ସାମାନ୍ୟ ମାନବଜ୍ଞାନ ଯୁଗଯୁଗାନ୍ତରେ
ନ ହେବ ସକ୍ଷମ ଜ୍ଞାତ ତତ୍ତ୍ୱ ବିଷୟରେ ।

୪

ଜଗତର ମହାତତ୍ତ୍ୱ ନିତାନ୍ତ ପ୍ରଚ୍ଛନ୍ନ,
ନ ପାରିବ ଭେଦ ବୁଦ୍ଧି ମାନବନୟନ ।
ଇନ୍ଦ୍ରିୟ ମାନବନେତ୍ର ଅନୁଦରଶନେ
ଅକ୍ଷମ । ବିଶ୍ୱର ତତ୍ତ୍ୱ ଜାଣିବ କେସନେ ?

୫

ଏଛି ତୁମ୍ଭେ, ଅଛି ଦେଖ ବିଶ୍ୱଚରାଚର,
ଜଡ଼ମୂଳ ତତ୍ତ୍ୱ ଅତୀନ୍ଦ୍ରିୟ ଅଗୋଚର ।
ସଚେତନ, ଅଚେତନ ପଦାର୍ଥ ସମସ୍ତ
କର୍ମଚକ୍ରେ ରୂପାନ୍ତର ଦେଖ ଅବିରତ ।

୬

ଦିବା, ରାତି, ଋତୁ, ବର୍ଷ, କାଳ ମହାଚକ୍ରେ
ପ୍ରବର୍ତ୍ତିତ ଗ୍ରହ ଉପଗ୍ରହ ଶୂନ୍ୟେ ଚକ୍ରେ ।
ଅଚିନ୍ତ୍ୟ ଅଲକ୍ଷ୍ୟ ସୂତ୍ରେ ନିୟତ ଧାବିତ,
ଦେଖୁଛୁ ପ୍ରତ୍ୟକ୍ଷ, ମାତ୍ର ହେତୁ ଅବିଦିତ ।

୭

ଦେଖୁଛୁ ପ୍ରତ୍ୟକ୍ଷ ଜାତ ବୀଜରୁ ଅଙ୍କୁର,
ଅଙ୍କୁରରୁ ଜାତ ବୃକ୍ଷ, କୁସୁମ ପ୍ରଚୁର ।
କୁସୁମରୁ ଜାତ ଫଳ, ତହୁଁ ବୀଜ ଜାତ,
ବୀଜ ପୁଣି ବୃକ୍ଷ ସ୍ଥାବରେ ଗତାୟାତ ।

୮

ମେଘରୁ ପଡ଼ଇ ଜଳ, ତହୁଁ ବାଷ୍ପକଣା,
ବାଷ୍ପ ମେଘ ଜାତ ଦେଖ ପ୍ରତ୍ୟକ୍ଷ ଘଟଣା ।
ଅନନ୍ତ ଆକାଶ ମହାଚକ୍ର ପ୍ରବର୍ତ୍ତନେ
ଜଳ ମେଘ ବାଷ୍ପ ଜାତ ଦେଖୁଛୁ ନୟନେ ।

୯

ଜଡ଼ ଚେତନର ସୃଷ୍ଟି ଅସୀମ ଅନନ୍ତ,
ମହାଚକ୍ରେ ପ୍ରବର୍ତ୍ତିତ ନିଯୁତ ଯାବନ୍ତ ।
ସେହି ଭୂତଗ୍ରାମ ସେହି ଅନନ୍ତ ଚେତନ,
ସ୍ଥାବର ସମସ୍ତ ସୂତ୍ରେ ମାତ୍ର ପ୍ରବର୍ତ୍ତନ ।

୧୦

ଏହି ଆବର୍ତ୍ତନମୟ ନିୟମ ସୂତ୍ରରେ
ଜନ୍ମି ଜୀବ ଜରା, ବ୍ୟାଧି, ମୃତ୍ୟୁ ଭୋଗ କରେ ।
ଯେ ସୂତ୍ରେ, ସମସ୍ତେ ସୃଷ୍ଟି, ସେଥିରେ ବଳୟ,
ମଧ୍ୟେ ଅବସ୍ଥିତ କାଳମାତ୍ର ଭସ୍ମମୟ ।

୧୦

ତଳେ କର୍ମ ପଶୁ ପର ପଶୁତ୍ୱକୁ ଲଭ,
ଲଭଇ ଦେବତା ଜନ୍ମ ଧରି ଦେବତ୍ୱ ।
ଅସୁରତ କର୍ମେ ଲଭି ଅସୁର ଜନମ,
ମର୍ତ୍ତ୍ୟଜ କର୍ମରେ ହେବ ମର୍ତ୍ତ୍ୟଙ୍କ ଅଧମ ।

୧୧

ଅସତେ-ଅସତ, ସତ୍ୟେ—ସତ୍ୟର ମିଳନ,
ସମଧର୍ମୀ ଜନ କରେ ଜନ ଆକର୍ଷଣ ।
ପୁଣ୍ୟକର୍ମ ପୁଣ୍ୟ ଜାତ, ପାପୁଁ ଜାତ ପାପ,
ପମାରେ ଧମାରେ ମେଳ, ସମାରେ ସ୍ୱଭାବ ।

୧୩

ଲକ୍ଷ୍ମଣେ ! ଯେଉଁ ବୀଜ କରିବ ବପନ,
ଲଭିବ ସେ ଫଳ, କେବେ ନ ହେବ ମୋଚନ ।
ଚୂତବୃକ୍ଷେ ଫଳେ ଚୂତ, ପନସେ ପନସ,
ଖର୍ଜ୍ଜୁରେ ଖର୍ଜ୍ଜୁର ଫଳ ଫଳିବ ଅବଶ୍ୟ ।

୧୪

ବର୍ତ୍ତମାନ ଭୁଞ୍ଜେ ଅତୀତର କର୍ମଫଳ,
ବର୍ତ୍ତମାନ କର୍ମ ଫଳ ଭାବୀକୁ ସମ୍ବଳ ।
କିବା ଅତୀତର ବର୍ତ୍ତମାନ ରୂପାନ୍ତର,
ନିଜ ଶୁଭାଶୁଭ କର୍ମଫଳ ଭୁଞ୍ଜେ ନର ।

୧୫

ଏହି କର୍ମଫଳେ ଜୀବ ଜନ୍ମ ଜନ୍ମାନ୍ତରେ
ଅସଂଖ୍ୟ ଅସଂଖ୍ୟ ଯୋନି ଭ୍ରମେ ନିରନ୍ତରେ ।
ଭୁଞ୍ଜେ ଜୀବ ଘୋର କର୍ମଫଳ, ଲକ୍ଷ୍ମଣ !
ସ୍ୱଧାରେ କାହାର ସାଧ୍ୟ କରିବ ଲଂଘନ ?

୨୬

ଛିଦ୍ର କଳସର ଗର୍ଭ ଅଲଂଘ୍ୟ ଯେସନ,
ଦଣ୍ଡ, ଦିବା, ନିଶି, ମାସ ଅବ୍ଦ ବିବର୍ତ୍ତନ ।
ତେସନ କର୍ମର ଫଳ ଅଲଂଘ୍ୟ ଅପାର;
କାହାର ବା ସାଧ୍ୟ କରି ପାରେ ପରିହାର ?

୨୭

ଜଗତରେ କର୍ମଫଳେ ଜନ୍ମେ ଲୋକଗଣ ।
କିଆଁ କର୍ମ ? ଲୋକେ କର୍ମ କରେ କି କାରଣ ?
ଦୁର୍ନିବାର ସୁଖତୃଷ୍ଣା କର୍ମର କାରଣ,
ସୁଖ ଲାଳସାରେ ଲୋକେ କର୍ମେ ନିମଗନ ।

୨୮

କୃଷକ କଦାପେ କରେ ଭୂମିରୁ କର୍ଷଣ,
ସିଂହାସନସ୍ଥିତ ନୃପ ପ୍ରଜାଙ୍କୁ ପାଳନ,
ବଣିକ ସାଗରଗର୍ଭେ ମହାଭୀମ ରଣେ—
ରଣେ ଲିପ୍ତ ସର୍ବେ ସୁଖତୃଷ୍ଣାର କାରଣେ ।

୨୯

ପଶୁ, ପକ୍ଷୀ, କୀଟ, ଜଳଚର, ସ୍ଥଳଚର,
କରନ୍ତି ଆହାର ଅନ୍ବେଷଣ ନିରନ୍ତର ।
ପ୍ରଣୟ ବିବାହ ସୁଖଲାଳସାରେ କରେ,
ସୁଖଲାଳସାରେ ହିଂସା କରେ ପରସ୍ପରେ ।

୩୦

ଜୀବର ହୃଦୟେ କିଆଁ ସୁଖ ଅଭିଳାଷ ?
ମୃଗତୃଷ୍ଣା କି ପଦାର୍ଥ ? ତାହିଁ ଏତେ ଆଶ ?
ତୃଷ୍ଣାର କାରଣ ସୁଖ ଦୁଃଖ ଅନୁଭବ,
ସୁଖେ ତୃପ୍ତି— ଦୁଃଖେ କଷ୍ଟ ମନେ ମାନବ ।

୩୧

ବାହ୍ୟବସ୍ତୁ ସହିତରେ ଇନ୍ଦ୍ରିୟସଂଯୋଗ,
ଇନ୍ଦ୍ରିୟରେ କରେ ଲୋକ ଦୁଃଖ ସୁଖ ଭୋଗ,
ଇନ୍ଦ୍ରିୟ ବଳଲେ କାହିଁ ଅନୁଭବ ଶକ୍ତି;
ସୁଖ ଦୁଃଖ ଅନୁଭବ ଇନ୍ଦ୍ରିୟର ଗତି ।

୩୨

ଜଗତର ରୂପ, ରସ, ଗନ୍ଧ, ମନୋହର
ଇନ୍ଦ୍ରିୟ ଓ ମନ ଭୋଗ କରେ ନିରନ୍ତର ।
ଇନ୍ଦ୍ରିୟ ସହିତ ବାହ୍ୟ ବସ୍ତୁର ସମ୍ବନ୍ଧ
କି ଅଛି ? ଲୁକ୍କଇ କାହିଁ ରୂପ ରସ ଗନ୍ଧ ?

୩୩

କାହିଁ ଅଭିଳାଷ କରୁ ନାରୀ ରୂପବତୀ ?
ନାରୀରୂପେ ତୁମେ କାହିଁ ବଢାଇଛ ମତି ?
ସୁନ୍ଦର ଭୂଷଣ, ମିଷ୍ଟଫଳେ ଅଭିଳାଷ ?
ଦେଖୁଛୁ ଭୁଞ୍ଜୁଛୁ, ମାତ୍ର ହେଲୁ ଅପ୍ରମାଣ ।

୩୪

ନାରୀ ଲାବଣ୍ୟେ କି ତୁମେ ଅଛ ବିମୋହିତ ?
କର୍ଣ୍ଣ ଜିହ୍ୱାଘ୍ରାଣ ତ୍ୱଚୁ ସଙ୍ଗିତେ ବର୍ଜିତ ।
ଜନ୍ମାନ୍ଧ ନ ବୁଝେ କିଛି ରୂପ ରସ ଗନ୍ଧ,
ମାତ୍ର କି ଦେଖୁଛ ମୋହ ସହିତ ସମ୍ବନ୍ଧ ।

୩୫

ଧର୍ମିକବେଶେଷେ ଦୁର୍ବ୍ୟଗୁଣ ଭିଲ ଭଲ
କରେ କିମ୍ବା, ପ୍ରତ୍ୟକ୍ଷରେ ଦେଖ ସୁହୃଦନ,
ସହାଇଲ ଯେଉଁ ମାଂସ ଅମୃତ ମରଣ,
ଚଣ୍ଡାଳ ଚଣ୍ଡର ଅଟେ ସେ ମାଂସ ଜୀବନ ।

୩୬

ପ୍ରାଣିଦେହେ କାଳଭେଦେ କେତେ ରୂପାନ୍ତର,
ରୂପ, ରସ, ଗନ୍ଧ ସଙ୍ଗେ ଦେଖୁ ନିରନ୍ତର।
ବସ୍ତ୍ରାଭୂମି ଶଯ୍ୟା ମଧ୍ୟେ—ଶସ୍ୟଭୂମି ଦେଶେ
ବଟେ, କିନ୍ତୁ ଅନ୍ୟ ପ୍ରାଣିଗଣ ପକ୍ଷେ କି ସେ?

୩୭

ସେହି ଏକ ପଦାର୍ଥରେ ଏକ ଲଭେ ସୁଖ,
ଦେଖୁ ଅନ୍ୟଲୋକ ସେହି ଦ୍ରବ୍ୟରେ ବିମୁଖ,
ବସ୍ତୁତ ପଦାର୍ଥ ସୁଖ ଦୁଃଖର ଆଧାର,
ସୁଖ ଦୁଃଖ ଅନୁଭବ ଚିତ୍ତର ବିକାର।

୩୮

ଅନୁଭବେ କେହି ସୁଖ କରି ସୁରାପାନ,
ବର୍ଜନ କରଇ ଅନ୍ୟ ସମ ବିଷ ଜ୍ଞାନ।
ଏହୁଁ ସୁଖ ଦୁଃଖ ଅନୁଭବ ଚିତ୍ତଭ୍ରାନ୍ତି,
ଅହଙ୍କାର ବର୍ଜନେ ଚିତ୍ତ ମଧ୍ୟେ ଲଭେ ଶାନ୍ତି।

୩୯

ଭିକ୍ଷୁଗଣ! ରଖ ମନେ, ଇନ୍ଦ୍ରିୟଲାଳସା
ନ ଛାଡ଼ିଲେ ନାହିଁ କେବେ ନିର୍ବାଣଭରସା।
ଯେତେକାଳ ଥିବ ତୁମ୍ଭ ସୁଖ ଦୁଃଖ ଜ୍ଞାନ,
ଜାଣିବ ଏଥିହିଁ ଅଛି ଦୁଃଖର ନିଦାନ।

୪୦

ଭ୍ରାନ୍ତି ନିରସନେ ହେବ ଦୁଃଖର ନିରୋଧ,
ନ ଲଭିବ ଜନ୍ମ, ଲଭ ତତ୍ତ୍ୱଜ୍ଞାନ ବୋଧ।
ଯେ ଉପାୟେ ଭ୍ରାନ୍ତି ଦୂର ହେବ, ଭିକ୍ଷୁଗଣ!
ବୋଲିବୁଁ ସଂକ୍ଷେପେ ସର୍ବ କରିବୁ ଶ୍ରବଣ।

୪୧

ଆଠଟି ଏହାର ମାର୍ଗ—୧-ଶୁଦ୍ଧଦୃଷ୍ଟି ସାର,
୨-ସତ୍ୟବାକ୍ୟ, ୩-ଶୁଦ୍ଧ କଳ୍ପ, ୪-ସାଧୁ ବ୍ୟବହାର,
୫-ପୁଣ୍ୟକର୍ମ, ୬-ଶୁଦ୍ଧସ୍ମୃତି, ୭-ନିତ୍ୟ ସତ୍ୟଧ୍ୟାନ,
୮-ନମ୍ରପଣ୍ୟ ରୂପେ ହୃଦେ ବୁଦ୍ଧତତ୍ତ୍ୱଜ୍ଞାନ ।

୪୨

ଦଶ ଦୁଷ୍କର୍ମ ଜୀବ କଲେ ଦଣ୍ଡି ଦେଶ୍ୱର—
୧-ଚୌର୍ଯ୍ୟ, ୨-ହିଂସା, ୩-ପିଶୁନତା, ୪-ପରଦ୍ୱେଷ ଆଗ୍ରହ,
୫-ଲମ୍ପଟତା, ୬-ମିଥ୍ୟାଗ୍ରହ, ୭-ପରୁଷଭାଷିତା,
୮-ପ୍ରାଣୀହିଂସା, ୯-ମିଥ୍ୟାଦୃଷ୍ଟି, ୧୦-ବୋଲିବାର ମିଥ୍ୟା ।

୪୩

ଉଦ୍ୟମ ସୁଖରେ ମଜି ନୁହ ଭିକ୍ଷୁଗଣ !
ନ କର ସନ୍ନ୍ୟାସକ୍ରେ ଦେହ କଷ୍ଟୀକନ !
ମଧ୍ୟମାର୍ଗେ ଥାଇ—ଦଶ କଷ୍ଟର କାରଣ
ଛେଦି ଅଷ୍ଟ ସାଧୁ କାର୍ଯ୍ୟ କର ଆଚରଣ ।

୪୪

ଦବେଳ ଅଶ୍ରମେ ହୁଅ ଧ୍ୟାନେ ଅଗ୍ରସର,
ବଶୁଭ ଶରୀର ମନ ଇଶ ନିରନ୍ତର ।
ସହଜେ ଅବିଦ୍ୟା ଦୂର ହେବ ଜ୍ଞାନୋଦୟ,
ତଦା ସତ୍ୟ ଓ ଅସତ୍ୟ ଜ୍ଞାନେ ପରିଚୟ ।

୪୫

ଲୋଭ ଜନ୍ମିଲେ ମନେ ଉଦ୍ୟମ ସୁଖରେ,
ଦେଖିବ ପ୍ରକୃତିଲୀଳା ପ୍ରଜ୍ଞାନ ବଳରେ ।
ଲଭିବ ଲହରୀ ସମ ଜୀବନ ସାଗରେ,
ଥାଇବ ସୌନ୍ଦର୍ଯ୍ୟ ଭୂଷା ପର୍ଯ୍ୟାୟକ୍ରମରେ ।

୪୬

ଏବଂ ସକଳ ବସ୍ତୁ ଲଭନ୍ତି ସମାନ,
ଜନ୍ମ ଜନ୍ମାନ୍ତରେ ଜୀବ ତୁଏ ଧାରିମାନ,
ଉତ୍ଥାନ ପତନ ଲଭିଲା ଅନନ୍ତ ସାଗରେ,
ଲଭନ୍ତି ଜୀବନଲୀଳା ଅନନ୍ତ ରୂପରେ ।

୪୭

ଏହି ଜୀବ କାଳସ୍ରୋତେ ଅନନ୍ତ ଅପାର
କର୍ମଫଳ ସୁଖ ଦୁଃଖ ବନ୍ଧ ପ୍ରକାର
ଭୁଞ୍ଜେ । କେଳାଭୂମି ଉର୍ଦ୍ଧେ ହିଁ ସ୍ରୋତମାନ,
ଜଳେ ଲୀନ ଜୀବଲୀଳା ଲଭଲେ ନିର୍ବାଣ ।

୪୮

ଏହି ଜୀବ ବସ୍ତୁ ଜନ୍ମେ ବସ୍ତୁ ସୃଷ୍ଟି ପର
ରଚିତ କୁସୁମହାର କର୍ମସୂତ୍ର ଧର ।
ବନ୍ଧ ଯୋଜନେ ଜନ୍ମ ବନ୍ଧ ପ୍ରକାର,
ଛିନ୍ନ କର୍ମସୂତ୍ରେ ଜୀବ ପୁଷ୍ପ ଏକାକାର ।

୪୯

ସାଧନା ବଳରେ ଜୀବ ଅପ୍ରତିହତ
ହେଲେ ସୁଖ ଦୁଃଖ ଦୂର, ନିର୍ବାଣ ନିଶ୍ଚିତ ।
ଅନ୍ତିମ ଜୀବନ ଲଭେ ନିର୍ବାଣ ଅତୁଳ;
ଲୁପ୍ତ ଜନ୍ମସାଧନା ଶକ୍ତି ଉଦ୍ଭୂତ ଚଞ୍ଚଳ ।

୫୦

ନିର୍ବାଣ ଜୀବନେ ଜନ୍ମ, ଜରା ବା ମରଣ
ହେବ ଲୁପ୍ତ ସୁଖ ଦୁଃଖ ଲୀଳାସାଧାରଣ ।
ସହଜରେ ଜୀବ ଶିବ ହେବ ସେ କାଳରେ,
ଭୁବନ ଲଭିବ ନିସ୍ତାରଣ ! ସହଜରେ ।

୫୧

ନିର୍ବାଣ ସନ୍ନିଧ ପଥ ପବିତ୍ର ସୁଚାରୁ,
ଭିତ୍ତି ଧର୍ମଚକ୍ର, ଶୁଦ୍ଧ ସତ୍ୟ ତା ପ୍ରାଚୀର ।
ଅଷ୍ଟ ସ୍ତମ୍ଭ ମହାସତ୍ୟ ସୌଧ ପ୍ରତିଷ୍ଠିତ,
ଲଭିବେ ସେ ସୁଦେହ ଭିକ୍ଷୁ ଭିକ୍ଷୁଣୀ ବାଞ୍ଛିତ ।

୫୨

ଯାଅ ଭିକ୍ଷୁଗଣ ! ବୁଲ ଦେଶ ଦେଶାନ୍ତରେ,
ନିର୍ଭୟ ଅନ୍ତରେ ନବଧର୍ମଯଷ୍ଟି କରେ ।
କର ଭ୍ରାନ୍ତିଗ୍ରସ୍ତ ପ୍ରାଣିମାନଙ୍କୁ ଉଦ୍ଧାର,
ବୁଦ୍ଧ, ଧର୍ମ, ସଙ୍ଘ ପୂର୍ଣ୍ଣ ନିର୍ବାଣ ପ୍ରସ୍ତର ।

୫୩

ହିଂସିଲ ଯେ ଧର୍ମ କର ପ୍ରମାଣ ଜୀବନେ,
ପ୍ରବେଶ ଦୁର୍ଗମ ମାର୍ଗେ ଗହନ କାନନେ ।
ଭୂଧରେ, ସାଗରେ, ଦେଶେ, ଗ୍ରାମେ, ଲୋକାଳୟେ
ପ୍ରଚାର ନିର୍ବାଣତତ୍ତ୍ୱ ନିର୍ଭୟହୃଦୟେ ।
କରିବ କର୍ତ୍ତବ୍ୟ କାର୍ଯ୍ୟ ସାଧନ କେବଳ,
ଚିନ୍ତିତ ହେବ ନାହିଁ ନ ହେଲେ ସଫଳ,
ସାଫଲ୍ୟ ବିଷୟେ କିଛି ନ କର ବିଚାର,
ମଣିବ କେବଳ କର୍ମେ ତୁମ୍ଭ ଅଧିକାର ।

* * * * *

ମହାନିର୍ବାଣର କାଳ ଏବେ ଉପସ୍ଥିତ,
ଜାଣିବ, ନିଶ୍ଚେ ବୁଦ୍ଧ ନୟନ ମୁଦ୍ରିତ,
କଲେ ଜୟ ଜୟ ଧ୍ୱନି ମିଳି ଭିକ୍ଷୁଗଣ—
ଧର୍ମ ମେ ଶରଣ—
ବୁଦ୍ଧ ମେ ଶରଣ—
ସଙ୍ଘ ମେ ଶରଣ—

ମହାକଶେ ମହାକଥା ଶାନ୍ତ ସୁଗମ୍ଭୀର,
ନୀରବ କାନନ, ନୈଶ ପବନ ସୁସ୍ଥିର ।
ମିଳିତ ଭିକ୍ଷୁକଗଣ ପ୍ରାଣେ ମହାକଥା
ପ୍ଲାବିତ—ଚନ୍ଦ୍ରିକା ସୁଧା ମହାବନେ ଯଥା ।
ଶାଳ ମହାତରୁତଳେ ଦେବ ମୂର୍ତ୍ତିମାନ,
ସମାଧିସ୍ଥ ବୁଦ୍ଧଦେବ ଲଭିଲେ ନିର୍ବାଣ ।
ନୈଶ ନୀରବତା ନାଶି ଭକ୍ତେ ଭିକ୍ଷୁଗଣ
ଗାଇଲେ ଗମ୍ଭୀରେ ସର୍ବେ—

ବୁଦ୍ଧ ମେ ଶରଣଂ ।

ଗୁରୁଦେବ ଶେଷ ପଦଧୂଳି ଲେପି ଶିରେ,
ବୁଦ୍ଧ ମେ ଶରଣଂ—ଭକ୍ତେ ଗାଇଲେ ଭକ୍ତିରେ ।
ଘୃତଲିପ୍ତ ତୁଳାରାଶି ଲେପି ଶ୍ରୀ ଅଙ୍ଗରେ,
ସଜାଇ ପବିତ୍ର ଚିତା ଚନ୍ଦନକାଷ୍ଠରେ,
ପୋଡ଼ି ଦୈବଦେହ ଭକ୍ତି ବନ୍ଦନ ସମ୍ମାନେ
ଅନଳ ପ୍ରଦାନ କଲେ ଜଣା ଅବଧାନେ ।
ଶିଷ୍ୟଗଣ, ଭାରତର ନରପତିଗଣ
ସ୍ଥାନେ ସ୍ଥାନେ ଚିତାଭସ୍ମ କଲେକ ସ୍ଥାପନ ।
ଦେଶ ଦେଶାନ୍ତରେ ଶିଷ୍ୟ, ନୃପତି ଭକ୍ତିରେ
ଥାପିଲେ ବୁଦ୍ଧଙ୍କ ଦନ୍ତ ପବିତ୍ର ମଠରେ ।
ଭାରତ ଦକ୍ଷିଣ ପ୍ରାନ୍ତ ସାଗର ଗର୍ଭରେ,
ସିଂହଳର ଅଧୀଶ୍ୱର ଭକ୍ତି ଚନସ୍ୱରେ,
ବୁଦ୍ଧଙ୍କ ପବିତ୍ର ଜାନୁ ପବିତ୍ର ଆଗାରେ,
ଅର୍ଚ୍ଚିତ, ପଠିତ, ସ୍ତୁତ ପବିତ୍ର ବିହାରେ ।